



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-185 ◆BHUBANESWAR ◆TUESDAY ◆31 DECEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୮୫ ◆ଭୁବନେଶ୍ୱର ◆ମଙ୍ଗଳବାର ◆୩୧ ଡିସେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦


# ଚାଷୀଙ୍କୁ ଦମ୍ଭ ଦେଲେ ନବୀନ

## ଆପଣଙ୍କ ସହ ଥିଲି, ଅଛି, ରହିବି

■ **ବ୍ରହ୍ମପୁର/ହିଞ୍ଜିଳି/ଶେରଗଡ଼/ ଭୁବନେଶ୍ୱର, ୩୦।୧୨ (ସମିସ):** ଅଦିନିଆ ବର୍ଷାମାଡ଼ରେ ଭାଙ୍ଗି ଯାଇଛି ଚାଷୀଙ୍କ ଅଣ୍ଟା । ବିଲରେ ଲୋଟୁଛି ଅମଳକ୍ଷମ ସୁନାର ଫସଲ । ଫସଲ କ୍ଷତି ସହି ନ ପାରି ୧୦ ଦିନରେ ଯାଇଛି ୬ ଚାଷୀଙ୍କ ଜୀବନ । କ୍ଷମତାରେ ଥିବାବେଳେ ନିଜ ସରକାରକୁ ଚାଷୀଙ୍କ ପାଇଁ ଉତ୍ସର୍ଗ କରିଥିବା ନବୀନ ଏହି ଅସମୟରେ ପହଞ୍ଚିଛନ୍ତି ଚାଷୀଙ୍କ କ୍ଷେତରେ । ଗଞ୍ଜାମ ଜିଲ୍ଲାର ୩ଟି ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି । କ୍ଷମତାରେ ଥାଏ ବା ନ ଥାଏ, ଆପଣଙ୍କ ସହ ମୁଁ ସବୁଦିନ ଥିଲି, ଏବେ ବି ରହିଛି ଓ ଭବିଷ୍ୟତରେ ବି ରହିବି ବୋଲି ସେମାନଙ୍କ କାନ୍ଧରେ ହାତ ରଖି ଆଶ୍ୱାସନା ଦେଇଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ।

ଆଜି ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ନବୀନ ଶେରଗଡ଼ର ଟକରଡ଼ା, ହିଞ୍ଜିଳିର ପୋଡିଙ୍ଗି, ଆସ୍କାର ବରଗାଁ, କବିସୂର୍ଯ୍ୟନଗରର ଆମ୍ବିଶିଖରପୁର ଓ ଖଲିକୋଟର ଭରସାଗାଁରେ ପହଞ୍ଚିଛନ୍ତି । ସେମାନଙ୍କ କ୍ଷତିଗ୍ରସ୍ତ କ୍ଷେତରେ ନବୀନ ପହଞ୍ଚିଥିବା ଖବର ପାଇ ଶହ ଶହ ଚାଷୀ ତାଙ୍କୁ ଭେଟି ନିଜ ଦୁଃଖ ବଖାଣିଛନ୍ତି । ସରକାରଙ୍କ ଅପାରଗତାକୁ କଟୁ ସମାଲୋଚନା କରିଛନ୍ତି । ନବୀନଙ୍କ ସରକାର ସମୟରେ କିପରି ପ୍ରାକୃତିକ ବିପତ୍ତି ସମୟରେ ଅନାୟାସେ ସହାୟତା ପାଉଥିଲେ ଓ ଏବେ କିପରି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତାହାକୁ ବଖାଣିଛନ୍ତି । ପୂର୍ବ ସରକାର ଅମଳରେ କିପରି ଚାଷୀମାନଙ୍କ ସମସ୍ୟା ବୁଝାଯାଇ ବିହିତ ପଦକ୍ଷେପ ନିଆଯାଉ ଥିଲା ଆଉ ଏବେ କିପରି ଚାଷୀମାନଙ୍କୁ ହତାଦର କରାଯାଉଛି ତାହା ସେମାନେ



### ▶▶ କ୍ଷତିଗ୍ରସ୍ତ କ୍ଷେତ ବୁଲି ଦେଖିଲେ ବିରୋଧୀ ଦଳ ନେତା
### ▶▶ ନବୀନଙ୍କୁ ପାଖରେ ପାଇ ଚାଷୀଙ୍କ ଆଖି ଛଳଛଳ
### ▶▶ ଆଜି ଚାରି ଜିଲ୍ଲାର ଚାଷୀଙ୍କୁ ଭେଟିବେ ନବୀନ

ଜଣ ଜଣ କରି ନବୀନଙ୍କ ଆଗରେ ପ୍ରକାଶ କରିଛନ୍ତି । ରାଜ୍ୟ ସରକାର ଚାଷୀଙ୍କ ପ୍ରତି ସାମାନ୍ୟ ସମ୍ବେଦନା ପ୍ରକାଶ କରି ଉଚିତ ପଦକ୍ଷେପ ନେଇଥାନ୍ତେ ତା ହେଲେ ଆଜି ହୁଏତ ସେମାନେ ଏତେ ବଡ଼ ଦୁର୍ଦ୍ଦଶା ଭୋଗିନଥାନ୍ତେ ବୋଲି ବାଷ୍ପରୁଦ୍ଧ କଣ୍ଠରେ କହିବା ସହ ଅନେକ ଚାଷୀ କଇଁ କଇଁ ହୋଇ କାନ୍ଦିଛନ୍ତି । ବର୍ଷା ଓ ଏହାର ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ଆମକୁ କୌଣସି ଆଗୁଆ ସୂଚନା ଦିଆଗଲା ନାହିଁ । ଆଗୁଆ ସୂଚନା ଦେଇଥିଲେ ଆମ ଫସଲ ବଞ୍ଚିଯାଇଥାନ୍ତା । ଏତେ ଦିନ ଧରି ବର୍ଷା ପାଣିରେ ସୁନାର ଫସଲ ଭିଜି ଭିଜି ନଷ୍ଟ ହେଲା ପରେ ସରକାରୀ ଅଧିକାରୀଙ୍କ ଦେଖା ମିଳିଲା ନାହିଁ । ଫସଲ ବୀମା ମିଳିବ କି ନାହିଁ, ସରକାରୀ କ୍ଷତିପୂରଣ ମିଳିବ କି ନାହିଁ ତାହା ମଧ୍ୟ ସରକାର ସ୍ପଷ୍ଟ କରୁନାହାନ୍ତି ବୋଲି ନଷ୍ଟ ହୋଇଥିବା ଫସଲକୁ ଦେଖାଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିକଟରେ କୋହ ଭରା କଣ୍ଠରେ ଏପରି ସାଂଘାତିକ ଅଭିଯୋଗ ଆଣିଛନ୍ତି ଗଞ୍ଜାମ ଜିଲ୍ଲାର ଚାଷୀ । ଏହା ସହିତ ସେମାନଙ୍କୁ ନ୍ୟାୟ ଦେବା ପାଇଁ ମଧ୍ୟ ନବୀନଙ୍କୁ ଗୁହାରି କରିଛନ୍ତି । ▶ପୃଷ୍ଠା-୭

**ଶ୍ରୀମନ୍ଦିରରେ ପ୍ରବଳ ଭିଡ଼**

# ଭକ୍ତ ଅଣନିଃଶ୍ୱାସୀ

## ୧୦ ଅସୁସ୍ଥ, ୪ ହସ୍ପିଟାଲରେ ଭର୍ତ୍ତି



■ **ପୁରୀ, ୩୦।୧୨ (ସମିସ):** ନୂଆବର୍ଷ ଅବ୍ୟବହିତ ପୂର୍ବରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । ସୋମବାର ମନ୍ଦିରରେ ଭିଡ଼ ଯୋଗୁଁ ଠେଲାପେଲା ଘଟି ୧୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇପଡ଼ିଥିଲେ । ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବା ସୂଚନା ମିଳିଛି । ଦିନକ ପରେ ନୂଆବର୍ଷ ଦୃଷ୍ଟିରୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହେବ । ତେବେ ଏହି ଗହଳିକୁ କିପରି ପ୍ରଶାସନ ନିୟନ୍ତ୍ରଣ କରିବ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଶ୍ରୀମନ୍ଦିରରେ ଦର୍ଶନ ବିଶୃଙ୍ଖଳା ବଢ଼ିଚାଲିଛି । ପୂର୍ବାପେକ୍ଷା ଭକ୍ତଙ୍କ ସଂଖ୍ୟା ମଧ୍ୟ ଢେର୍ ବଢ଼ିଯାଇଛି । ସାଧାରଣ ଦିନରେ ତ ଯାହା ଯେମିତି ଚଳି ଯାଉଛି ହେଲେ ଛୁଟି ଦିନ ଏବଂ ବିଶେଷ ପର୍ବପର୍ବାଣୀମାନଙ୍କରେ ଭିଡ଼ ଅସମ୍ଭାଳ ହୋଇପଡୁଛି । ▶ପୃଷ୍ଠା-୭

# ଚାଷୀଙ୍କ ପଞ୍ଜାବ ବନ୍ଦ ଯୋଗୁଁ ୨୦୦ ଟ୍ରେନ ବାତିଲ

■ **ନୂଆଦିଲ୍ଲୀ, ୩୦।୧୨ (ଏଜେନ୍ସି):** ଏମଏସପି ଗ୍ୟାରେଣ୍ଟି ଏବଂ ଅନ୍ୟାନ୍ୟ ଦାବିକୁ ନେଇ ସୋମବାର ଚାଷୀଙ୍କ ପଞ୍ଜାବ ବନ୍ଦ ଆନ୍ଦୋଳନ ସାରା ରାଜ୍ୟକୁ ପ୍ରଭାବିତ କରିଛି । କିଷାନ ମଜଦୁର ମୋର୍ଚ୍ଚା(କେଏମଏମ) ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚା( ଏସକେଏମ) ଦ୍ୱାରା ଡକରା ଦିଆଯାଇଥିବା ଏହି ବନ୍ଦ ଆନ୍ଦୋଳନରେ ପଞ୍ଜାବର ସବୁ ଜିଲ୍ଲାରେ ଚାଷୀମାନେ ସାମିଲ ହେବା ସହିତ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାଦ୍ୱାରା ରାଜ୍ୟର ସମସ୍ତ ପ୍ରମୁଖ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଏବଂ ଟ୍ରେନ ଚଳାଚଳ ଗୁରୁତର ଭାବେ ବ୍ୟାହତ ହୋଇଥିଲା । ରାଜଧାନୀ, ଶତାବ୍ଦୀ ଏବଂ ବନ୍ଦେ ଭାରତ ଏକ୍ସପ୍ରେସ ଭଳି ଦ୍ରୁତଗାମୀ ଟ୍ରେନଗୁଡ଼ିକ ସମେତ ପଞ୍ଜାବ ଦେଇ ଚଳାଚଳ କରୁଥିବା ୨୦୦ରୁ ଅଧିକ ଟ୍ରେନ ବାତିଲ କରି ଦିଆଯାଇଥିଲା । ସେହିପରି ବିଭିନ୍ନ ରାଜପଥରେ ହଜାର ହଜାର ସଂଖ୍ୟାରେ ଗାଡି ଅଟକି ରହିଥିବାରୁ ଟ୍ରାଫିକ୍ ସମସ୍ୟା ଉତ୍କଟ ▶ପୃଷ୍ଠା-୭

**ସାରା ରାଜ୍ୟରେ ରାଜପଥ ଅବରୋଧ**

**୩୫ ଦିନରେ ଦଲେୱାଲଙ୍କ ଆମରଣ ଅନଶନ**

# ୩ ଦିନ ଧରି ମଣ୍ଡିରୁ ଉଠୁନି ଧାନ

## ଧାନବସ୍ତା ରଖି ଚାଷୀଙ୍କ ରାସ୍ତା ଅବରୋଧ



■ **କୋଷାଗୁମୁଡ଼ା, ୩୦।୧୨ (ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ରାଜୋଡା ମଣ୍ଡିରେ ଗତ ତିନିଦିନ ଧରି ଚାଷୀଙ୍କ ଧାନ ପଡ଼ି ରହିଛି । ମିଲର୍ସମାନେ ଅଧିକ କଟନୀ-ଛଟନୀ ପାଇଁ ଦାବି କରି ଧାନ ଉଠାଉ ନାହାନ୍ତି । ଏହାର ପ୍ରତିବାଦରେ ଆଜି ଚାଷୀମାନେ ନବରଙ୍ଗପୁର-କୋଷାଗୁମୁଡ଼ା ମୁଖ୍ୟ ରାସ୍ତାରେ ଉପରେ ଧାନବସ୍ତା ରଖି ଅବରୋଧ କରିଛନ୍ତି । ସ୍ଥାନୀୟ ଯୋଗାଣ ଅଧିକାରୀ, ଲ୍ୟାମ୍ପସ କର୍ମଚାରୀ, ଆରଏମ୍‌ସି ଅଧିକାରୀ, ▶ପୃଷ୍ଠା-୭

# ଫସଲ କ୍ଷତି ସୂଚନା ଅବଧି ୩ ଦିନ ବଢ଼ିଲା

■ **ଭୁବନେଶ୍ୱର, ୩୦।୧୨ (ସମିସ):** ଅଦିନିଆ ବର୍ଷାଜନିତ ଚାଷ କ୍ଷୟକ୍ଷତି ସଂପର୍କରେ ସୂଚନା ଦେବା ଅବଧିକୁ କେନ୍ଦ୍ର ସରକାର ଆଉ ୩ଦିନ ବୃଦ୍ଧି କରିଛନ୍ତି । ପ୍ରଧାନମନ୍ତ୍ରୀ ଫସଲ ବୀମାଭୁକ୍ତ ଚାଷୀମାନେ ଆସନ୍ତା ୧ତାରିଖ ସୁଦ୍ଧା ନିଜ ନିଜର ଫସଲ କ୍ଷତି ସଂପର୍କରେ ବୀମା କମ୍ପାନୀମାନଙ୍କୁ ସୂଚନା ଦେଇପାରିବେ । ଏ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ଫସଲ କ୍ଷତି ସଂପର୍କରେ ସୂଚନା ଦେବା ପାଇଁ ଚାଷୀମାନଙ୍କୁ ଅଧିକ ସମୟ ପ୍ରଦାନ କରିବାକୁ ଦାବି ହୋଇଆସୁଥିଲା । ଏହାକୁ ଆଧାର କରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର କୃଷି ଓ କୃଷକ ▶ପୃଷ୍ଠା-୭

**ଜାନୁଆରୀ ୧ ପର୍ଯ୍ୟନ୍ତ ଆବେଦନ ଅବଧି ବୃଦ୍ଧି**

**ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ**

# '୨୪ ପ୍ରଶ୍ନର ଉତ୍ତର '୨୫ରେ ମିଳିବ ତ ?

■ **ଭୁବନେଶ୍ୱର, ୩୦ ।୧୨ (ସମିସ):** ଆଉ କିଛି ଘଣ୍ଟା ପରେ ବିଦାୟ ନେବାକୁ ଯାଉଛି ୨୦୨୪ । ଏହି ବର୍ଷରେ ଆମକୁ କଣ ମିଳିଛି, ଆମେ କଣ ହରାଇଛୁ ଏବଂ କେଉଁ ଆଶା ଅପୂରଣୀୟ ହୋଇ ରହିଗଲା, ସେ ସଂପର୍କରେ ସମୀକ୍ଷା କରିବା ଲାଗି ଏହା ହେଉଛି ଉତ୍କୃଷ୍ଟ ସମୟ । ଆଶା ଓ ଉତ୍କଣ୍ଠା ଭିତରେ ଆରମ୍ଭ ହୋଇଥିବା ଏହି ବର୍ଷ ବିତର୍କ ମଧ୍ୟରେ ଶେଷ ହୋଇଛି । ମ ସମ୍ବିଧାନକୁ ୭୫ ବର୍ଷ ହେବାକୁ ଯାଉଛି । ଭାରତୀୟ ଗଣତନ୍ତ୍ରର ଧର୍ମଗ୍ରନ୍ଥ ବୋଲି କୁହାଯାଉଥିବା ସମ୍ବିଧାନ ପ୍ରତି ଆମର ଆନୁଗତ୍ୟ ଓ ଆନ୍ତରିକତା କେତେ? ଏହା ଉପରେ ଆତ୍ମସମୀକ୍ଷା ନକଲେ ଏହା କେବଳ ଦେଶ ନୁହେଁ, ଆମଭଳି ଦେଶବାସୀଙ୍କ ପ୍ରତି ଅନ୍ୟାୟ ହେବ ବୋଲି କହିଲେ ଭୁଲ ହେବନାହିଁ । ବିଶେଷ କରି ଆମର ନେତା, ମନ୍ତ୍ରୀ ତଥା ସାମ୍ବିଧାନିକ ପଦବୀରେ ବସିଥିବା ଅନେକ ବ୍ୟକ୍ତିଙ୍କ ଆଚରଣ ଓ ଉଚ୍ଚାରଣ ଜାତୀୟ ରାଜନୀତି, ଅର୍ଥନୀତି, ସାମାଜିକ ସଂପର୍କ ଓ ବିଚାର ବ୍ୟବସ୍ଥାକୁ ପ୍ରଭାବିତ କରୁଥିବାରୁ ଏହାଉପରେ ଆଲୋଚନା କରିବାର ଆବଶ୍ୟକତା ରହିଛି ।

୨୦୨୪ ବର୍ଷର ଶୁଭାରମ୍ଭ ହୋଇଥିଲା ଅଯୋଧାରେ ରାମ ମନ୍ଦିର ଉଦଘାଟନ ଉତ୍ସବରୁ । ବିଭିନ୍ନ କାରଣ ଯୋଗୁଁ ଉଦ୍‌ଘାଟନ ଉତ୍ସବକୁ ନେଇ ବିତର୍କ ଲାଗି ରହିଥିଲେ ମଧ୍ୟ ସାରା ଦେଶରେ ଏହା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ଏଥିରେ କାହାରି ଦ୍ୱିମତ ନାହିଁ । ସବୁ ଶ୍ରେଣୀ, ଧର୍ମ ଓ ବର୍ଗର ଲୋକେ ଏଥିରେ ସାମିଲ ହୋଇ ଏହାକୁ ମହାପର୍ବରେ ପରିଣତ କରିଥିଲେ । କିନ୍ତୁ କାହିଁକି କେଜାଣି କେତେକ ବ୍ୟକ୍ତି/ଗୋଷ୍ଠୀ ଏଭଳି ପରିବେଶକୁ ନଷ୍ଟ କରିବା ଲାଗି ବର୍ଷର ଶେଷ ଭାଗରେ ମନ୍ଦିର/ମସଜିଦ ନାମରେ ଯେଭଳି ବିବାଦ ସୃଷ୍ଟି କଲେ, ତାହା ଜଣେ ସାଧାରଣ ବ୍ୟକ୍ତିର କଳ୍ପନାର ବାହାରେ । ଏଭଳି ବିବାଦର ଅବସାନ କେବେ? ଏହି ପ୍ରଶ୍ନ ଏବେ ସମସ୍ତଙ୍କୁ ଆନ୍ଦୋଳିତ କରିବାରେ ଲାଗିଛି । ରାଜନୈତିକ ଦୃଷ୍ଟିକୋଣରୁ ଏହି ବର୍ଷଟି ବେଶ ଗୁରୁତ୍ୱ ବହନ କରୁଛି । ବର୍ଷ ଆରମ୍ଭରୁ ସଫଳତା ସହିତ ସଂପନ୍ନ ହୋଇଥିଲା ଗଣତନ୍ତ୍ରର ମହାପର୍ବ । ଲୋକସଭା ସହିତ ଓଡ଼ିଶା ସମେତ ୪ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଫଳାଫଳ ବିସ୍ମୟ ସୃଷ୍ଟିକାରୀ ହୋଇଥିବା ବେଳେ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)କୁ ନେଇ ସୃଷ୍ଟି ହୋଇଥିଲା ବିବାଦ । ଯାହାକି ଭାରତର ନିର୍ବାଚନ କମିସନଙ୍କୁ ବିବାଦ ଘେରକୁ ▶ପୃଷ୍ଠା-୭




# ବିବାଦ, ବିତର୍କ, ବିଲକ୍ଷଣର ବର୍ଷ

୨୦୨୪ । ଓଡ଼ିଶା ରାଜନୈତିକ ଇତିହାସରେ ସମ୍ଭବତଃ ସର୍ବାଧିକ ବିତର୍କ, ବିବାଦ ଓ ବିଲକ୍ଷଣର ବର୍ଷ । ବିଜୁ ଜନତା ଦଳଠାରୁ କମ୍ ଭୋଟ ପାଇ ରାଜ୍ୟରେ ବିଜେପି କ୍ଷମତାସୀନ ହେବା ଯେତିକି ବିତର୍କ ସୃଷ୍ଟି କରିଥିଲା; ତା'ଠାରୁ ଅଧିକ ବିବାଦ ସୃଷ୍ଟି କରିଥିଲା ରାଜ୍ୟର୧୮ ଟି ଲୋକସଭା କ୍ଷେତ୍ରରେ ୪୨ ଲକ୍ଷ ବିବାଦୀୟ ଭୋଟ । ରାଜ୍ୟରେ ବିଜେପିଠାରୁ ବିଜେଡ଼ିକୁ ୩୭ ୬୨୭ ଖଣ୍ଡ ଅଧିକ ଭୋଟ ମିଳିବା ସତ୍ତ୍ୱେ ଆସନ ସଂଖ୍ୟା ଦୃଷ୍ଟିରୁ ବିଜେପିକୁ ମିଳିଥିଲା ସଂଖ୍ୟା ଗରିଷ୍ଠତା । ତିନି ରାଜନୈତିକ ଦଳ ପାଇଁ ନିର୍ବାଚନ ଫଳ ଥିଲା ଅପ୍ରତ୍ୟାଶିତ । ବିଜେଡିର ପରାଜୟ ଯେତିକି ଆକସ୍ମିକ ଥିଲା, ତହିଁରୁ ଅଧିକ ଅବିଶ୍ୱାସ୍ୟ ଥିଲା ବିଜେପି ଓ କଂଗ୍ରେସର ସଫଳତା । ୨୦୧୯ରେ ୯ ଆସନରେ ଅଟକିଥିବା କଂଗ୍ରେସ ଏଥର ୫ ଅତିକ୍ରମ କରିବ ନାହିଁ ବୋଲି ରାଜନୈତିକ ପଣ୍ଡିତମାନଙ୍କ ଗଣନା ଭୁଲ ସାବ୍ୟସ୍ତ ହୋଇଥିଲା ଓ ସର୍ବାଧିକ ୫୦ ଆସନ ମଧ୍ୟରେ ବିଜେପି ରଥ ଅଟକିବ ବୋଲି ସବୁ ଆକଳନ ମଧ୍ୟ ଅସତ୍ୟ ହୋଇଥିଲା । ବିଜେଡି ୫୧ ଆସନରେ ଅଟକି ଯାଇଥିବାବେଳେ ବିଜେପି ୭୮ ଓ କଂଗ୍ରେସ ୧୪ଟି ଆସନରେ ବିଜୟୀ ହୋଇଥିଲେ । ୩ ଜଣ ସ୍ୱାଧୀନ ବିଧାୟକ ବିଜୟରେ ଟୀକା ପିନ୍ଧିଥିବା ବେଳେ ଜଣେ ସିପିଆଇ(ଏମ୍) ବିଧାୟକ ମଧ୍ୟ ନିର୍ବାଚନ ବୈତରଣୀ ପାର୍ ହେବାରେ ସକ୍ଷମ ହୋଇଥିଲେ ।



## ନବୀନ ନମ୍ବର ୱାନ

ଗତ ବିଧାନସଭା ନିର୍ବାଚନ ଜିଣିଥିଲେ ନବୀନ କ୍ରମାଗତ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ । ଜାତୀୟସ୍ତରରେ ସର୍ବାଧିକ ସମୟ ମୁଖ୍ୟମନ୍ତ୍ରୀ ଭାବରେ ରେକର୍ଡ ମଧ୍ୟ କରିଥାନ୍ତେ । ନିର୍ବାଚନରେ ବିଜେପି ଅପ୍ରତ୍ୟାଶିତ ସଫଳତା ପାଇ ସରକାର ଗଢ଼ିଥିଲେ ହେଁ ରାଜ୍ୟବାସୀ ନବୀନଙ୍କୁ ଭୁଲି ପାରିନାହାନ୍ତି । ନିର୍ବାଚନ ପରେ ତାଙ୍କର ଲୋକପ୍ରିୟତା ଅସମ୍ଭବ ଭାବରେ ବୃଦ୍ଧି ପାଇଛି । ନମ୍ର ଆଚରଣ ନବୀନଙ୍କୁ ଏବେ ବି ଶୀର୍ଷ ରାଜନେତାର ମର୍ଯ୍ୟାଦା ଦେଇଛି । ବିଜେପି ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ନବୀନଙ୍କ ଉପସ୍ଥିତି, ରଥଯାତ୍ରା ସମୟରେ ମଞ୍ଚାସୀନ ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ମଞ୍ଚ ତଳୁ ନବୀନଙ୍କ ପ୍ରଣାମ ମୁଦ୍ରା ତାଙ୍କୁ ଅଧିକ ପ୍ରଣମ୍ୟ କରି ଦେଇଛି । ରାଜ୍ୟର କୋଟିକୋଟି ଲୋକଙ୍କ ପାଇଁ ନବୀନ ଏବେ ବି ମୁଖ୍ୟମନ୍ତ୍ରୀ ରହିଛନ୍ତି । ଯେଉଁ ସଭା, ସମିତିକୁ ନବୀନ ଯାଉଛନ୍ତି, ତାଙ୍କୁ ଦେଖିବା ପାଇଁ ଲୋକଙ୍କ ପ୍ରବଳ ସମାଗମ ଘଟୁଛି । ନବୀନଙ୍କୁ ଦେଖିବା କ୍ଷଣି ଅନେକଙ୍କ ଆଖିରୁ ଦୁଇଧାର ଲୁହ ଆପେ ଆପେ ବାହାରି ଆସୁଛି । ଏ ଆକର୍ଷଣ, ଏ ଭଲପାଇବା କ୍ୱଚିତ୍ ନେତାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥାଏ ଓ ସେମାନଙ୍କ ମଧ୍ୟରେ ସମ୍ଭବତଃ ନବୀନ ପ୍ରଥମ ଓ ଏକମାତ୍ର ରାଜନେତା ।

## ମୋହନଙ୍କ ମୁଣ୍ଡରେ ସୁନା କଳସ



ନିର୍ବାଚନରେ ଅପ୍ରତ୍ୟାଶିତ ବିଜୟ ଲାଭ କରିଥିଲେ ବି ମୁଖ୍ୟମନ୍ତ୍ରୀ ବାଛିବାରେ ବିଜେପି ଜାତୀୟ ନେତୃତ୍ୱ ଗଳଦଘର୍ମ ହୋଇଥିଲେ । କିଏ ମୁଖ୍ୟମନ୍ତ୍ରୀ ହେବେ ସେଥିନେଇ ଅନେକ ଦିନ ଅଙ୍କକଷା ଚାଲିଲା । ସପ୍ତାହେ ପର୍ଯ୍ୟନ୍ତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ, ବରିଷ୍ଠ ନେତା କେ ଭି ସିଂହଦେଓ, ସୁରେଶ ପୂଜାରୀ ପ୍ରମୁଖଙ୍କ ନାମକୁ ନେଇ ଚର୍ଚ୍ଚା ହେଲା । ଶେଷରେ ଦିଲ୍ଲୀ ଚିଠାରେ ଆସିଲା ମୋହନ ଚରଣ ମାଝୀଙ୍କ ନାମ । ଓଡ଼ିଶା ପାଇଁ ନିଯୁକ୍ତ ହୋଇଥିବା ପର୍ଯ୍ୟବେକ୍ଷକ ତଥା କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କେନ୍ଦୁଝରର ୪ ଥରର ବିଧାୟକ ମୋହନ ଚରଣ ମାଝୀଙ୍କ ନାମ ଘୋଷଣା କରିଥିଲେ । ସରକାର ପାଇଁ ସଂଖ୍ୟା ଗରିଷ୍ଠତା ହାସଲ ପରେ ମନ୍ତ୍ରୀ ପଦ ପାଇଁ ଆଶା କରିଥିବା ମୋହନଙ୍କ ମୁଣ୍ଡରେ ଜାତୀୟ ନେତୃତ୍ୱ ସୁନା କଳସ ଢ଼ାଳିଦେଲେ ।

## ବିବାଦ ଘେରରେ ରାଜ୍ୟପାଳ

ଓଡ଼ିଶାର ରାଜ୍ୟପାଳ ରୂପେ ରଘୁବର ଦାସଙ୍କ ନିଯୁକ୍ତି ଓ ପରବର୍ତ୍ତୀ ସମୟରେ ବିବାଦରେ ଜଡ଼ିତ ହୋଇ ଇସ୍ତଫା ସମ୍ଭବତଃ ଓଡ଼ିଶା ଇତିହାସରେ ପ୍ରଥମ ଓ ବିରଳ ଘଟଣା । ରାଜ୍ୟପାଳ ରୂପେ ଅବସ୍ଥାପିତ ହେବା ପରେ ତାଙ୍କ କାର୍ଯ୍ୟକଳାପକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ସୃଷ୍ଟି ହୋଇଥିବାବେଳେ ତାଙ୍କ ପୁଅ ରଥଯାତ୍ରା ସମୟରେ ରାଜ୍ୟ ସରକାରଙ୍କ ଜଣେ କର୍ତ୍ତବ୍ୟରତ ଅଧିକାରୀଙ୍କୁ ମାଡ଼ ମାରିବା, ଯୋତାରୁ ଛେପ ଚାଟିବାକୁ ବାଧ୍ୟ କରିବା ଘଟଣା ରାଜ୍ୟ ରାଜନୀତିକୁ ହୁଲସ୍ଥୁଲ କରିଥିଲା । ଓଡ଼ିଶାରୁ ଆରମ୍ଭ ହୋଇ ରାଜ୍ୟପାଳଙ୍କ ବିରୋଧରେ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ହୋଇଥିଲା । ଏହା ସତ୍ତ୍ୱେ ଏହି ଘଟଣାରେ ରାଜ୍ୟ ସରକାରଙ୍କ ନିରବତା ଏଯାଏ ରହସ୍ୟ ହୋଇ ରହିଛି । ସେହିପରି ରାଜ୍ୟପାଳ ପରି ସାମ୍ବିଧାନିକ ପଦବୀରେ ଥାଇ ଝାଡ଼ଖଣ୍ଡ ନିର୍ବାଚନରେ ବିଜେପି ତଥା ନିଜ ବୋହୂ ପାଇଁ କାମ କରିବା ଘଟଣା ମଧ୍ୟ ତାଙ୍କ ପଦ ମର୍ଯ୍ୟାଦା ପ୍ରତି ଅନ୍ୟ ରାଜନୈତିକ ଦଳଗୁଡ଼ିକ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ରଘୁବର ଅବଧି ଶେଷ ପୂର୍ବରୁ ରାଜ୍ୟପାଳ ପଦରୁ ଇସ୍ତଫା ଦେଇ ଚାଲିଗଲେ ସତ, ମାତ୍ର ରାଜ୍ୟ ସରକାର ତାଙ୍କ ପୁଅଙ୍କ ବିରୋଧରେ ଏଯାଏ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେଇ ପାରିଲେ ନାହିଁ ।



## ମୋତେ ଯେତେ ମାଠିବୁ ମାଠ୍

ଗତ ବିଧାନସଭା ନିର୍ବାଚନରେ କଂଗ୍ରେସର ଆସନ ସଂଖ୍ୟା ୯ ରୁ ୧୪କୁ ବୃଦ୍ଧି ପାଇଥିଲେ ବି ଭୋଟ ହାର ହ୍ରାସ ମଙ୍ଗୁଆଳ ଶରତ ପଟ୍ଟନାୟକଙ୍କ ପାଇଁ ଅଡୁଆ ସୃଷ୍ଟି କରିଥିଲା । ସେ ସଭାପତି ପଦରୁ ଇସ୍ତଫା ଦେବା ଯେତିକି ଚର୍ଚ୍ଚାର ବିଷୟ ହୋଇ ନାହିଁ, କଂଗ୍ରେସ ବିଧାୟକ ଦଳ ନେତା ନିର୍ବାଚନ ଦଳରେ ସେତିକି ବିଭେଦ ସୃଷ୍ଟି କରିଛି । ଅନ୍ୟପକ୍ଷରେ ଦୀର୍ଘଦିନ ହେଲା ଖାଲି ପଡ଼ିଥିବା ପିସିସି ସଭାପତି ପଦ ପୂରଣ ହୋଇନାହିଁ । ପଦ୍ମ ଘୁଞ୍ଚିଘୁଞ୍ଚି ଯିବା ପରି ରାଜ୍ୟ କଂଗ୍ରେସ ସଭାପତି ନିଯୁକ୍ତି ବିଳମ୍ବିତ ହୋଇ ଚାଲିଛି । ଯେତେ ମାଠିଲେ ମାଠ୍, ସେହି ଦରପୋଡ଼ା କାଠ୍ ପରି କଂଗ୍ରେସ ନେତାଙ୍କ ଆଚରଣ, ଉଚ୍ଚାରଣରେ ସଂଯମତା ଆସୁନାହିଁ ।

## ମନମୋହନ ଓ ଶରତଙ୍କ ଦୁର୍ଭାଗ୍ୟ





ଗତ ବିଧାନସଭା ନିର୍ବାଚନରେ ଓଡ଼ିଶାରେ ଦୁଇ ଜାତୀୟ ଦଳ ଅବିଶ୍ୱାସ୍ୟ ସଫଳତା ସତ୍ତ୍ୱେ ଦୁଇ ଦଳର ସଭାପତି ବିଧାନସଭା ଦେଖି ପାରିଲେ ନାହିଁ । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ କଂଗ୍ରେସ ରାଜ୍ୟ ସଭାପତି ଶରତ ପଟ୍ଟନାୟକ ପରାଜୟବରଣ କରିଥିଲେ । ଦଳ ରାଜ୍ୟରେ ସରକାର ଗଠନ କରିଥିଲେ ହେଁ ମନମୋହନ ଚାନ୍ଦବାଲି ଆସନରୁ କ୍ରମଗାତ ତୃତୀୟ ଥର ପାଇଁ ବିଜେଡି ବିଧାୟକ ବ୍ୟୋମକେଶ ରାୟଙ୍କଠାରୁ ହାରିଥିଲେ । ମନମୋହନ ନିର୍ବାଚିତ ହୋଇଥିଲେ ସମ୍ଭବତଃ ମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ ହୋଇଥାଆନ୍ତେ । ସେହିପରି ଶରତ ପଟ୍ଟନାୟକ ମଧ୍ୟ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆଙ୍କଠାରୁ ବିପୁଳ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ ।

## ଲୋକହସା ପ୍ରତାପ

ଚଳିତ ବର୍ଷର ଶେଷଭାଗରେ ଜାତୀୟ ରାଜନୀତିରେ ସବୁଠୁ ଚର୍ଚ୍ଚାରେ ରହିଥିଲେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ । ରାହୁଲ ଗାନ୍ଧୀ ତାଙ୍କୁ ଠେଲିଦେବାରୁ ସେ ପଡ଼ିଯାଇ ଆହତ ହେବା କଥା କହି ପ୍ରତାପ ନିଜ ଗୋଡ଼ରେ କୁରାଢ଼ି ମାରିଛନ୍ତି ଓ ସବୁ ଦିଗରୁ ସମାଲୋଚନାର ଶରବ୍ୟ ହୋଇଛନ୍ତି । ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପଡ଼ିଯିବା ପରେ ପ୍ରତାପଙ୍କ ମୁଣ୍ଡ ଆଘାତ ସ୍ଥାନର ଫଟୋ ଓ ପରବର୍ତ୍ତୀ ସମୟରେ ପୁରା ମୁଣ୍ଡ ବ୍ୟାଣ୍ଡେଜ, ଶରୀର ବ୍ୟାଣ୍ଡେଜ ଫଟୋକୁ ଲୋକମାନେ ଭାଇରାଲ କରି କଟୁ ସମାଲୋଚନା କରିଛନ୍ତି । ଦଳ ପ୍ରତାପଙ୍କୁ ଯେଉଁ ଉଦ୍ଦେଶ୍ୟରେ ମୋହରା କରିଥିଲା, ସେଥିରେ ସେ ସଫଳ ହୋଇ ପାରି ନ ଥିବା ମଧ୍ୟ ସୋସିଆଲ ମିଡ଼ିଆ ୟୁଜର୍ସ କହିଛନ୍ତି ।



## 'ତଡ଼ାଖିଆ' ବିସ୍ଫୋରଣ




ବିଜେପିରେ ପୂର୍ବରୁ ଥିବା ଗୋଷ୍ଠୀ ଯୁଦ୍ଧ ଏବେ ରାଜ୍ୟରେ ସରକାର ଗଠନ ପରେ ଛାୟା ଯୁଦ୍ଧରେ ପରିବର୍ତ୍ତିତ ହୋଇଛି । କୌତୂହଳର କଥା ହେଉଛି ଓଡ଼ିଶାରେ ବିଜେପିର ଦୁଇ ଶୀର୍ଷ ନେତୃତ୍ୱ ଅବସ୍ଥାନ କରିବା କାଳରେ ଦଳର ବରିଷ୍ଠ ନେତା ଜୟନାରାୟଣ ମିଶ୍ର ଏହାକୁ ଖୋଲାଖୋଲି କହିଛନ୍ତି । ଜଣକ ବିରୋଧରେ ଅନ୍ୟ ଲୋକଙ୍କୁ ଲଗାଇବା ଦଳର ଯୋଜନାବଦ୍ଧ କାର୍ଯ୍ୟକ୍ରମ ବୋଲି ଜୟନାରାୟଣ ଦଳୀୟ କାର୍ଯ୍ୟାଳୟରେ ଘୋଷଣା କରିବାର ଠିକ୍ ପରେପରେ କଟକ ସଦର ଅଞ୍ଚଳର ବିଜେପି ନେତା ଦିଲ୍ଲୀପ ମଲ୍ଲିକ ପୁରୁଣା ବିଜେପି କର୍ମୀଙ୍କୁ ଉପେକ୍ଷା ଓ ହତାଦର କଥା ଉଠାଇ ଅସନ୍ତୋଷ ନିଆଁରେ ଘିଅ ଢ଼ାଳିଛନ୍ତି ।

## ଧୂଳି ଧୂସରିତ ଓଡ଼ିଆ ଅସ୍ମିତା

୨୦୨୪ରେ ଓଡ଼ିଶା ରାଜନୈତିକ ପୃଷ୍ଠଭୂମିରେ ସର୍ବାଧିକ ପ୍ରୟୋଗ ହୋଇଥିବା ଶବ୍ଦଟି ଥିଲା 'ଓଡ଼ିଆ ଅସ୍ମିତା' । ବିଜେପିର ୪୦ ଜଣିଆ ତାରକା ପ୍ରଚାରକଙ୍କ ମଧ୍ୟରୁ ୧୮ ଅଣଓଡ଼ିଆ ନେତା ଓଡ଼ିଆ ଅସ୍ମିତାକୁ ନେଇ କରିଥିଲେ ପ୍ରଚାର । ବିଜେପି ସରକାର ଓଡ଼ିଆ ଅସ୍ମିତାକୁ ସୁରକ୍ଷା ଦେବ ବୋଲି ବଖାଣିଥିଲେ । ମାତ୍ର ବିଡ଼ମ୍ବନା ହେଉଛି କ୍ଷମତାକୁ ଆସିବା ପରେ ଓଡ଼ିଆ ଅସ୍ମିତାକୁ ରାଜରାସ୍ତାରେ ଗଡ଼ାଇ ଦେଇଥିଲା ବିଜେପି ସରକାର । ଦୀର୍ଘ ଦିନର ପରମ୍ପରା ଭାଙ୍ଗି ରାଜ୍ୟ ପ୍ରଶାସନର ୨ଟି ମୁଖ୍ୟ ପଦବୀ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ରାଜ୍ୟ ପୁଲିସ ମୁଖିଆ ପଦବୀରେ ବାହାର ରାଜ୍ୟର ଅଧିକାରୀଙ୍କୁ ନିଯୁକ୍ତି ଦେଇଥିଲା । ଯାହାକୁ ନେଇ ସମଗ୍ର ରାଜ୍ୟରେ ସରକାର ସମାଲୋଚିତ ହୋଇଥିଲେ ।

## ମମତା ଓ ସୁଜିତ ଶିକାର

ଗତ ସାଧାରଣ ନିର୍ବାଚନ ପରେ ବିଜେଡିରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ମମତା ମହାନ୍ତ ଓ ସୁଜିତ୍ କୁମାରଙ୍କ ଇସ୍ତଫା ଥିଲା ଚଳିତ ବର୍ଷର ଅନ୍ୟତମ ଚର୍ଚ୍ଚିତ ଖବର । ଉଭୟ ଦଳରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେବା ଏବଂ ପରବର୍ତ୍ତୀ ସମୟରେ ପୁନର୍ବାର ବିଜେପି ପ୍ରାର୍ଥୀ ଭାବରେ ରାଜ୍ୟସଭାକୁ ନିର୍ବାଚିତ ହେବା ଅନେକ କାହାଣୀ ଓ ଉପକାହାଣୀକୁ ଜନ୍ମ ଦେଇଛି । ଯେଉଁ ଦଳ ସେମାନଙ୍କ ଉପରେ ଭରସା କରି ରାଜ୍ୟସଭାକୁ ପଠାଇଥିଲା, ସେହି ଦଳ ତ୍ୟାଗ କରି ବିଜେପିରେ ଆଶ୍ରୟ ନେବାକୁ ରାଜ୍ୟର ସାଧାରଣ ଲୋକମାନେ ବି ସହଜରେ ଗ୍ରହଣ କରିପାରି ନ ଥିଲେ । ଅବଶ୍ୟ ସେମାନଙ୍କ ଇସ୍ତଫା ଫଳରେ ଓଡ଼ିଶାରୁ ରାଜ୍ୟସଭାରେ ବିଜେଡିର ସାଂସଦ ସଂଖ୍ୟା ୯ ରୁ ୭କୁ ହ୍ରାସ ପାଇଛି ଓ ବିଜେପିର ସାଂସଦ ସଂଖ୍ୟା ୧ରୁ ୩କୁ ବୃଦ୍ଧି ପାଇଛି ।






## ଦିଲ୍ଲୀରେ ପୋଲାଭରମ ଦାବି

ପୋଲାଭରମ ପ୍ରସଙ୍ଗରେ ଓଡ଼ିଶାର ଦାବିକୁ ଦିଲ୍ଲୀରେ ପହଞ୍ଚାଇଛି ବିଜେଡି । ଦଳର ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ଦିଲ୍ଲୀରେ କେନ୍ଦ୍ର ଜଳଶକ୍ତି, ଅନୁସୂଚୀତ ଜନଜାତି ବିଭାଗଗୁଡ଼ିକ ସହ ଜାତୀୟ ଜଳ କମିଶନ, ଅନୁସୂଚୀତ ଜନଜାତି କମିଶନ ଆଦିଙ୍କୁ ଭେଟି ଓଡ଼ିଶାର ଉଦ୍‌ବେଗକୁ ଅବଗତ କରିଛନ୍ତି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରି ଆନ୍ଧ୍ରପ୍ରଦେଶ ସରକାର ଯେପରି କାର୍ଯ୍ୟ କରୁଛନ୍ତି ତାହାକୁ ରୋକିବା ସହ ଓଡ଼ିଶାର ସ୍ୱାର୍ଥକୁ ଧ୍ୟାନ ଦେବା ପାଇଁ ଦାବି କରିଛନ୍ତି ।

## ଶାସନରେ ଅସଙ୍ଗତି

ଗତ ଜୁନ୍ ୧୨ ତାରିଖରେ ବିଜେପି ସରକାର ଶପଥ ଗ୍ରହଣ କରିଥିଲେ । ସେବେଠାରୁ ଗୋଟିକ ପରେ ଗୋଟିଏ ଘଟଣାରେ ସରକାର ନିଜର ଦୁର୍ବଳତା ସାବ୍ୟସ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀମାନଙ୍କ ବେଲଗାମ୍ ତୁଣ୍ଡ ସରକାରଙ୍କୁ ସାଧାରଣରେ ଲୋକହସା କରିଥିବାବେଳେ ନିର୍ବାଚନ ଘୋଷଣାକୁ କାର୍ଯ୍ୟକାରୀ କରିବାରେ ଅସାମର୍ଥ୍ୟତା ଶାସନରେ ଅସଙ୍ଗତି ସୃଷ୍ଟି କରିଛି । ସରକାର ଗଠନ ପରେ ଆଡ଼ଭୋକେଟ୍ ଜେନେରାଲ ନିଯୁକ୍ତି ପାଇଁ ଢ଼େର ଦିନ ଲାଗିଗଲା । ଏବେ ରାଜ୍ୟର ସବୁ ନିଗମ ଓ ବୋଡର୍ ମୁଖିଆହୀନ, ଅଧିକାଂଶ ବିଶ୍ୱବିଦ୍ୟାଳୟରେ କୁଳପତି ନାହାନ୍ତି କି ମେଡ଼ିକାଲ କଲେଜଗୁଡ଼ିକ ଅଧ୍ୟକ୍ଷ ନାହାନ୍ତି । ଗୁରୁତ୍ୱପୂର୍ଣ୍ଣ ପଦବୀ ଫାଙ୍କା ପଡ଼ିଥିବାରୁ ଉକ୍ତ ସଂସ୍ଥାଗୁଡ଼ିକ ଏକପ୍ରକାରର ଅକାମୀ କେବେ ପଦବୀ ପୂରଣ ହେବ, ସେନେଇ ସରକାର ମୁହଁ ବି ଖୋଲୁ ନାହାନ୍ତି ।

## ସଂସଦରେ ଓଡ଼ିଶାର ସପ୍ତରଥୀ

ବିଜେଡି ଗତ ଲୋକସଭା ନିର୍ବାଚନରେ ପରାଭବର ସମ୍ମୁଖୀନ ହୋଇଥିଲେ ହେଁ ରାଜ୍ୟସଭାରେ ଦଳର ସପ୍ତରଥୀ ଓଡ଼ିଶା ପ୍ରସଙ୍ଗକୁ ବେଶ୍ ଭଲଭାବରେ ଉପସ୍ଥାପନ କରିଛନ୍ତି । ଲୋକସଭାରେ ବିଜେପିର ସାଂସଦମାନଙ୍କର ସ୍ୱର ଶୁଭୁ ନ ଥିବା ସମୟରେ ରାଜ୍ୟସଭାରେ ଓଡ଼ିଶାର ବିଜେଡି ସାଂସଦମାନେ ପୋଲାଭରମ, ମହାନଦୀ, କେନ୍ଦ୍ରୀୟ ଅନୁଦାନ, କୋଇଲା ରାଜଭାଗ, ଶିଳ୍ପ ଉଦ୍ୟାନ, ସୌର ଶକ୍ତି, ଜାତୀୟ ଜଳପଥ, ସଡ଼କ ଓ ଜାତୀୟ ରାଜପଥ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ କରିବା ସହ ରାଜ୍ୟର ସ୍ୱାର୍ଥ କଥା ଉଠାଇଛନ୍ତି ।

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-185 ◆BHUBANESWAR ◆TUESDAY ◆31 DECEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୮୫ ◆ଭୁବନେଶ୍ୱର ◆ମଙ୍ଗଳବାର ◆୩୧ ଡିସେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦


# ଫେରୁଛି ଶୀତ; ପୁଣି କରିବ କଲବଲ

**ଭୁବନେଶ୍ୱର,୩୦।୧୨(ସମିସ):** ରାଜ୍ୟକୁ ଧୀରେ ଧୀରେ ଶୀତର ଲେଉଟାଣି ହେଉଛି। କିଛି ଦିନର ବ୍ୟବଧାନ ପରେ ପୁଣି ରାଜ୍ୟରେ ତାପମାତ୍ରା ହ୍ରାସ ହେବାରେ ଲାଗିଛି। ଯାହାର ପରିଣାମ ସ୍ୱରୂପ ପାହାଡ଼ିଆ ଅଞ୍ଚଳଗୁଡ଼ିକରେ ପାରଦ ୧୦ ଡିଗ୍ରୀ ନିକଟତର ହେଉଛି। ଏହି ସ୍ଥିତି ଆଗକୁ ଜାରି ରହିବା ସହ ତାପମାତ୍ରା ଆହୁରି ହ୍ରାସ ହେବ ଫଳରେ ଶୀତ ବଢ଼ିବ। ଆସନ୍ତା ୫ରୁ ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ଏଥିସହିତ ରାଜ୍ୟକୁ ଉତ୍ତର ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଓ ଶୁଷ୍କ ବାୟୁ ପ୍ରବାହିତ ହେବ। ଫଳରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୫ରୁ ୭ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। ଏହାଫଳରେ ସାରା ରାଜ୍ୟରେ ଶୀତର ପ୍ରଭାବ ବୃଦ୍ଧି ପାଇବ। ଆଜିଠାରୁ ତାପମାତ୍ରା ହ୍ରାସ ହୋଇଥିବା ଯୋଗୁଁ ନୂଆ ବର୍ଷ ରାତିରେ ଏହାର ପ୍ରଭାବ ଅନୁଭୂତ ହେବା ସହ ଶୀତ ଆହୁରି ବଢ଼ିବ। ଏଥିସହ କିଛି କିଛି ସ୍ଥାନରେ ଘନ କୁହୁଡ଼ି ପାଇଁ ପାଗ ଅନୁକୂଳ ରହୁଛି। ମଙ୍ଗଳବାର ସକାଳ ସୁଦ୍ଧା ସମ୍ବଲପୁର, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ାରେ ଘନ କୁହୁଡ଼ି ଆଶଙ୍କା ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ୟେଲୋ ଆଲର୍ଟ ଜାରି କରିଛି। ପାଣିପାଗ କେନ୍ଦ୍ରର ସୂଚନାକୁ ଆଧାର କରି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ କୁହୁଡ଼ି ସମୟରେ ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଇଛି।

### ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ-ଜ୍ୱାଇଁ କହି ଠକୁଥିଲେ

# ପୁଲିସ ପଞ୍ଝାରେ 'ବଣ୍ଟି-ବବ୍‌ଲି'

- ବଡ଼ବଡ଼ିଆଙ୍କ ସହ ଫଟୋ ଏଡିଟ୍ କରି ବିଛାଉଥିଲେ ଜାଲ
- ଟେଣ୍ଡର, ଚାକିରି, କର୍ପୋରେଟ୍ ସେକ୍ଟର କାମ ଦେବାକୁ କହୁଥିଲେ
- ଅଭିଯୋଗ ପରେ ଗିରଫ କଲା ଇନ୍‌ଫୋସିଟି ଥାନା ପୁଲିସ

**ଭୁବନେଶ୍ୱର,୩୦।୧୨(ସମିସ):** ରାଜଧାନୀ ପୁଲିସ ପଞ୍ଝାରେ ପଡ଼ିଛନ୍ତି ଦୁଇ ହାଇ ପ୍ରୋଫାଇଲ୍ ଠକ ଅନୀଲ ମହାନ୍ତି ଓ ହଂସିକା ଅଭିଲିପ୍ସା। ଉଭୟ ବିବାହ କରି ନ ଥିଲେ ମଧ୍ୟ ନିଜକୁ ଦମ୍ପତି ଏବଂ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଜ୍ୱାଇଁ ଓ ଝିଅ ପରିଚୟ ଦେଇ ଠକୁଥିବା ଅଭିଯୋଗ ହୋଇଛି। ପୂର୍ବରୁ ସେମାନଙ୍କ ବିରୋଧରେ ଅନୁରୂପ ଅଭିଯୋଗ ହୋଇଥିଲା ଓ ପୁଲିସ ଉଭୟଙ୍କୁ ଥାନାରୁ ନୋଟିସ ଦେଇ ଛାଡ଼ି ଦେଇଥିଲା। ମାତ୍ର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ନାମକୁ ବ୍ୟବହାର କରି ଉଭୟ ଠକୁଥିବା ଖବର ପିଏମଓରେ ପହଞ୍ଚିବା ପରେ ପୁଲିସ ଉଭୟଙ୍କୁ ଗିରଫ କରିଛି।

ଅଭିଯୋଗ ଅନୁସାରେ, ହିନ୍ଦୀ ଚଳଚ୍ଚିତ୍ର 'ବଣ୍ଟି-ବବ୍‌ଲି' ସାଜି ଉଭୟ ଲୋକଙ୍କୁ ଖାଲି ଚୂନ ମାରୁ ନ ଥିଲେ; ବଡ଼ବଡ଼ିଆ ଲୋକଙ୍କ ଫଟୋ ସହ ନିଜ ଫଟୋକୁ ଏଡ଼ିଟ୍ କରି ନିଜକୁ ଦାମୀ ଓ ସମ୍ଭ୍ରାନ୍ତ ଲୋକ ବୋଲି ପରିଚିତ କରାଉଥିଲେ। କାହାକୁ ଚାକିରି କରାଇ ଦେବାକୁ ପ୍ରତିଶ୍ରୁତି ଦେଉଥିଲେ ତ କାହାର ଟେଣ୍ଡର ପାସ କରାଇ ଦେବା ପାଇଁ, କର୍ପୋରେଟ ସେକ୍ଟରରେ କାମ ଯୋଗାଇ ଦେବାକୁ ମଧ୍ୟ ଭରସା ଦେଉଥିଲେ। ଆଉ ଏଥିପାଇଁ ଲୋକଙ୍କଠାରୁ ପ୍ରଚୁର ଅର୍ଥ ମଧ୍ୟ ଆଦାୟ କରୁଥିଲେ। ଲୋକଙ୍କ ମନରେ ବିଶ୍ୱାସ ଜମାଇବା ପାଇଁ ଭିଭିଆଇପିଙ୍କ ସହ ନିଜ ଫଟୋ ଏଡିଟ୍ କରି ଦେଖାଉଥିଲେ। ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଉପରାଷ୍ଟ୍ରପତିଙ୍କ ସହ ସେମାନଙ୍କ ଫଟୋ ଦେଖି ଲୋକମାନେ ଉଭୟଙ୍କୁ ପ୍ରଭାବଶାଳୀ ମଣୁଥିଲେ। କିଛିଦିନ ତଳେ ଅନୀଲ ଓ ହଂସିକା ଏକ ଘରୋଇ ଶିକ୍ଷାନୁଷ୍ଠାନର ଉପ ନିର୍ଦ୍ଦେଶକଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଜ୍ୱାଇଁ ଏବଂ ଝିଅ କହି ଠକିବାକୁ ଉଦ୍ୟମ କରିଥିଲେ। ମାତ୍ର ସେମାନଙ୍କ ଉପରେ ସନ୍ଦେହ କରି ଉପନିର୍ଦ୍ଦେଶକ ଦେବେନ୍ଦ୍ର ସାମଲ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ସେମାନଙ୍କୁ ଗିରଫ କରିଛି।



ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଅନୀଲ ମହାନ୍ତି ଭୁବନେଶ୍ୱରର ବାସିନ୍ଦା ଓ ପେସାରେ ଜଣେ ବ୍ୟବସାୟୀ। ତାଙ୍କ ନାଁରେ ଦୁଇଟି କମ୍ପାନୀ ରେଜିଷ୍ଟ୍ରେସନ୍ ହୋଇଛି ଓ ପଟିଆରେ ତାଙ୍କର ଏକ ଅଫିସ ରହିଛି। ଅନୀଲ ତାଙ୍କର ବାନ୍ଧବୀ ତଥା ଭୁବନେଶ୍ୱରରେ ରହୁଥିବା କଳାହାଣ୍ଡି ଜିଲ୍ଲାର ହଂସିକା ଅଭିଲିପ୍ସା ସହ ମିଶି ଲୋକଙ୍କୁ ଠକୁଥିଲେ। ଉଭୟ ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ ଓ ଜ୍ୱାଇଁ ବୋଲି ପରିଚୟ ଦେଉଥିଲେ। ସେହିପରି ମୁଖ୍ୟଶାସନ ସଚିବ ମନୋଜ ଆହୁଜା, ପୂର୍ବତନ ସିଏଜି ଗିରୀଶ ମୁର୍ମୁଙ୍କ ନିଜ ଫଟୋ ଏଡିଟ୍ କରି ବିଲ୍ଡର, ଖଣି ବ୍ୟବସାୟୀ ଓ ଧନୀ ଶ୍ରେଣୀର ଲୋକଙ୍କୁ ଦେଖାଇ ଠକୁଥିଲେ। ସେମାନଙ୍କର କାମ କରାଇ ଦେବା ପାଇଁ ଅନୀଲ ଓ ଅଭିଲିପ୍ସା ନିଜ ଅଫିସ୍‌କୁ ଡାକୁଥିଲେ। ତା'ପରେ ମୂଲଚାଲ୍ ହେଉଥିଲା। ଗତ ସପ୍ତାହର ଇନ୍‌ଫୋସିଟି ଥାନାରେ ଏକାଧିକ ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରିଥିଲା। ଉଭୟ ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ ଓ ଜ୍ୱାଇଁ ରୂପେ କରୁଥିବା ପରିଚିତି ମଧ୍ୟ ମିଛ ବୋଲି ଜଣା ପଡ଼ିଥିଲା। ତେବେ ସେମାନେ କାହାକୁ ଓ କେତେ ଟଙ୍କା ଠକିଛନ୍ତି, ସେ ସମ୍ପର୍କରେ କମିଶନରେଟ ପୁଲିସ ତଦନ୍ତ କରୁଛି ବୋଲି ଅତିରିକ୍ତ ଡିସିପି ସ୍ୱରାଜ ଦେବତା ସୂଚନା ଦେଇଛନ୍ତି।

### ଶୁକନାଳ ଘାଟି ବସ୍ ଦୁର୍ଘଟଣା

## ଏସ୍‌ସିବି ଆସିଲେ ୧୬ ଆହତ

**କଟକ, ୩୦।୧୨(ସମିସ):** କୋରାପୁଟ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ରାସ୍ତାର ଶୁକନାଳ ନିକଟରେ ବସ୍ ଓଲଟି ପଡ଼ି ଆହତ ହୋଇଥିବା ୧୬ଜଣଙ୍କୁ ଏସ୍‌ସିବି ମେଡିକାଲ ଅଣାଯାଇଛି। ରବିବାର ବିଳମ୍ବିତ ରାତିରେ ଆହତମାନଙ୍କୁ କଟକ ଅଣାଯାଇଥିଲା। ଏମାନଙ୍କ ଭିତରୁ ୩ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଥିବା ବେଳେ ସେମାନଙ୍କୁ ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କ ଭିତରେ ଜଣେ ନାବାଳକ ଅଛନ୍ତି। ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଉକ୍ତ ଶିଶୁର ଗୋଡ଼ କଟାଯିବ ବୋଲି ମେଡିକାଲ କର୍ତ୍ତୃପକ୍ଷ ଜଣାଇଛନ୍ତି। ଅନ୍ୟ ଦୁଇ ଗୁରୁତରଙ୍କ ଭିତରେ ଜଣେ ପୁରୁଷ ଆଉ ଜଣେ ମହିଳା ଅଛନ୍ତି। ଏତଦ୍‌ବ୍ୟତୀତ ବଡ଼ ମେଡିକାଲରେ ଭର୍ତ୍ତି ହେବା ପରେ ଜଣେ ଆହତ ଲାମା ନେଇ ମେଡିକାଲ ଛାଡ଼ି ସାରିଥିବା ଏସ୍‌ସିବି ପ୍ରଶାସନିକ ଅଧିକାରୀ ଡଃ ଅବିନାଶ ରାଉତ ସୂଚନା ଦେଇଛନ୍ତି।

# ଉଚ୍ଚଶିକ୍ଷାରେ ଉତ୍କର୍ଷ ପାଇଁ ଓଡ଼ିଶାକୁ ୬୭୦ କୋଟି

**ଭୁବନେଶ୍ୱର, ୩୦।୧୨(ସମିସ):** ଶିକ୍ଷା ଓ ଶିକ୍ଷାନୁଷ୍ଠାନର ହେବ ବ୍ୟାପକ ପରିବର୍ତ୍ତନ। ଛାତ୍ରଛାତ୍ରୀଙ୍କ ଦକ୍ଷତା ଓ ପାରଦର୍ଶିତା ବଢ଼ିବ। ବୈଶ୍ୱିକ ମାନର ଶିକ୍ଷାଦାନ ସହ ଗବେଷଣାକୁ ପ୍ରାଥମିକତା ଦିଆଯିବ। ଉଚ୍ଚଶିକ୍ଷାରେ ଉତ୍କର୍ଷ ପାଇଁ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ୍-ଉଷା) କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନକୁ ପ୍ରାୟ ୬୭୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଗତ ୨୦ ତାରିଖରେ ଅନୁଷ୍ଠିତ ତୃତୀୟ ପ୍ରକଳ୍ପ ଅନୁମୋଦନ ବୋର୍ଡ (ପିଏବି)ରେ ଏହାକୁ ମଞ୍ଜୁରୀ ମିଳିଛି। ବହୁମୁଖୀ ଶିକ୍ଷା ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ (ଏମ୍‌ଇଆର୍‌ୟୁ) ଭାବେ ଓଡ଼ିଶାରୁ ୪ଟି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ସମେତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ୧୦୦ କୋଟି ଲେଖାଏଁ ଅନୁଦାନ ପ୍ରଦାନ କରାଯାଇଛି। ସେହିପରି କୋରାପୁଟ ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ସମ୍ବଲପୁରସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ୟୁ) ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଓ ବଲାଙ୍ଗିରର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ସଶକ୍ତ କରିବା ପାଇଁ ଅନୁଦାନ (ଜିଏସ୍‌ୟୁ) ଭାବେ ୨୦କୋଟି ଲେଖାଏଁ ମଞ୍ଜୁର କରାଯାଇଛି। ଏସବୁ ଶିକ୍ଷାନୁଷ୍ଠାନକୁ ପୂର୍ଣ୍ଣ ପ୍ରୋଜେକ୍ଟ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅବଗତ କରାଯାଇଛି। ଅନୁରୂପ ଭାବେ ୨୪ଟି ମହାବିଦ୍ୟାଳୟକୁ ଶସକ୍ତ କରିବା ପାଇଁ ଅନୁଦାନ(ଜିଏସ୍‌ସି) ଭାବେ ୫ କୋଟି ଲେଖାଏଁ ମୋଟ୍ ୧୨୦କୋଟି ଟଙ୍କା ପ୍ରଦାନ କରାଯାଇଛି। ନୂତନ ମଡେଲ୍ ସ୍ନାତକ ମହାବିଦ୍ୟାଳୟ (ଏନ୍‌ଏମ୍‌ଡିସି) ଭାବେ ଓଡ଼ିଶାରୁ କୌଣସି ଉଚ୍ଚଶିକ୍ଷାନୁଷ୍ଠାନ ସ୍ଥାନ ପାଇନାହାନ୍ତି। ଜିଆଇଇଆଇ ବର୍ଗରେ ୫ଟି ଜିଲ୍ଲା ପାଇଁ ୧୦ କୋଟି ଲେଖାଏଁ ଅନୁଦାନ ଦିଆଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁଷା) ମାଧ୍ୟମରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ମାନ୍ୟତାପ୍ରାପ୍ତ ଉଚ୍ଚଶିକ୍ଷାନୁଷ୍ଠାନକୁ ଅନୁଦାନ ପ୍ରଦାନ କରାଯାଉଥିଲା। ଚଳିତବର୍ଷ ଜୁନ୍ ମାସରେ ରାଜ୍ୟରେ ପିଏମ୍-ଉଷା ଲାଗୁ କରିବା ପରେ ଏହି ଅନୁଦାନ ମିଳିଛି। 'ପିଏମ୍- ଉଷା' ମାଧ୍ୟମରେ ଉଚ୍ଚଶିକ୍ଷାରେ ଗୁଣାତ୍ମକ ମାନ ବୃଦ୍ଧି କରିବାକୁ ଲକ୍ଷ୍ୟ ରହିଛି।

**ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବ 'ପିଏମ୍- ଉଷା'**

# ଭୁବନେଶ୍ୱରରୁ ୫ ଓ ଝାରସୁଗୁଡ଼ାରୁ ୪ ସହରକୁ ବିମାନ ସେବା

### ଆର୍ଥିକ ପ୍ରଗତିରେ ମାଇଲଖୁଣ୍ଟ ହେବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୦।୧୨(ସମିସ):** ଆସନ୍ତା ଜାନୁଆରୀ ୩ ତାରିଖରୁ ଭୁବନେଶ୍ୱର ଓ ଝାରସୁଗୁଡ଼ାରୁ ନୂଆ ସହରକୁ ବିମାନ ଚଳାଚଳ ଆରମ୍ଭ ହେବ। ସୂଚନା ଅନୁସାରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଲକ୍ଷ୍ନୌ, ଡେରାଡୁନ୍, ଜୟପୁର, ଇନ୍ଦୋର ଏବଂ କୋଚିକୁ ସିଧାସଳଖ ବିମାନ ଚଳାଚଳ ହେବ। ସେହିପରି ଜାନୁଆରୀ ପହିଲାରୁ ଝାରସୁଗୁଡ଼ା ସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ହାଇଦ୍ରାବାଦ, ରାୟପୁର, ଲକ୍ଷ୍ନୌ ଓ ମୁମ୍ବଇକୁ ବିମାନ ଚାଲିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ "ଏକ୍ସ'ରେ ଏ ସମ୍ପର୍କରେ ସୂଚନା ଦେବା ସହିତ ରାଜ୍ୟର ଅର୍ଥନୈତିକ ବିକାଶ କ୍ଷେତ୍ରରେ ଏହା ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି କହିଛନ୍ତି। ନୂଆ ସ୍ଥାନକୁ ମିଶାଇଲେ ଭୁବନେଶ୍ୱର ସହିତ ବିମାନରେ ଯୋଡ଼ି ହୋଇଥିବା ସହର ସଂଖ୍ୟା ୨୬ରେ ପହଞ୍ଚିବ। ଏସବୁ ସ୍ଥାନ ଗୁଡିକ ପର୍ଯ୍ୟଟନ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଓଡିଶାର ପର୍ଯ୍ୟଟନ କ୍ଷେତ୍ର ଏହା ଦ୍ୱାରା ଉପକୃତ ହେବ ବୋଲି କୁହାଯାଉଛି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପ୍ରତି ବର୍ଷ ଯାତ୍ରୀ ଓ ବିମାନ ସଂଖ୍ୟାରେ ଅଭିବୃଦ୍ଧି ପରିଲକ୍ଷିତ ହେଉଛି।




● ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଭଦ୍ରକକୁ ହରାଇ ଭୁବନେଶ୍ୱର ଚାମ୍ପିଅନ୍

ବ୍ରହ୍ମବରଦା, ୩୦ ।୧୨(ସମିସ)



ଖଲପଡ଼ା ପଞ୍ଚାୟତ କାକୁଡ଼ିକୁଦ-ନୀଳକଣ୍ଠପୁର ସତ୍ୟସାଇ ଖେଳ ପଡ଼ିଆରେ ଚାଲିଥିବା ୪୧ତମ ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ୍ ମ୍ୟାଚ୍‌ରେ ଭୁବନେଶ୍ୱରର ବାପୁଜୀ କ୍ରିକେଟ କ୍ଲବ୍ ଭଦ୍ରକର ୟୁନିକ ଇଲେଭେନ କ୍ରିକେଟ କ୍ଲବ୍‌କୁ ୪ ୱିକେଟରେ ପରାସ୍ତ କରି ଚାମ୍ପିଅନ ହୋଇଛି । ୟୁନିକ ଇଲେଭେନ ଦଳ ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୭ ୱିକେଟ ହରାଇ ୨୪୮ ରନ କରିଥିଲା । ଧନଞ୍ଜୟ ଯାଦବ ୮୦ ରନ କରିଥିବାବେଳେ ପ୍ରତ୍ୟୁଷ ପାଢୀ ୬୨ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ସିଦ୍ଧାର୍ଥ ଜେନା ୨ଟି ଉଇକେଟ ନେଇଥିଲେ । ଜବାବରେ ଭୁବନେଶ୍ୱର ଟିମ ୨୨.୪ ଓଭରରେ ୬ ୱିକେଟ ହରାଇ ଆବଶ୍ୟକ ସଂଗ୍ରହ କରି ବିଜୟୀ ହୋଇଥିଲା । ଦେବାଶିଷ ଭଞ୍ଜ ୬୦ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ଅନୁରାଗ କନୋଜିଆ ୩ଟି ୱିକେଟ ନେଇଥିଲେ । ଦେବାଶିଷ ଭଞ୍ଜଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ମନୋଜ ବାରିକ ମ୍ୟାନ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ । ରମେଶ ମହାରଣା ଓ ସୌମ୍ୟରଞ୍ଜନ ଦାସ ଖେଳ ପରିଚାଳନା କରିଥିବାବେଳେ ଇମ୍ରାନ ଖାନ, ସୁମନ ସାହୁ, ଅରୁଣ ପତି ଭାଷ୍ୟକାର ଥିଲେ । ରୋଶନ ସାହୁ ଓ ରାଜା ଜେନା ସ୍କୋରର ଥିଲେ । ରଞ୍ଜିତ ନାୟକ, ରତିକାନ୍ତ ରାଉତ, ରଘୁନାଥ ଜେନା, ସୁନୀଲ ଜେନା, ଦିଲ୍ଲୀପ ଜେନା, ଶୁକଦେବ ସାହୁ , ବଳରାମ ସାହୁ, ରାଜେଶ ଜେନାଙ୍କ ସମେତ ସମସ୍ତ ସଭ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

ସତ୍ୟସାଇ ଆସୋସିଏସନର ସଭାପତି ପ୍ରିୟନାଥ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ମୁଖ୍ୟଅତିଥି ଓ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ଖଲପଡା ସରପଞ୍ଚ ଭାରତୀ ମଲିକ, ସମିତିସଭ୍ୟ ନିର୍ମଳ ସାମଲ ଯୋଗ ଦେଇଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ବ୍ରହ୍ମବରଦା, ୩୦ ।୧୨(ସମିସ):** ରସୁଲପୁର ବ୍ଲକ୍ ବ୍ରହ୍ମବରଦା ପଞ୍ଚାୟତ ସତ୍‌ସଙ୍ଗ ବିହାର ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିରର ସଭାପତି ପଞ୍ଚାନନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବ୍ରହ୍ମବରଦା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ଡ. ବିକ୍ରମ ମହାପାତ୍ର, ସମ୍ମାନିତ ଅତିଥି ରୂପେ ପ୍ରଧାନ ଆଚାର୍ଯ୍ୟ ରାଜକୁମାର ବାରିକ, ପୂର୍ବତନ ସଭାପତି ପ୍ରତାପ ଦେଓ, ସମ୍ପାଦକ ସଞ୍ଜୟ ବେହେରା ଯୋଗ ଦେଇଥିଲେ । ସମ୍ପାଦକ ହେମନ୍ତ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିବାବେଳେ ସେମାନଙ୍କ ଦ୍ୱାରା ପରିବେଶିତ ହୋଇଥିବା ନାଟକ ଆମ ପରିବେଶ ଆମ ସୁରକ୍ଷା ଉଚ୍ଚ ପ୍ରଶଂସିତ ହୋଇଥିଲା । ଶିକ୍ଷକ ବିରେଶ ମହାନ୍ତି ଧନ୍ୟବାଦ ଦେଇଥିବାବେଳେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୩୦ଟି ଅଭିଯୋଗର ତ୍ୱରିତ ଫଇସଲା

ଜାରକା,୩୦ ।୧୨(ସମିସ)



ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଧର୍ମଶାଳା ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଜନଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ଏହି ଅଭିଯୋଗକୁ ଯାଞ୍ଚ କରି ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଆଜି ଶିବିରରେ ୧୩୦ଟି ଅଭିଯୋଗର ତ୍ୱରିତ ସମାଧାନ ହୋଇଛି ।

ଆଜି ମୋଟ ୧୬୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୩ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୪ ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୧୨୦ଟି ଅଭିଯୋଗ ଥିଲା । ଏଥିରୁ ୧୩୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ, ଉପଜିଲ୍ଲାପାଳ ଅଂଶୁମାନ ଶତପଥୀ, ଧର୍ମଶାଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭଙ୍କର ମହାନ୍ତି, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର



**ଯାଜପୁର, ୩୦ ।୧୨(ସମିସ):** ସଦର ଥାନା ଅନ୍ତର୍ଗତ ସାମନ୍ତରାପୁର ପଞ୍ଚାୟତର ମନ୍ଦାରପୁର ଗ୍ରାମର ପଦ୍ମନାଭ ସାହୁଙ୍କ ପତ୍ନୀ ରୁକ୍ମଣୀ ସାହୁ (୫୪) ଗତ ୨୪ ତାରିଖ ରାତିରୁ ନିଖୋଜ ହୋଇଥିବା ପରିବାର ପକ୍ଷରୁ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ୬ ଦିନ ପରେ ଘର ପଛପଟେ ଥିବା ଏକ ଜଙ୍ଗଲ ନିକଟ ପୋଖରୀ କୂଳରେ ଥିବା ଏକ ଗଛରେ ମୃତ ଅବସ୍ଥାରେ ଝୁଲୁଥିବା କାଠ ସଂଗ୍ରହ କରିବାକୁ ଯାଇଥିବା ମହିଳା ଦେଖିବାକୁ ପାଇଥିଲେ । ଖବର ପାଇ ସଦର ଥାନା ଅଧିକାରୀ ଶଙ୍କର୍ଷଣ ଦଳାଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସନ୍ଦେହ ପ୍ରକଟ କରି ସାଇଣ୍ଟିଫିକ୍ ଟିମର ସହାୟତା ଲୋଡିଥିଲେ । ବିଜୟ କୁମାରଙ୍କ ନେତୃତ୍ୱରେ ଯାଜପୁର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଯାଇଥିବାବେଳେ ଆସନ୍ତାକାଲି ପଞ୍ଚନାମା ପରେ ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବ ବୋଲି ସଦର ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

■ ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# କ୍ରିକେଟ୍ ଏକାଡେମୀକୁ ୧ ୱିକେଟ୍‌ରେ ହରାଇଲା ଏମ୍‌ସିସି

**ଯାଜପୁର,୩୦।୧୨(ସମିସ):** କୁସୁମା ପଡ଼ିଆରେ ଚାଲିଥିବା ୧୬ତମ ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ଖେଳ ଏମ୍‌ସିସି, ଯାଜପୁର ଟାଉନ୍ ଓ କ୍ରିକେଟ ଏକାଡ଼େମୀ, ଯାଜପୁରରୋଡ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏମ୍‌ସିସି ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଆମନ୍ତ୍ରଣ ପାଇ କ୍ରିକେଟ ଏକାଡ଼େମୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭର ଖେଳି ୯ ୱିକେଟ ହରାଇ ୧୬୦ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଏସ୍‌କେ ସାହାବୁଦ୍ଦିନ ସର୍ବାଧିକ ୪୨ ରନ୍ ସଂଗ୍ରହ କରିଥିବାବେଳେ ଆଦିତ୍ୟ ଜେନା ୪୧ ରନ୍ ସଂଗ୍ରହ କରିଥିଲେ । ଏମ୍‌ସିସିର ଶିବସୁନ୍ଦର ଦାସ ୬ ଓଭର ବୋଲିଂ କରି ୧୭ ରନ୍ ଦେଇ ୨ଟି ୱିକେଟ ଅକ୍ତିଆର କରିଥିବାବେଳେ ହମିଦ୍ ରାଜା ୩ ଓଭର ବୋଲିଂ କରି ୧୩ ରନ୍ ଦେଇ ୨ଟି ୱିକେଟ ଅକ୍ତିଆର କରିଥିଲେ । ଏହାର ଜବାବରେ ଏମ୍‌ସିସି ୨୯.୪ ଓଭର ଖେଳି ୯ ୱିକେଟ ହରାଇ ୧୬୧ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା । ଦଳ ପକ୍ଷରୁ ବିଜୟ କୁମାର ଜେନା ସର୍ବାଧିକ ୭୩ ରନ୍ ସଂଗ୍ରହ କରିଥିବାବେଳେ ବିଭୂତି ଭୂୟାଁ ୩୭ ରନ୍ ସଂଗ୍ରହ କରିଥିଲେ । ଆଜିର ଏହି ମ୍ୟାଚ୍‌ରେ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ବିଜୟ କୁମାର ଜେନା ପୁରସ୍କୃତ ହୋଇଥିଲେ । ଏହି ମ୍ୟାଚ୍‌କୁ ମେଲବୋର୍ଣ୍ଣ କ୍ରିକେଟ୍ କ୍ଲବ୍‌ର ସଭାପତି ଅଭୟ ବଲ୍ଲଭ ପଣ୍ଡା, ବିଶିଷ୍ଟ କ୍ରୀଡ଼ାବିତ୍ ଶ୍ରୀଜୟ ମହାପାତ୍ର, ଦିବାକର କର, ଯୁବନେତା ମନୋଜ ସାହୁ, ସୁବାଶିଷ ରାଉତ, ସେକ୍ ସାହାଜୁଦ୍ଦିନ, ସ୍ୱସ୍ତିକ ପତି, ଅନୀଲ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଖେଳକୁ ଖଗେଶ୍ୱର ମଲ୍ଲିକ ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିବାବେଳେ ଯଯାତି କେଶରୀ ସାମଲ ସ୍କୋରର ଥିଲେ । ଆସନ୍ତାକାଲି ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚ୍ ଆଦର୍ଶ କ୍ଲବ୍, ବାଲେଶ୍ୱର ଓ ଏମ୍‌ସିସି, ଯାଜପୁର ମଧ୍ୟରେ ଅନୁଷ୍ଠିତ ହେବ ।

# ରମାକାନ୍ତ ଜେନା ପାଇଲେ ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ

**ଜାରକା, ୩୦।୧୨ (ସମିସ):** ସାରଳା ଭବନରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସାରସ୍ୱତ ସାଧକ ବିଶ୍ୱନାଥ ପଶାୟତଙ୍କ ସ୍ମୃତିରେ ଏକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ସମାରୋହକୁ ଉଦ୍‌ଘାଟନ କରିବା ସହ ବିଶ୍ୱନାଥ ପଶାୟତଙ୍କ ତ୍ୟାଗପୂତ ଜୀବନୀ ସଂପର୍କରେ ମତ ପ୍ରକାଶ କରିଥିଲେ । ବିଶ୍ୱନାଥଙ୍କ ଜୀବନାଦର୍ଶ ଯୁବପିଢ଼ିଙ୍କ ଧ୍ୟେୟ ହେବା ଉଚିତ ବୋଲି ଡ. ହରିଚନ୍ଦନ କହିଥିଲେ । ସଂସଦର ପ୍ରତିଷ୍ଠାତା ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ସମାଜସେବୀ ସୁଦର୍ଶନ ନାୟକ ବିଶିଷ୍ଟ ଅତିଥି, ତିରୁପତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏ ଅବସରରେ ଗୋକର୍ଣ୍ଣିକା ସମ୍ପାଦକ କବି ରମାକାନ୍ତ ଜେନା ଓ ଡକ୍ଟର ରଘୁନାଥ ମେହେରଙ୍କୁ ଚଳିତବର୍ଷର ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା । ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ଚାଳିଶ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ସଂସଦର ସମ୍ପାଦକ ଡାକ୍ତର ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ନାଟ୍ୟକାର ସଂଜିତ୍ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଫେସର ଡ. ସତ୍ୟନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱନାଥ ପଶାୟତଙ୍କ ପୁତ୍ର ସୁପ୍ରିମ୍‌କୋର୍ଟର ପ୍ରାକ୍ତନ ବିଚାରପତି ଡ. ଅରିଜିତ୍ ପଶାୟତ, ପୁତ୍ରବଧୂ ସବଳା ପଶାୟତ, ପ୍ରଫେସର ବୈରାଗୀ ଚରଣ ଜେନା, କବି ପ୍ରସନ୍ନ ଜେନା, ଗାଳ୍ପିକ ଡଃ ତରୁଣ ସାହୁ, ଡଃ ବୈଜୟନ୍ତୀ ମିଶ୍ର, ଡଃ ଧରଣୀଧର ନାଥ, ଡଃ ହେମେନ୍ଦ୍ର ନାରାୟଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ ।

# ଲାଲବାହାଦୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ




ଜାରକା, ୩୦।୧୨(ସମିସ)

ଧର୍ମଶାଳା ବ୍ଲକ୍ କାଏମାସ୍ଥ ଲାଲବାହାଦୂର ହାଇସ୍କୁଲ ପରିସରରେ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ପ୍ରଦୀପ୍ତ କିଶୋର ମହଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ରାଜକିଶୋର ପାଢ଼ୀ, ମୁଖ୍ୟବକ୍ତା ଭାବେ ପଦ୍ମନାଭ ସାହୁ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଏ ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କ ଦ୍ୱାରା ଗୁରୁପୂଜନ କରାଯାଇଥିଲା । ଏହି ମିଳନ ଦ୍ୱାରା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସଙ୍ଗମ ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପାଠ ସହ ଖେଳକୁଦ ନିହାତି ଆବଶ୍ୟକ ହୋଇଥିବାବେଳେ ଏହି ବିଦ୍ୟାଳୟର ଖେଳ ପଡ଼ିଆ ନ ଥିବା କାରଣରୁ ଛାତ୍ରଛାତ୍ରୀ ନିକଟରେ ଥିବା ସ୍ଥାନୀୟ ଲୋକଙ୍କ ସ୍ଥାନରେ ଖେଳକୁଦ କରୁଥିବା ସଭାପତି ପ୍ରଦୀପ୍ତ କିଶୋର ମହଲା କହିଥିଲେ । ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବର୍ଣ୍ଣବୋଧ ଶବ୍ଦ ଗଠନ, ଶ୍ରୁତଲିଖନ ପ୍ରତିଯୋଗିତା, ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ବିଦ୍ୟାଳୟର ୨୦୨୪ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୫ମ ଶ୍ରେଣୀ ଛାତ୍ରୀ ଅର୍ପିତା ତରାଇ, ୬ଷ୍ଠ ଶ୍ରେଣୀ ଛାତ୍ରୀ ଗୀତିକ୍ରିଷ୍ଟ ପାଣିଗ୍ରାହୀ, ୭ମ ଶ୍ରେଣୀ ଛାତ୍ରୀ ଦୀପ୍ତିମୟୀ ସେଠୀ, ୮ମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ସଂଗୀତା ସାହୁ, ୯ମ ଶ୍ରେଣୀ ଛାତ୍ର କ୍ରିସ୍ କିଙ୍ଗ୍, ୧୦ମ ଶ୍ରେଣୀ ଛାତ୍ରୀ ପ୍ରଗତି ବି. ମଣ୍ଡଳଙ୍କୁ ପୁରସ୍କୃତ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ୧୯୬୮ରୁ ୨୦୨୩ ମସିହା ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ସମସ୍ତେ ଯୋଗଦେଇଥିଲେ । ନଟବର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ର ସଂସଦ ସମ୍ପାଦକ ଗଣେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅସହାୟଙ୍କୁ କମ୍ବଳ ବଣ୍ଟନ



**ଯାଜପୁର ଟାଉନ, ୩୦।୧୨ (ସମିସ):** ଯାଜପୁର ସହରସ୍ଥିତ ଜାଗେଶ୍ୱରପୁରଠାରେ ଥିବା ଲକ୍ଷ୍ମୀନାରାୟଣ ମଣ୍ଡପରେ ସମାଜସେବୀ ସୁରୁଚି ପାଣିଙ୍କ ପରିବାର ପକ୍ଷରୁ ୫୦ରୁ ଉର୍ଦ୍ଧ୍ୱ ଅସହାୟ ମହିଳା ଓ ପୁରୁଷଙ୍କୁ ବିସ୍କୁଟ, କମ୍ବଳ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସମାଜସେବୀ ପ୍ରେମଲତା ପଣ୍ଡା, ଆଲୋକ ବିଶ୍ୱାଳ, ଜାଗେଶ୍ୱରପୁର ଗ୍ରାମବାସୀ ଯୋଗଦେଇଥିଲେ । ବରିଷ୍ଠ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ଭାଗୀରଥି ପାଣି ଓ ତାଙ୍କ ପରିବାର ଉପସ୍ଥିତ ରହି ସହଯୋଗ କରିଥିଲେ ।

# ନନ୍ଦକିଶୋର ବିଦ୍ୟାମନ୍ଦିର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**କୁନ୍ଦଳ,୩୦ ।୧୨(ସମିସ):** ଓଳାଶୁଣୀଠାରେ ବାଲିଚନ୍ଦ୍ରପୁର ନିକଟସ୍ଥ ନନ୍ଦକିଶୋର ବିଦ୍ୟାମନ୍ଦିରର ୧୯୯୪ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଶିକ୍ଷକ ବୃନ୍ଦାବନ କର, ରମଣୀରଞ୍ଜନ ପଟ୍ଟନାୟକ ଓ ବିଷ୍ଣୁଚରଣ ଦାସଙ୍କୁ ପୁରାତନ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ କରିଥିବାବେଳେ ସଞ୍ଜୟ ସାହୁ, ଗୋବିନ୍ଦ ସାମଲ ଗୁରୁବନ୍ଦନା ଗାନ କରିଥିଲେ । ପ୍ରାରମ୍ଭରେ ଦିବଙ୍ଗତ ଅବସରପ୍ରାପ୍ତ ଶିକ୍ଷକ ଓ ୫ ଜଣ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମକୁ ଗୋବିନ୍ଦ ସାମଲ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ସତ୍ୟବ୍ରତ ପଣ୍ଡା, ପ୍ରକାଶ ଭୂୟାଁ ପରିଚାଳନା କରିଥିଲେ । ଏହି ଉତ୍ସବରେ ଅନୀଲ ନାୟକ, ବିକ୍ରମ ନାୟକ, ବବିତା ସାହୁ, ଶିବଶଙ୍କର ସାହୁ, ସୁବ୍ରତ ସାହୁ, ମନ୍ଦାକିନୀ ଜେନା, ନୃସିଂହ ସାହୁ, ସ୍ମିତାରେଖା ପୃଷ୍ଟି, ମନରୋମା ସାହୁ, ଭୂପେଶ ସାହୁ, ସୁଜାତା ମହାନ୍ତି, ସରସ୍ୱତୀ ଜେନା, ବିକାଶ ମହାନ୍ତି, ବସନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ ।

# ମମତା ଘର ନାହିଁ, ସ୍କୁଲ ବାରଣ୍ଡାରେ ଟିକାକରଣ

**ଜେନାପୁର,୩୦।୧୨(ସମିସ):** ସରକାର ଏବେ ମାତୃ ମଙ୍ଗଳ ପାଇଁ ପିଲାଙ୍କ ଟିକାଦାନକୁ ସୁଗମ କରିବା ଓ ପ୍ରତି ଗାଁରେ ମମତା ଘର ନିର୍ମାଣ କରିବାକୁ ଯୋଜନା କରିଥିବାବେଳେ ସେଥିରୁ ଅନେକ ଗାଁ ବାଦ୍ ପଡ଼ିବା କାରଣରୁ ବିଭାଗ ସହିତ ମାଆମାନଙ୍କୁ ମଧ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଘର ଅଭାବରୁ ବିଦ୍ୟାଳୟ କିମ୍ବା କୋଠଘର ବାରଣ୍ଡାରେ ଛୋଟ ଛୋଟ ଶିଶୁଙ୍କୁ ଟିକା ଦିଆଯାଉଥିବା ଅଭିଯୋଗ ହେଉଛି ।

ସୂଚନା ମୁତାବକ, ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ମର୍ଜିତାପୁର ସରକାରୀ ବିଦ୍ୟାଳୟ ବାରଣ୍ଡାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟିକାକରଣ କରାଯାଉଛି । ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ମର୍ଜିତାପୁର ଉପ-ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମିତ ହୋଇ ନ ଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟିକାକରଣ ସେଣ୍ଟର ପାଇଁ ବହୁ ଅସୁବିଧା ହେଉଛି । ଫଳରେ ଗର୍ଭବତୀ, ପ୍ରସୂତି ଓ ଅନ୍ୟାନ୍ୟ ଟିକାକରଣ କେବେ କେବେ ସ୍କୁଲ ବାରଣ୍ଡା, କୋଠ ଘର, ଗଛ ମୂଳେ କରାଯାଉଛି । ମର୍ଜିତାପୁର ପଞ୍ଚାୟତରେ ୯ ହଜାରରୁ ଉର୍ଦ୍ଧ୍ୱ ଲୋକେ ବସବାସ କରୁଥିବାବେଳେ ଏଠାରେ ଉପ-ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକତା ରହିଛି । ଏହି ସେଣ୍ଟରରେ ୨ ବର୍ଷରୁ ଉର୍ଦ୍ଧ୍ୱ ହେବ ମହିଳା ସ୍ୱାସ୍ଥ୍ୟ କର୍ମୀ ନ ଥିବା ହେତୁ ମହିଳାଙ୍କ ସମସ୍ୟା କଷ୍ଟକର ହୋଇପଡୁଛି । ଗର୍ଭବତୀ, ପ୍ରସୂତି ମହିଳା ଟିକାକରଣ ପାଇଁ ବିଭିନ୍ନ ସମସ୍ୟା ଭୋଗୁଛନ୍ତି । ଏଠାରେ ମହିଳା ସ୍ୱାସ୍ଥ୍ୟ କର୍ମୀ ଆବଶ୍ୟକ ଥିବାବେଳେ ପୁରୁଷ ସ୍ୱାସ୍ଥ୍ୟ କର୍ମୀ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି । ସରକାରଙ୍କ ପକ୍ଷରୁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ଏଠାରେ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସେବା ଏକ ପ୍ରକାର ଭୁଶୁଡ଼ି ପଡିଛି । ରାଜନୈତିକ ଛକାପଞ୍ଝା ସହିତ ପ୍ରଶାସନିକ ଅପାରଗତା କାରଣରୁ ଏପରି ଯୋଜନା ସଫଳ ହୋଇପାରୁ ନ ଥିବା ଗ୍ରାମବାସୀ କହିଛନ୍ତି । ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ସୁକିନ୍ଦା,୩୦।୧୨(ସମିସ):** ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ ଓଳିଆସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଶିକ୍ଷାବିତ୍ ରଞ୍ଜନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସଭାପତି ବିନୟ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ପରୀକ୍ଷିତ ବେହେରା, ବାଉରୀବନ୍ଧୁ ବାରିକ, ପ୍ରସନ୍ନ ବେହେରା, ମଳୟ ବାରିକ, ତୁଷାରକାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିବାବେଳେ ସାହିତ୍ୟିକ ପ୍ରଭାସ ଚନ୍ଦ୍ର ବେଜ୍ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଶିଶୁ ମନ୍ଦିରରେ ଅଧ୍ୟୟନ କରୁଥିବା ଶିଶୁଙ୍କ ଶିକ୍ଷା ସହ ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶ ହୋଇଥାଏ ବୋଲି ମୁଖ୍ୟବକ୍ତା କହିଥିଲେ । ଏ ଅବସରରେ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳର କେତେକ ସମାଜସେବୀଙ୍କୁ ସମ୍ମାନିତ କରାଯାଇଥିଲା । ସମ୍ପାଦକ ରବିନାରାୟଣ ସୂତାର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟା ମଧୁସ୍ମିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

# ‘ମେଳା ଚାଷୀଙ୍କ ପାଇଁ ଉପଯୋଗୀ ହେବ’



**ଯାଜପୁର, ୩୦ ।୧୨(ସମିସ):** ୨୬ ତାରିଖରେ ଆରମ୍ଭ ହୋଇଥିବା ଯାଜପୁର ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟିକା ଶ୍ରୀମତୀ ସୁଜାତା ସାହୁ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ଉପସଭାପତି ଗଣେଶ୍ୱର ବରାଳ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ଡେପୁଟି କଲେକ୍ଟର ରଶ୍ମିରଞ୍ଜନ ମଲ୍ଲିକ ଯୋଗଦାନ କରିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅରୁଣ କୁମାର ବେହେରା ସଭାରେ ଅଧ୍ୟକ୍ଷତା କରିଥିଲେ । ୫ ଦିନ ଧରି ଜିଲ୍ଲାରେ ଆୟୋଜିତ ହୋଇଥିବା ଏହି କୃଷି ଯନ୍ତ୍ରପାତି ମେଳା ଜିଲ୍ଲାର ଚାଷୀ ଭାଇଭଉଣୀ ଓ ଅନ୍ୟ ସମସ୍ତ ଭାଗୀଦାରଙ୍କ ପାଇଁ ବିଶେଷ ଉପଯୋଗୀ ହୋବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଆଗାମୀ ବର୍ଷମାନଙ୍କରେ ଆହୁରି ଅଧିକ ସଂଖ୍ୟକ କୃଷକଙ୍କୁ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଥିଲେ । ସମସ୍ତ ବିଭାଗୀୟ କର୍ମଚାରୀଙ୍କ ସକ୍ରିୟ ସହଯୋଗରେ ଏହି ମେଳା ଖୁବ୍ ସୁନ୍ଦର ଭାବେ ଆୟୋଜିତ ହୋଇଛି ବୋଲି ପ୍ରକାଶ କରିଥିଲେ । ଏହି ମେଳାରେ ୬୦ ଜଣ କୃଷକଙ୍କୁ ବୃହତ୍ ଉଠା ଜଳସେଚନ ପ୍ରକଳ୍ପରେ ଅଣଧାନ ଚାଷ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ନୂତନ କୃଷି ଯନ୍ତ୍ରପାତି ଉଦ୍ଭାବନ ନିମନ୍ତେ ଜିଲ୍ଲାର ୪ ଜଣ କୃଷକଙ୍କୁ ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ପୁରସ୍କାର ପ୍ରଦାନ କରାଯାଇଥିଲା । ଶ୍ରେଷ୍ଠ ବିବେଚିତ ମଣ୍ଡକୁ ପୁରସ୍କୃତ କରାଯାଇଥିଲା । ଏହି ମେଳାରେ ୧୨ଟି ବିଷୟରେ କୃଷକ ବୈଜ୍ଞାନିକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା । ଜିଲ୍ଲାର ୨ ହଜାରରୁ ଉର୍ଦ୍ଧ୍ୱ କୃଷକ ଏହି ମେଳା ପରିଦର୍ଶନ କରିଥିଲେ । ଜିଲ୍ଲା କୃଷି ଅଧିକାରୀ ଅରୁଣ କୁମାର ପାତ୍ର ଏହି କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ । ମୃତ୍ତିକା ବିଭାଗ ସହକାରୀ ନିର୍ଦ୍ଦେଶକ ମୀରା ପରିଚ୍ଛାଙ୍କ ସମେତ ସମସ୍ତ କୃଷି ଅଧିକାରୀ ଓ କର୍ମଚାରୀ ମେଳା ପରିଚାଳନା କରିଥିଲେ ।




# ଏନ୍ଆର୍ଆଇ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ



ଭଦ୍ରକ, ୩୦।୧୨(ସମିସ): ଆରଡ଼ି ଛକସ୍ଥିତ ଏନ୍ଆର୍ଆଇ ଆନ୍ତର୍ଜାତୀୟ ବିଦ୍ୟାଳୟରେ ସପ୍ତମ ବାର୍ଷିକ ଉତ୍ସବ 'ସ୍ପନ୍ଦନ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। 'ପିଲାମାନଙ୍କ ପାଇଁ ଶୃଙ୍ଖଳାଜ୍ଞାନ ଓ ନୀତିଶିକ୍ଷା ଏକାନ୍ତ ଆବଶ୍ୟକ' ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ବିବେକାନନ୍ଦ ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ନିର୍ଦ୍ଦେଶକ ଲକ୍ଷ୍ମୀଧର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ମୁଖ୍ୟ ନରେନ୍ଦ୍ର ପ୍ରସାଦ ସାହୁ, କମଳା ସାହୁ, ଗୌରାଙ୍ଗ ଚରଣ ନାଥ, ଅଖୁଜୀ ନାଥ, ଜ୍ୟୋତ୍ସ୍ନାରାଣୀ ନାୟକ, ସୁଶାନ୍ତ କୁମାର ପାଣି ପ୍ରଭୃତି ମଞ୍ଚାସୀନ ଥିଲେ। କୃତି ଛାତ୍ରଛାତ୍ରୀ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଶିକ୍ଷକ ଲକ୍ଷ୍ମଣ କୁମାର ବିନ୍ଧାଣୀ ଓ ଶିକ୍ଷୟିତ୍ରୀ ଜ୍ୟୋତି ପାରିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପିଲାମାନଙ୍କଦ୍ୱାରା ଆକର୍ଷଣୀୟ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଶିକ୍ଷୟିତ୍ରୀ ନୀଳିମା ମିଶ୍ର, ବିଜୟଲକ୍ଷ୍ମୀ ମହାନ୍ତି, ଇତିଶ୍ରୀ ଦାସ, ଅନୁରାଧା ଲାହା, ଭୋଳାନାଥ ନାୟକ, ଦେବାଶିଷ ପାଣିଗ୍ରାହୀ, ଲୋପାମୁଦ୍ରା ସାହୁ ପ୍ରମୁଖ ମଞ୍ଚ



ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର କର୍ମଚାରୀବୃନ୍ଦ, ଅଭିଭାବକ ଅଭିଭାବିକା ଓ ସମସ୍ତଙ୍କର ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପାଦିତ ହୋଇଥିଲା। ଶେଷରେ ଶିକ୍ଷକ ନିରଞ୍ଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଗରପଡ଼ା ଯୁବ ମହୋତ୍ସବ ପଞ୍ଚମ ସନ୍ଧ୍ୟା

# ଦର୍ଶକଙ୍କୁ ହସାଇଲେ ହାସ୍ୟାଭିନେତା ବ୍ରଜ

ବନ୍ତ/ଆଗରପଡ଼ା, ୩୦।୧୨(ସମିସ)



ଆଗରପଡ଼ା ଯୁବ ମହୋତ୍ସବ ପଞ୍ଚମ ସଂଧ୍ୟାରେ ଦର୍ଶକଙ୍କୁ ହସାଇ ହସାଇ ବେଦମ କରିଛନ୍ତି ହାସ୍ୟାଭିନେତା ବ୍ରଜ ସିଂ। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଯାତ୍ରା ଜଗତର ଚର୍ଚ୍ଚିତ ନାୟକ ଗୌର ଦାସ, ନାରୀନେତ୍ରୀ କମଳା ପଣ୍ଡା, ଉପଦେଷ୍ଟା ତଥା ରାଜ୍ୟ ଓଡିଆ ଭାଷା ସଂସ୍କୃତି ଜାଗରଣ ମଞ୍ଚର ରାଜ୍ୟ ସଭାପତି ଜୈନୁଲ ଆବେଦିନ, ପାଇମହୁରା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ଚିନ୍ତାମଣୀ ପ୍ରାଣିଗ୍ରାହୀ, ହରମୋହନ ପଣ୍ଡା, କମିଟିର କାର୍ଯ୍ୟକାରୀ ସଭାପତି ଗୟାଧର ପତି ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୁବନେତା ତପନ ସିଂହ ଯୋଗଦେଇଥିଲେ। କମିଟିର ସଭାପତି ଇଂ.ଅମୀୟ ରାମଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସଂପାଦକ ପ୍ରଦ୍ୟୁମ୍ନ ପୁହାଣ ସଂପାଦକୀୟ ବିବୀରଣୀ ପାଠ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମ୍ବାଦିକ ଜିତେନ୍ଦ୍ର ସତପଥି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଚିନ୍ତମଣୀ ପାଣିଗ୍ରାହୀ, ହରମୋହନ ପଣ୍ଡା, ଜୟପ୍ରକାଶ ମହାନ୍ତି, ସରୋଜ ସାମଲ, ବିଭୂଦତ୍ତ ମହାନ୍ତି, ଯୁବ ବୈଜ୍ଞାନିକ ପ୍ରିୟଙ୍କା ପ୍ରିୟଦର୍ଶନୀ ସିଂହ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଡିଆ ସିନେମାର ବିଶିଷ୍ଟ ହାସ୍ୟାଭିନେତା ବ୍ରଜ ସିଂହଙ୍କ ହସର ସଂଳାପରେ ଦର୍ଶକ ହସି ଉଠିଥିଲେ। ପ୍ରିନ୍ସ ଗ୍ରୁପ ପକ୍ଷରୁ ମେଲୋଡି ପରିବେଷଣ କରାଯାଇଥିଲା। ଅପରାହ୍ନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ ସଙ୍ଗୀତ, ମିସ୍ ଆଗରପଡ଼ା ପ୍ରତିଯୋଗୀତା ଅନୁଷ୍ଠିତ ହେବା ସହ ସୁନାବୋହୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମାନବାଧିକାର ମିଶନ ମିଡ଼ିଆସେଲ ରାଜ୍ୟ ସଂପାଦକ ନିରୋଜ ଆଇଚ, ତପନ ପୃଷ୍ଟି, ଦିବ୍ୟ ଆକାଶ ପୁହାଣ, ବାବୁରାମ ବେହେରା, ହାପୀ ରାୟ, ଶୁଭମ ସିଂହ, ଚିତ୍ତରଞ୍ଜନ ଉଦ୍‌ଗାତା, ସମ୍ରାଟ ସିଂହ, ଅଶୋକ ପାଣିଗ୍ରାହୀ, ଗୟାଧର ପତି, ଶୁଭେନ୍ଦୁ ବେହେରା, ପ୍ରକାଶ ଜେନା, କାହ୍ନୁ ଓ କହ୍ନେଇ ସିଂହଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ଯୁବକ ମୃତ

ଦୋବଲ, ୩୦।୧୨(ସମିସ): ଦୋବଲ ଜୋନ ଅନ୍ତର୍ଗତ ପଧାନୀ ପଞ୍ଚାୟତ କଣ୍ଟଦା ଗ୍ରାମର ଦୟାନିଧି ସେଠୀଙ୍କ ପୁଅ ବିପିନ ସେଠୀଙ୍କ (୨୮) ଗତକାଲି ଦୁର୍ଘଟଣା ଘଟି ତାଙ୍କର ମୃତ୍ୟୁ ଘଟିଛି। ବିପିନ ରାଉରକେଲାର ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ଗତକାଲି ନିଜର ସହକର୍ମୀ ମାନଙ୍କ ସହିତ ଲହୁଣୀପଡ଼ାକୁ ଯାଉଥିବା ବେଳେ ଚାନ୍ଦିପୋଷ ନିକଟରେ ଦୁର୍ଘଟଣା ଘଟିଥିଲା। ଏଥିରେ ବିପିନଙ୍କ ସହିତ ୩ଜଣଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ପୁଲିସଙ୍କ ଠାରୁ ଖବରପାଇ ବିପିନଙ୍କ ପରିବାର ଲୋକ ସେଠାରେ ପହଞ୍ଚିଛନ୍ତି। ଆଜି ସନ୍ଧ୍ୟାରେ ଶବ ବ୍ୟବଚ୍ଛେଦ କରାଯିବା ପରେ ବିପିନଙ୍କ ପାର୍ଥିବ ଶରୀର ଧରି ପରିବାର ଲୋକେ ଗାଁ କୁ ଆସୁଛନ୍ତି। ଏହି ଘଟଣାକୁ ନେଇ ସମ୍ପୃକ୍ତ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ସାତ ଭଉଣୀ-ଆନନ୍ଦ ବଜାର ରାସ୍ତାରେ ରାତ୍ରି ପାଟ୍ରୋଲିଂ ଦାବି

ଅସୁରାଳି, ୩୦।୧୨(ସମିସ): ଭଦ୍ରକ ଆଖଣ୍ଡଳମଣି ମୁଖ୍ୟ ରାସ୍ତାରେ ସାତଭଉଣୀ ଠାରୁ ଆନନ୍ଦ ବଜାର ପର୍ଯ୍ୟନ୍ତ ରାତି ୧୦ଟା ପରେ ସାଧାରଣ ଲୋକଙ୍କ ଯାତାୟାତ ବିପଦ୍ ଜନକ ହୋଇପଡ଼ିଛି। ରାତି ବଢ଼ିଲେ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରେ ଅସାମାଜିକ ବ୍ୟକ୍ତି ତଥା ନିଶାଖୋର ନିଶାଚରମାନଙ୍କର ଆଡ୍ଡା ଜମୁଛି। ରାତ୍ରିକାଳୀନ ପୁଲିସ ପାଟ୍ରୋଲିଂର କୋହଳ ଦେଖି ଏହି ଅସାମାଜିକ ତତ୍ତ୍ୱମାନେ ପଥଚାରି ମାନଙ୍କୁ ବିଭିନ୍ନ ପ୍ରକାର ହଇରାଣ କରୁଛନ୍ତି। ରାହାଜାନୀ, ଛିନତାଇ, ଡକାୟତି କରିବା ସହିତ ଧମକ ଚମକ ଦେଇ ଲୋକମାନଙ୍କୁ ଭୟଭୀତ କରିବା ସହିତ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଆଗକୁ ଆସୁଚି ନୂଆ ବର୍ଷ, ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବିଭିନ୍ନ ଭୋଜି କରିବା ନାଆଁରେ ନିଶାସେବନ କରି ବିଭିନ୍ନ ପ୍ରକାର ଉନ୍ମତ୍ତ କାଣ୍ଡ କରୁଛନ୍ତି। ପୂର୍ବଭଳି ରାତିରେ ଆଉ ଏହି ରାସ୍ତାରେ ପୁଲିସ ପାଟ୍ରୋଲିଂ ହେଉନାହିଁ। ତେଣୁ ଏମାନେ ସମ୍ପୂର୍ଣ୍ଣ ନିର୍ଭୟରେ ନିଜର ଅସାମାଜିକ କାର୍ଯ୍ୟ ସହିତ ଚୋରି ଡକାୟତି କରି ପଥଚାରୀଙ୍କୁ ହଇରାଣ କରୁଛନ୍ତି।

# ପୂର୍ବତନ ସରପଞ୍ଚ ବଂଶୀଧର ଧଳଙ୍କ ଦେହାନ୍ତ

ଧାମନଗର, ୩୦।୧୨(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଅବିଭକ୍ତ ଚୁଡାକୁଟି ଓ ଦଇପୁର ପଞ୍ଚାୟତର ଜଣାଶୁଣା ସମାଜସେବୀ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସରପଞ୍ଚ ବଂଶୀଧର ଧଳଙ୍କ ନିଜ ବାସଭବନରେ ପରଲୋକ ଘଟିଛି। ପରଲୋକ ଖବର ପ୍ରକାଶ ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟାଖେଳିଯାଇଛି। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ସାଧାରଣ ଲୋକେଙ୍କ ଶେଷ ଦର୍ଶନ ନିମନ୍ତେ ଚୁଡାକୁଟି ଏବଂ ଦଇପୁର ପଞ୍ଚାୟତ ଅଧିନ ବଜାର ସହ ବିଭିନ୍ନ ସାହି ବସ୍ତି ପରିଦର୍ଶନ କରାଯାଇଥିଲା। ଏହି ଦୁଃଖଦ ଖବର ପାଇ ପୂର୍ବତନ ସାଂସଦ ମୁରଲୀଧର ଜେନା, ଧାମନଗର ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ପୂର୍ବତନ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ବିଦ୍ୟାଧର ଯେନା, ହୃଦାନନ୍ଦ ସେଠୀ, ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବେହେରା, କଂଗ୍ରେସ ନେତା ଅଭିଷେକ ରାଉତ, ନରେନ୍ଦ୍ର କୁମାର ମଲ୍ଲିକ, ସ୍ଥାନୀୟ ଦଇପୁର ସରପଞ୍ଚ ଦୀପାଞ୍ଜଳି ନାୟକ, ସମିତି ସଭ୍ୟା ବୀଣାପାଣି ପଣ୍ଡା, ଚୁଡାକୁଟି ସରପଞ୍ଚ କସ୍ତୁରୀ ବିଶ୍ୱାଳ, ସମିତି ସଭ୍ୟ ଜ୍ଞାନରଞ୍ଜନ ମହାକୁଳ, ପୂର୍ବତନ ସମିତି ସଭ୍ୟ ରାଜୀବ ଦାସ, ବରିଷ୍ଠ ନାଗରିକ ପରିଷଦ ସଭାପତି ଅନୀଲ କୁମାର ବାରିକ, ଉପସଭାପତି ସୁରଥ ଚନ୍ଦ୍ର ସେଠୀ, ସାଧାରଣ ସମ୍ପାଦକ ଶଚୀକାନ୍ତ ପଣ୍ଡା, ସୁବାସ ବାରିକ, ନୀଳମଣି ନାଥଙ୍କ ସମେତ ବିଭିନ୍ନ ଦଳର ରାଜନେତା, ବହୁ ସଂଖ୍ୟକ ଲୋକମାନେ ସ୍ୱର୍ଗତ ଧଳଙ୍କୁ ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବଡ଼ ପୁଅ ସଂଗ୍ରାମ ଧଳ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ତିହିଡିରେ ମିଳିତ ଜନଶୁଣାଣି ଶିବିର

ତିହିଡ଼ି, ୩୦।୧୨(ସମିସ): ଭଦ୍ରକ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ତିହିଡ଼ି ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତ୍‌ରାଏ ଓ ଏସ୍‌ପି ମଡକର ସନ୍ଦୀପ ସମ୍ପତ୍ ଏହି ଶିବିରରେ ଯୋଗ ଦେଇ ସମୁଦାୟ ୯୧ଟି ଅଭିଯୋଗ ଶୁଣିଥିଲେ।



ସେଥିମଧ୍ୟରେ ୬୯ଟି ବ୍ୟକ୍ତିଗତ ଓ ୨୨ଟି ସାମୂହିକ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଥିଲା। ରେଡକ୍ରସ ସମ୍ବନ୍ଧୀୟ ୩ଟି ଓ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ସମ୍ବନ୍ଧୀୟ ଗୋଟିଏ ଆବେଦନକୁ ଅନୁମୋଦନ କରାଯାଇ ୪ଜଣଙ୍କୁ ସମୁଦାୟ ୩୪ ହଜାର ଟଙ୍କା ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥଲେ। ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ସୁଧାଂଶୁ ଶେଖର ବଳ, ବିଡିଓ ଜ୍ୟୋତିର୍ମୟ କର, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ସହକାରୀ ଜିଲ୍ଲାପାଳ ତନ୍ମୟ ଜେନା ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଅଭିଯୋଗ ଶୁଣାଣି କାର୍ଯ୍ୟ ରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଏହି ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳଙ୍କ ଆବଶ୍ୟକ ମତେ ଅଭିଯୋଗ ସମାଧାନ ପାଇଁ ତଥ୍ୟ ଉପସ୍ଥାପନ କରିଥିଲେ। ଶିବିରରେ ଆଗତ ସମସ୍ତ ଅଭିଯୋଗ ର ସମାଧାନ ପାଇଁ ନିୟମାନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ଏହି ଶିବିରରେ ୨ଗୋଟି ୩ ଚକିଆ ଯାନ ଓ ଗୋଟିଏ ହୁଇଲ ଚେୟାର ଭିନ୍ନକ୍ଷମଙ୍କୁ ପ୍ରଦାନ କରାଯାଇଥିଲା।

# ସର୍ବୋଦୟ ମଣ୍ଡଳର ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୩୦।୧୨(ସମିସ): ଭଦ୍ରକ ମହିଳା ମହାବିଦ୍ୟାଳୟରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧାପକ ନିଳଗିରି ରବି ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଡ. ଶୁଭଶ୍ରୀ ବେହେରା (ରେଡକ୍ରସ୍) କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ରୂପେ ଡ. ରାମଚନ୍ଦ୍ର ପଣ୍ଡା, ଅବରପ୍ରାପ୍ତଅଧ୍ୟକ୍ଷ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅବସରପ୍ରାପ୍ତ ଶିକ୍ଷାବିତ୍ ସଂଗ୍ରାମ ମହାନ୍ତି, ଉପସଭାପତି ନାରାୟଣ ପାଢ଼ୀ, ମହିଳାନେତ୍ରୀ ସଂଯୁକ୍ତା ଯାଦବ ମଦ, ଡ୍ରଗ୍ସ ଓ ତମାଖୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ମତ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀ ବୈଜ୍ଞାନିକ ଚିତ୍ର ମାଧ୍ୟମରେ ତମାଖୁ, ମଦ ଓ ଡ୍ରଗ୍ସର କୁପରିଣାମ ସମ୍ପର୍କରେ ଜ୍ଞାନ ପ୍ରଦାନ କରିଥିଲେ। ରେଡକ୍ରସ୍, ଏନ୍‌ସିସି ଓ ଏନ୍‌ଏସ୍‌ଏସ୍‌ର ମିଳିତ ସହଯୋଗରେ ଛାତ୍ରୀମାନେ ସୁନ୍ଦର ନାଟକ ପରିବେଷଣ କରିଥିଲେ। ଛାତ୍ରୀ ତରନମ୍ କାଦ୍ରୀ, ସ୍ୱାତୀ ଶର୍ମା ପାଣି ଓ କ୍ଷୀରାବ୍ଧି ପଣ୍ଡା ତମାଖୁ ସେବନ ଏବଂ ନିଶା ସେବନ ଦ୍ୱାରା କିପରି କ୍ଷତି



ଘଟୁଛି ମତ ପ୍ରଦାନ କରିଥିଲେ। ଏନ୍‌ସିସି ଦାୟିତ୍ୱରେ ଥିବା ପ୍ରାଧାପିକା ସୌଦାମିନୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀ, ଅଧାପକ ଅଧାପିକା, ଅତିଥିବୃନ୍ଦ ନିଶାନିବାରଣ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ।

# ଲିଜେଣ୍ଡାରୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: 'ବି' ଟିମ୍‌କୁ ପରାସ୍ତ କଲା 'ଡି'ଟିମ୍

ବନ୍ତ/ଆଗରପଡ଼ା, ୩୦।୧୨(ସମିସ): ଆଗରପଡ଼ା ସ୍ଥିତ ଦମଦମା ପଡ଼ିଆରେ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ଲିଜେଣ୍ଡାରୀ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଆୟୋଜକ



ଯଶୋବନ୍ତ ସିଂହଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଖେଳାଳୀ ରଣେନ୍ଦ୍ର ପ୍ରତାପ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟତମ ବରିଷ୍ଠ ଖେଳାଳି ଭଗବାନ ସାହୁ, ବିଜୟ ନାୟକ, ପ୍ରସନ୍ନ ସିଂହ ଓ ବିଜ୍ଞାନଭୂଷଣ ମହାନ୍ତି କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଏଥିରେ ୪ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରଥମେ 'ଏ'ଟିମ୍ ଓ 'ବି'ଟିମ୍ ଏବଂ 'ସି'ଟିମ୍ ଓ 'ଡି'ଟିମ୍ ମଧ୍ୟରେ ଖେଳ ହୋଇଥିଲା। ଉକ୍ତ ଟିମ୍ ମଧ୍ୟରୁ 'ବି'ଟିମ୍ ଓ 'ଡି'ଟିମ୍ ଫାଇନାଲକୁ ଉତ୍ତିର୍ଣ୍ଣ ହୋଇଥିଲେ। ଫାଇନାଲ ମ୍ୟାଚରେ ନିର୍ଦ୍ଧାରିତ ୮ ଓଭରରେ 'ଡି'ଟିମ୍ ୫ ୱିକେଟ ବିନିମୟରେ ୭୯ ରନ ସଂଗ୍ରହ କରିଥିବା ବେଳେ 'ବି' ଟିମ୍ ୭ ଓଭରରେ ୩ୱିକେଟ ହରାଇ ଆବଶ୍ୟକୀୟ ରନ୍ ସଂଗ୍ରହ କରି ଚମ୍ପିଅନ ହୋଇଥିଲା। ସୂଚନା ଯୋଗ୍ୟ 'ସି'ଟିମ୍ ଓ 'ଡି'ଟିମ୍ ମଧ୍ୟରେ ଖେଳ ହୋଇଥିବା ମ୍ୟାଚଟି ଅତି ଚିତ୍ତାକର୍ଷକ ହୋଇଥିଲା। ଉକ୍ତ ଖେଳରେ 'ସି'ଟିମ୍‌ର ଅଧିନାୟକ ଜିତେନ୍ଦ୍ର ଦାସ(କୁଲୁ)ଙ୍କ ନେତୃତ୍ୱ ଖୁବ୍ ପ୍ରଶଂସନୀୟ ଥିଲା। 'ଏ'ଟିମ୍ ନେତୃତ୍ୱ ରଜତ ମହାପାତ୍ର, 'ବି' ଟିମ୍ ନେତୃତ୍ୱ ଯଶୋବନ୍ତ ସିଂହ, 'ସି'ଟିମ୍ ନେତୃତ୍ୱ କୁଲୁ ଦାସ ଓ 'ଡ଼ି'ଟିମ୍ ନେତୃତ୍ୱ ତାପସ ରାୟ ପ୍ରମୁଖ ନେଇଥିଲେ। ରବି ଦାସ, ଟୁଟୁଆ ରାୟ, ତନ୍ମୟ ସିଂହ, ରାଜୁ ଦାସ, ମନୋଜ ବେହେରା, ଜିତେନ୍ଦ୍ର ଷଡ଼ଙ୍ଗି, ମୁନା ମହାନ୍ତି, ଟିକିଆ ପଟ୍ଟନାୟକ, କୁନା ପୁହାଣ, ବସନ୍ତ ପତି, ଟୁକ ଘଡ଼େଇ, ଟୁଗୁଲୁ ପଣ୍ଡା, ଜୁବୁଲୁ ମହାନ୍ତି, ବାବି ଜେନା ପ୍ରମୁଖ ଖେଳାଳୀ ବିଭିନ୍ନ ଦଳପକ୍ଷରୁ ଖେଳରେ ଭାଗ ନେଇଥିଲେ।

# ଦିବ୍ୟାଙ୍ଗ ରାମଚନ୍ଦ୍ର ନିଖୋଜ



ବନ୍ତ/ଆଗରପଡ଼ା, ୩୦।୧୨(ସମିସ): ଆଗରପଡ଼ା ଥାନା ଅନ୍ତର୍ଗତ ଗୋପିନାଥପୁର ପଞ୍ଚାୟତ ମାର୍କଣ୍ଡପୁର ଗ୍ରାମର ଦିବ୍ୟାଙ୍ଗ ଦଶରଥ ଦାସଙ୍କ ପୁଅ ରାମଚନ୍ଦ୍ର(୧୯) ଜନ୍ମରୁ ଦିବ୍ୟାଙ୍ଗ। ସେ ଗତକାଲି ଦିନ ୨ଟା ସମୟରେ କେଉଁଆଡେ ପଳାଇଯାଇଛନ୍ତି। ସେ ଗଲାବେଳେ କଳାଧଳା ବେନିୟନ ଓ ହାପ ପ୍ୟାଣ୍ଟପିନ୍ଧିଥିଲେ। ହଠାତ୍ ତାଙ୍କ ନିଖୋଜ ଘଟଣା ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ରାମଚନ୍ଦ୍ରଙ୍କ ସନ୍ଧାନ ପାଇଲେ ନିକଟସ୍ଥ ଥାନାରେ ଜଣାଇବାକୁ ଦଶରଥ ନିବେଦନ କରିଛନ୍ତି।

# ଜାହାଙ୍ଗିର ବିଦ୍ୟାଳୟରେ ମାଟ୍ରିକ ବ୍ୟାଚର ବାର୍ଷିକ ଉତ୍ସବ

ଧାମନଗର/ଦୋବଲ, ୩୦।୧୨(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ଅଧୀନସ୍ଥ ଜାହାଙ୍ଗିର ଜନତା ଉଚ୍ଚ ବିଦ୍ୟାପୀଠରେ ୧୯୭୮ରୁ ୧୯୮୫ ଯାଏ ଅଧ୍ୟୟନ କରିଥିବା ୮ଟି ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ପ୍ରଥମ ମେଗା ବାର୍ଷିକ ବନ୍ଧୁମିଳନ ଫଳପୁର ଗ୍ରାମ୍ୟ ଜଙ୍ଗଲଠାରେ ଅନୁଷ୍ଠିତ ହୋଇଯାଇଛି।



ଏହି କାର୍ଯ୍ୟକ୍ରମରେ ସେ ସମୟରେ ଅଧ୍ୟାପନା କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କୁଲ ପରିଚାଳନା କମିଟିର ସମ୍ପାଦକ ତଥା ପ୍ରତିଷ୍ଠାତା ଗୋପିନାଥ ବେହୁରିଆ ପ୍ରମୁଖ ଯୋଗ ଦେଇଥିଲେ। ୧୯୭୮ ବ୍ୟାଚର ପୂରାତନ ଛାତ୍ର ରାଧାନାଥ ଘଡ଼ାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୁରାତନ ସେବା ନିବୃତ୍ତ ଶିକ୍ଷକ ଖଗେଶ୍ୱର ତ୍ରିପାଠୀ, ବିପିନ ବିହାରି ରାଉତ, ନିତ୍ୟାନନ୍ଦ ଘଡାଇ, ରାଧେଶ୍ୟାମ ବାରିକ, ବିଶ୍ୱନାଥ ମହାପାତ୍ର, ରବୀନ୍ଦ୍ର କୁମାର ବେହୁରିଆ, ଅଶୋକ ପଲାଇ, ପିତାମ୍ବର ଦାସ, ଅକ୍ଷୟ ନାୟକ, ଚକ୍ରଧର ସାହୁ, ମନୋରମା ନାୟକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ସବୁ ବ୍ୟାଚର ଛାତ୍ରଛାତ୍ରୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଚିନ୍ତାମଣି ଜେନା ଆୟୋଜନ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅଶୋକ କୁମାର ମହାନ୍ତି ବନ୍ଧୁମିଳନକୁ ସରସ ସୁନ୍ଦର କରିବା ପାଇଁ ସମସ୍ତ ପ୍ରକାର ଆୟୋଜନର ବ୍ୟବସ୍ଥା କରିଥିଲେ। ଏଥିରେ ୩୦୦ରୁ ଉର୍ଦ୍ଧ୍ୱ ପୂରାତନ ଛାତ୍ରଛାତ୍ରୀ, ସେମାନଙ୍କ ପରିବାରର ସଦସ୍ୟ ଯୋଗ ଦେଇଥିଲେ। ଶ୍ରୀସୁବାସ ଚନ୍ଦ୍ର ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଦ୍ରକରେ ବିଶ୍ୱ ବିଶ୍ରାମ ଦିବସ ପାଳିତ

ଭଦ୍ରକ, ୩୦।୧୨(ସମିସ): ଏକ ସୁସ୍ଥ ସମାଜ ଗଠନରେ କର୍ମ ପ୍ରବଣତା ସହିତ ବିଶ୍ରାମର ମଧ୍ୟ ଆବଶ୍ୟକତା ରହିଛି। ଏହି ବିଶ୍ରାମ ଉଭୟ ଶାରୀରିକ ଏବଂ ମାନସିକ ବିଶ୍ରାମକୁ ସୁଚାଉଥିଲାବେଳେ ଲୋକେ ଏହାକୁ କଦର୍ଥ କରି ସ୍ଥାଣୁତା ବୋଲି ଅଭିହିତ କରିଥାନ୍ତି। ଏହି ବାର୍ତ୍ତାକୁ ଆମ ଜୀବନରେ ଉପଲବ୍ଧି କରି ବିଶିଷ୍ଟ ସମାଜସେବୀ ତଥା ସୁପ୍ରିମକୋର୍ଟର ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ୨୦୧୪ ମସିହାରୁ ଡିସେମ୍ବର ୩୦ ତାରିଖକୁ



ବିଶ୍ୱ ବିଶ୍ରାମ ଦିବସ ଭାବରେ ପାଳନ କରିଆସୁଛନ୍ତି। ଏ ବର୍ଷ ଉକ୍ତ ଦିବସଟି ଭଦ୍ରକ ସହର ଉପକଣ୍ଠ ଡଗମୁଣ୍ଡ କଲୋନୀରେ ପାଳନ କରାଯାଇଥିଲା। ସୂଚନାଯୋଗ୍ୟ ଉକ୍ତ ଦିବସଟି ୨୦୧୮ ମସିହାରେ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ' ଦ୍ୱାରା ପ୍ରଶଂସିତ ହୋଇଛି। ଏହି ଦିବସରେ ଅନ୍ୟମାନଙ୍କ ମଧ୍ୟରେ ମଞ୍ଜୁ ସିଂ, ରବି ସିଂ, ପ୍ରଭାତୀ ସିଂ, ସମାଜସେବୀ ଜଗନ୍ନାଥ କର, ସମାଜସେବୀ ସୀତାକାନ୍ତ ତ୍ରିପାଠୀ, ଶ୍ରୀଧର ତଥା ଡ଼ଗମୁଣ୍ଡ କଲୋନୀର ବାସିନ୍ଦାମାନେ ଯୋଗଦାନ କରିଥିଲେ।

# ସଡ଼କ ସୁରକ୍ଷା ସପ୍ତାହ ପାଳନ ପ୍ରସ୍ତୁତି

ଭଦ୍ରକ, ୩୦।୧୨(ସମିସ)



ଆଗାମୀ ଜାନୁଆରୀ ୧ରୁ ୭ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା କାର୍ଯ୍ୟାନ୍ୱୟନର ପ୍ରତିଟି ଦିଗକୁ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଆଗାମୀ ସଡ଼କ ସୁରକ୍ଷା ସପ୍ତାହ ପାଳନ ଉପଲକ୍ଷେ ଜାନୁଆରୀ ୧ ତାରିଖରେ ସାଂସଦ, ବିଧାୟକ, ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀମାନଙ୍କ ଦ୍ୱାରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସଡ଼କ ସୁରକ୍ଷା ସଚେତନତା ଏଲଇଡି ରଥ ପରିକ୍ରମାର ଶୁଭାରମ୍ଭ କରାଯିବ। ସେହିଦିନ ବସ୍ ସିଣ୍ଡିକେଟ୍, ବସ୍‌ଷ୍ଟାଣ୍ଡ, ବନ୍ତଛକ ଠାରେ ଗାଡ଼ିଚାଳକ ମାନଙ୍କର ନିଃଶୁଳ୍କ ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା, 'ସଡ଼କ ସୁରକ୍ଷା ପରିବାର ରକ୍ଷା' ଶୀର୍ଷକ ନେଇ ଜିଲ୍ଲାସ୍କୁଲରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା, ତିହିଡ଼ି ଡିଗ୍ରୀ କଲେଜ ଓ ସରକାରୀ ପଲିଟେକ୍‌ନିକ୍ କଲେଜ, ଆଗରପଡ଼ା କଲେଜ, ଭଦ୍ରକରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨ ତାରିଖରେ ପଦଯାତ୍ରା, ବିଭିନ୍ନ ସ୍ଥାନରେ ଆରଟିଓ ଓ ପୁଲିସ୍‌ଙ୍କ ଦ୍ୱାରା ସଡ଼କ ସଚେତନତା ଓ ଧରପଗଡ଼ କାର୍ଯ୍ୟକ୍ରମ, ସ୍ଲୋଗାନ ପ୍ରତିଯୋଗିତା, ବେଦାନ୍ତ ଫେକରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୩ ତାରିଖରେ ଧାମରା ବନ୍ଦର, ବେଦାନ୍ତ ଫେକରର ଡ୍ରାଇଭର ମାନଙ୍କ ଉଦ୍ଦେଶ୍ୟରେ ସଡ଼କ ସୁରକ୍ଷା ସଚେତନତା, ବିଭିନ୍ନ ସ୍ଥାନରେ ଧରପଗଡ଼ ସହ ରାଣୀତାଲ ବଜାରରେ ଏଲଇଡ଼ି ଜରିଆରେ ସଡ଼କ ସୁରକ୍ଷା ଦୃଶ୍ୟାବଳୀ ପରିବେଷଣ କରାଯିବ। ୪ ତାରିଖରେ ଭଦ୍ରକ ପୌରପାଳିକାର ଦୃଶ୍ୟ ଫଳକ ଜରିଆରେ ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ, ଭଦ୍ରକ, ବନ୍ତ, ଧାମନଗର, ଭଣ୍ଡାରିପୋଖରୀ ଅଞ୍ଚଳରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ, ରେଲଷ୍ଟେସନ ଚରମ୍ପାରେ ଏଇଇଡ଼ିରେ ସଡ଼କ ସୁରକ୍ଷା ପ୍ରଦର୍ଶନ, ୫ ତାରିଖରେ ବାସୁଦେବପୁର, ଚାନ୍ଦବାଲି, ତିହିଡ଼ିରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ, ଏଲ୍.ଇ.ଡ଼ି ରଥ ଜରିଆରେ ତିହିଡ଼ିରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ, ୬ରେ ବିଭିନ୍ନ ସ୍ଥାନରେ ଧରପଗଡ଼ ସହ ସଚେତନତା ସମ୍ବଳିତ ବାର୍ତ୍ତା ପ୍ରଦର୍ଶନ ଓ ୭ରେ ଉଦ୍‌ଯାପନୀ ଉତ୍ସବ, ପୁରସ୍କାର ବିତରଣ ସହ ବିଭିନ୍ନ ସ୍ଥାନରେ ଧରପଗଡ଼ ଓ ସଚେତନତା କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯିବା ନେଇ କାର୍ଯ୍ୟସୂଚୀ ବୈଠକରେ ଅନୁମୋଦିତ ହୋଇଥିଲା। ବେଆଇନ୍ ପାର୍କିଂ, ହମ୍ପସ୍ ଉଠାଇବା, ସୂଚନା ଫଳକ ଲାଗିବା, ଜାତୀୟ ରାଜପଥରେ ଆଲୋକ ନ ଜଳିବା, ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ନ ସରିବା ଆଦି ସମ୍ବନ୍ଧରେ ଟିକିନିଖି ସମୀକ୍ଷା କରାଯାଇ ବାକିଥିବା କାମକୁ ସମ୍ପାଦନା ପାଇଁ ପରିଚାଳନା କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ଏକ ସ୍ଥାୟୀ ସବ୍ କମିଟି ବୈଠକ ଗଠନ କରାଯାଇଥିଲା। ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ବରିଷ୍ଠ ଏମ୍‌ଭିଆଇ, ସଡ଼କ ସୁରକ୍ଷା ଅଧିକାରୀ ଓ କମିଟିର ସଦସ୍ୟ ଅତିସ୍ କୁମାର ବେହେରା, ଶ୍ରୀନିବାସ ପତି ଓ ରବିନାରାୟଣ ଖିଲାରଙ୍କୁ ନେଇ ଏହି କମିଟି ଗଠନ କରାଯାଇଥିଲା। ବୈଠକରେ ସମାପ୍ତି ପରେ ଉକ୍ତ ସବ୍ କମିଟି ସମସ୍ୟା ଯୁକ୍ତ ସଡ଼କ ପଥର କ୍ଷେତ୍ର ପରିଦର୍ଶନରେ ଗସ୍ତ କରିଥିଲେ। ବରିଷ୍ଠ ଏମ୍‌ଭିଆଇ ବାମଦେବ ସାହୁ ବୈଠକରେ ଗତ ବୈଠକ ର ବିବରଣୀ ଓ ଚଳିତ ବୈଠକ ପାଇଁ କାର୍ଯ୍ୟସୂଚୀ ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅନ୍ୟ ସମସ୍ତ କର୍ମଚାରୀ ଏହି ବୈଠକ ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ।

# ଶୁଖୁନି ପାଣି; ଭିଜୁଛି ଧାନ କଳେଇ



ତିହିଡି, ୩୦।୧୨(ସମିସ): ତିହିଡି ବ୍ଲକରେ ଅଦିନିଆ ବର୍ଷା ହେବାରୁ ଧାନ ବିଲରେ ପାଣି ଜମିଛି। ଏହି ପାଣିରେ ଭିଜୁଛି ଧାନ କଳେଇ। ବର୍ଷକର ଅମଳ ପାଣିରେ ଭିଜି ଗଜା ହେବାକୁ ବସିଲାଣି। ଏହି ଅମଳ ଧାନକୁ ଆଣିବା ପାଇଁ ଚାଷୀ ପରିବାର ହେଉଛନ୍ତି ନୟାନ୍ତ। ଏଭଳି ପରିସ୍ଥିତି ଦେଖାଦେଇଛି ଏହି ବ୍ଲକ ମଙ୍ଗଳପୁର ପଞ୍ଚାୟତରେ ଥିବା ବିଭିନ୍ନ ମୌଜାରେ। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତି ପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଧାନ ଅମଳ କରିବାରେ ବିଭିନ୍ନ ବାଧା ଉପୁଜୁଛି। ଯାହାକୁ ନେଇ ଏମାନେ ହଇରାଣ ହରକତ ହେଉଛନ୍ତି। ଏ ସମ୍ପର୍କରେ ଏକ ଦାବିପତ୍ର ତିହିଡି ତହସିଲଦାରଙ୍କୁ ପ୍ରେରଣ କରାଯାଇଛି ସ୍ଥାନୀୟ ଚାଷୀମାନଙ୍କ ପାଖରୁ। ଏହି ପଞ୍ଚାୟତର ଥିବା ବିଭିନ୍ନ ଗାଁର ଚାଷୀ ବିଦ୍ୟାଧର ମହାଳିକ, ହରିହର ମଳିକ, ଗୟାଧର ମହାଳିକ, କବି ମହାଳିକ, ମଧୁସୂଦନ ମହାଳିକ, ଶରତ ଭୋଇ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।







**ଉଜୁଡ଼ା କ୍ଷେତରେ ନବୀନ** ଗଞ୍ଜାମ ଜିଲ୍ଲାର ବର୍ଷା କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ସମସ୍ୟା ବୁଝୁଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ

### ଶ୍ରୀମନ୍ଦିରରେ ନୂଆବର୍ଷ ପ୍ରସ୍ତୁତି

## ରାତି ୧୧ଟା ସୁଦ୍ଧା ନ ହେଲେ ବାତିଲ୍ ହେବ ରାତ୍ର ପହୁଡ଼

**ପୁରୀ, ୩୦।୧୨(ସମିସ):** ନୂଆବର୍ଷରେ ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରିବେ, ସେଥିଲାଗି ବ୍ୟାପକ ବ୍ୟବସ୍ଥା ହୋଇଛି। ୩୧ ଏବଂ ୧ ତାରିଖରେ ଶ୍ରୀମନ୍ଦିର ଭକ୍ତଙ୍କ ପ୍ରବଳ ଭିଡ଼ ହେବ। ଶୃଙ୍ଖଳିତ ନୀତିକାନ୍ତି ଲାଗି ପୂର୍ବରୁ ଛତିଶା ନିଯୋଗ ବୈଠକରେ ଆଲୋଚନା ହୋଇଛି। ମଙ୍ଗଳବାର ରାତି ୧୧ଟା ମଧ୍ୟରେ ପହୁଡ଼ କରାଯିବା ଲାଗି ଯୋଜନା ରହିଛି। ଯଦି ଏହି ସମୟ ଭିତରେ ପହୁଡ଼ ନ ହୁଏ, ତେବେ ରାତ୍ର ପହୁଡ଼ ବାତିଲ କରାଯିବ ବୋଲି ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଛି। ନୀତିକାନ୍ତି ସଅଳ ଯୋଗୁଁ ଯଦି ୧୧ଟା ସୁଦ୍ଧା ରାତ୍ର ପହୁଡ଼ ହେଲା ତେବେ ୨ଟା ପରେ ଦ୍ୱାରା ଫିଟାଯିବ ବୋଲି ସୂଚନା ମିଳିଛି।

ପୁରୁଣା ବର୍ଷକୁ ବିଦାୟ ଏବଂ ନୂଆବର୍ଷକୁ ସ୍ୱାଗତ ଜଣାଇବା ଲାଗି ପୁରୀ ସହର ସମ୍ପୂର୍ଣ୍ଣ ପ୍ରସ୍ତୁତ। ସବୁଆଡ଼େ ଭକ୍ତ, ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଲାଣି। ହୋଟେଲ, ଲଜ୍, ଭକ୍ତନିବାସ, ହଲି-ଡେ' ହୋମ୍‌ଗୁଡ଼ିକ ପୂରା ପ୍ୟାକ୍ ହୋଇଯାଇଛି। ଜିରୋ-ନାଇଟ୍ ସେଲିବ୍ରେସନ୍‌କୁ ସମସ୍ତଙ୍କ ଅପେକ୍ଷା। ମଙ୍ଗଳବାର ରାତି ୧୨ଟାରେ ମନାଇବେ ଜିରୋ-ନାଇଟ୍ ସେଲିବ୍ରେସନ୍। ମଉଜ, ମସ୍ତିରେ ସ୍ୱାଗତ କରିବେ ନୂଆବର୍ଷକୁ। ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ମଙ୍ଗଳବାର ଜିରୋ-ନାଇଟ୍ ସେଲିବ୍ରେସନ୍ ପରେ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ଭୋର୍‌ରୁ ସମୁଦ୍ରରେ ସ୍ନାନ କରି ନୂଆବର୍ଷର ପ୍ରଥମ ସୂର୍ଯ୍ୟଙ୍କୁ ଦର୍ଶନ କରିବେ। ଏହାପରେ ଶ୍ରୀମନ୍ଦିର ଯାଇ ଦାରୁଦିଅଁଙ୍କୁ ଦର୍ଶନ କରି ପରିବାର ମଙ୍ଗଳ କାମନା କରିବେ। ଏମିତି ଭାବନା ନେଇ ଶ୍ରୀକ୍ଷେତ୍ରକୁ ଛୁଟି ଆସିଛନ୍ତି ବହୁ ସଂଖ୍ୟାରେ ଭକ୍ତ। ତେଣୁ ଭକ୍ତ ଏବଂ ପର୍ଯ୍ୟଟକଙ୍କ ନିରାପଦ ସ୍ନାନ ଏବଂ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

## ସମ୍ପତ୍ତି ତାଲିକା ଦାଖଲ ପାଇଁ ପୁଣି ଜାରିହେଲା ନିର୍ଦ୍ଦେଶ

**ଭୁବନେଶ୍ୱର,୩୦।୧୨(ସମିସ):** ସବୁ ବର୍ଷ ପରି ଏଥର ମଧ୍ୟ ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ ପାଇଁ ରାଜ୍ୟ ସରକାର ସବୁ ବିଭାଗର କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ସାଧାରଣ ପ୍ରଶାସନ ବିଭାଗ (ଜିଏ) ସ୍ୱତନ୍ତ୍ର ସଚିବ ସବୁ ବିଭାଗୀୟ ମୁଖ୍ୟ, ଆର୍‌ଡିସି, ଜିଲ୍ଲାପାଳମାନଙ୍କୁ ପତ୍ର ଲେଖି କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଗ୍ରୁପ୍ ଏ' ଠାରୁ ନେଇ ଗ୍ରୁପ୍ ଡି' ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ନିଜର ବାର୍ଷିକ ସମ୍ପତ୍ତି (ସ୍ଥାବର ଓ ଅସ୍ଥାବର) ତାଲିକା ଦାଖଲ କରିବା ବାଧ୍ୟତାମୂଳକ। ଜାନୁଆରୀ ୧ ତାରିଖ ସୁଦ୍ଧା କେତେ ପରିମାଣର ସମ୍ପତ୍ତି ରଖିଛନ୍ତି, ତାହା ଜାନୁଆରୀ ୩୧ ତାରିଖ ସୁଦ୍ଧା ଜଣାଇବା ଜରୁରୀ। ତେଣୁ ଆସନ୍ତା ଜାନୁଆରୀ ୩୧ତାରିଖ ପୂର୍ବରୁ ଏହି ବିବରଣୀ ସରକାରଙ୍କ ନିକଟରେ ଅନଲାଇନ୍ ଜରିଆରେ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ କର୍ମଚାରୀମାନଙ୍କୁ ସଚେତନ କରିବା ପାଇଁ ମଧ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ଜିଏ ପକ୍ଷରୁ ଏ ପ୍ରକାର ନିର୍ଦ୍ଦେଶନାମା ଜାରି କରାଯିବା ଏକ ଚିରାଚରିତ ପ୍ରକ୍ରିୟା ହୋଇଗଲାଣି। ପ୍ରତିବର୍ଷ ବିଭାଗ ଏଥିପାଇଁ ତାଗିଦ୍ କରିଥାଏ। ସମୟ ଗଡ଼ିଚାଲେ, ହେଲେ ସମସ୍ତେ ସମ୍ପତ୍ତି ତାଲିକା ଦିଅନ୍ତି ନାହିଁ। ଯେଉଁମାନେ ସମ୍ପତ୍ତି ତାଲିକା ଦେଉନାହାନ୍ତି ସେମାନଙ୍କୁ ପଦୋନ୍ନତିରୁ ବଞ୍ଚିତ ରଖାଯାଉଛି। ତେବେ ବି ଅନେକ ସରକାରୀ ଅଧିକାରୀ ଏହାକୁ ଭ୍ରୂକ୍ଷେପ କରୁ ନ ଥିବା କୁହାଯାଉଛି।

## ସଂଗରୋଧରେ ଜିନତ୍



**ବାରିପଦା, ୩୦।୧୨(ସମିସ):** ଟ୍ରାଙ୍କୁଲାଇଜ୍ ପରେ ବାଘୁଣୀ ଜିନତ୍‌କୁ ଏବେ ପଶ୍ଚିମବଙ୍ଗର ଆଲିପୁର ଚିଡିଆଖାନାର ସଂଗରୋଧରେ (କ୍ୱାରାଣ୍ଟିନ୍)ରେ ରଖାଯାଇଛି। ତା'ର ସ୍ୱାସ୍ଥ୍ୟାବସ୍ଥାକୁ ଅନୁଧ୍ୟାନ କରି ପ୍ରାଣୀ ବିଶେଷଜ୍ଞମାନେ ଚିକିତ୍ସା ଜାରି ରଖିଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହେଲେ ଚିଡ଼ିଆଖାନା କର୍ତ୍ତୃପକ୍ଷ ତାକୁ ଓଡ଼ିଶା ବନବିଭାଗ ଟିମ୍‌କୁ ହସ୍ତାନ୍ତର କରିବେ। ପରେ ତାକୁ ଶିମିଳିପାଳ ଅଣାଯିବ। ଏଠାକୁ ଆସିବା ପରେ ଶିମିଳିପାଳ ଅଭୟାରଣ୍ୟର ଦକ୍ଷିଣ ବନଖଣ୍ଡ ଯମୁନାର ସଫ୍ଟ-ଏନ୍‌କ୍ଲୋଜର୍‌ରେ ତାକୁ ଛଡ଼ାଯିବ ବୋଲି ପିସିସିଏଫ ପ୍ରେମ କୁମାର ଝା ଆଜି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରବିବାର ଅପରାହ୍ଣରେ ବାଘୁଣୀକୁ ଦୁଇଥର ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ପରେ ତା' ଚେତା ଫେରାଇ ଆଣିବା ପାଇଁ ଇଞ୍ଜେକସନ୍ ଦିଆଯାଇଥିଲା।

**ଶିମିଳିପାଳ ଫେରିବା ପରେ ଯମୁନା ଏନ୍‌କ୍ଲୋଜରରେ ରହିବ**

## ବାଘଛାଲ ଜବତ; ୨ ଗିରଫ

**କେନ୍ଦୁଝର/ପାଟଣା/ତୁରୁମୁଙ୍ଗା,୩୦।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ୍ ମାଛଗଡ଼ ନର୍ଥବିଟ୍ ଓସ୍ତଯୋଡ଼ି ଜଙ୍ଗଲ ନିକଟରୁ ବନ ବିଭାଗ ଆଜି ଏକ କଲରାପତରିଆ ବାଘଛାଲ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଖଡ଼ିପାଳ ଗ୍ରାମର ସାଗର କୁଲପାଡ଼ିଆ (୩୭) ଏବଂ ବସନ୍ତପୁର ଗ୍ରାମର ରାମ ବାନ୍ଦିଆ (୩୩)। ଦୁହିଁଙ୍କୁ କୋର୍ଟଚାଲାଣ କରାଯାଇଛି। ୨ ଲକ୍ଷ ଟଙ୍କାରେ ଏକ କଲରାପତରିଆ ବାଘ ଛାଲ ବିକ୍ରି ପାଇଁ ଡିଲ୍ ହେଉଥିବା ବେଳେ କେନ୍ଦୁଝର ଏସ୍‌ପି ଓ ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ପାଟଣା ବନ ବିଭାଗ ଓ ପାଟଣା ପୁଲିସ୍ ସେଠାରେ ଚଢ଼ଉ କରିଥିଲା। ଏନେଇ ପାଟଣା ଥାନାରେ ସାମ୍ବାଦିକ ସମ୍ମିଳନୀରେ ଘଟଗାଁ ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର, ପାଟଣା ଥାନା ଏସ୍‌ଆଇ ଉଦୟବୀର କୁଲୁ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।



### ନୀଳଗିରି ପ୍ରସଙ୍ଗରେ ବର୍ଷିଲା ବିଜେଡି

# ସୀମା ଟପିଲାଣି ବିଜେପି କର୍ମୀଙ୍କ ଗୁଣ୍ଡାଗର୍ଦ୍ଦି

**ଭୁବନେଶ୍ୱର,୩୦।୧୨(ସମିସ):** ଓଡିଶାରେ ଡବଲ ଇଞ୍ଜିନ୍ ସରକାର ଆସିବାର ସାତ ମାସ ଭିତରେ ଅରାଜକତା, ଅମାନବିକତା ଏବଂ ଅପରାଧୀମାନଙ୍କ ଶାସନ ଚାଲିଛି। ବାଲେଶ୍ୱର ଜିଲ୍ଲା ନୀଳଗିରିରେ ଯେପରି ଭାବେ ତିନି ଜଣ ଆଦିବାସୀ ମହିଳାମାନଙ୍କୁ ଅପମାନିତ କରାଗଲା, ନିର୍ଯ୍ୟାତନା ଦିଆଗଲା ତାହା ସାରା ଦେଶରେ ଓଡିଶାକୁ ନିନ୍ଦିତ କରିଛି। ଓଡିଶାରେ ଗଣତନ୍ତ୍ରର ଶାସନ ଚାଲୁଛି କି ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। ଏପରି ଘୃଣ୍ୟ ଅପରାଧରେ ଲିପ୍ତ ଅଭିଯୁକ୍ତ ଶାସକ ବିଜେପି ଦଳର ନେତା ଓ କର୍ମୀ ହୋଇଥିବାରୁ ସେମାନଙ୍କ ଦେହରେ ପୁଲିସ ହାତ ମାରିପାରୁ ନାହିଁ। ଏହା ଗୋଟିଏ ଉଦାହରଣ ନୁହେଁ, ବରଂ ଏପରି ମାଳ ମାଳ ଘଟଣା ନୂଆ ସରକାର ଆସିବା ପରେ ଦେଖିବାକୁ ମିଳୁଛି ବୋଲି ଅଭିଯୋଗ କରିଛନ୍ତି ବିଜେଡି ମୁଖପାତ୍ର ଡ଼ ଲେଖାଶ୍ରୀ ସାମନ୍ତସିଂହାର।

- **ନୀଳଗିରିରେ ଆଦିବାସୀ ମହିଳାଙ୍କୁ ନିର୍ଯାତନା ଓଡ଼ିଶାକୁ ନିନ୍ଦିତ କରିଛି**
- **ସାଂସଦ ଓ ବିଧାୟକଙ୍କ ଅନୁଗତ ଥିବାରୁ ପୁଲିସ ଗିରଫ କରୁନାହିଁ**



ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ଼ ସାମନ୍ତସିଂହାର କହିଛନ୍ତି ଯେ ରାଜ୍ୟରେ ବିଜେପି କର୍ମୀଙ୍କ ଗୁଣ୍ଡାରାଜ ଘଟଣା ବଢ଼ି ଚାଲିଛି। ସେମାନଙ୍କ ବିରୋଧରେ ସଙ୍ଗୀନ ଦଫାରେ ମାମଲା ରୁଜୁ ହେବା ପରେ ମଧ୍ୟ ପୁଲିସ ସେମାନଙ୍କୁ ଗିରଫ କରିବାକୁ ସାହସ ଜୁଟାଇପାରୁ ନାହିଁ। ଗତ ସାତ ମାସ ଭିତରେ ଏପରି ଅନେକ ଘଟଣା ଦେଖିବାକୁ ମିଳିଥିବା ବେଳେ ଗତ ୨୬ ତାରିଖରେ ବାଲେଶ୍ୱର ଜିଲ୍ଲାର ମୁଖୁରା ପଞ୍ଚାୟତର ଛଣଖଣପୁର ଗ୍ରାମରେ ଏହାର ପୁନରାବୃତ୍ତି ଘଟିଛି। ତିନି ମହିଳା ସମେତ ଚାରି ଜଣଙ୍କ ଉପରେ ଅତ୍ୟନ୍ତ ଅମାନବୀୟ ଅତ୍ୟାଚାର ହୋଇଛି। ଘଟଣା ବିଷୟରେ, ରେମୁଣା ଥାନାରେ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିମାନେ ଅଭିଯୋଗ କରିଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ। ଡିସେମ୍ବର ୨୬ ତାରିଖରେ, ଗୋବିନ୍ଦ ସିଂଙ୍କ ଘରେ ସେହି ଅଞ୍ଚଳର ବାସିନ୍ଦା ସୁବାସିନୀ ସିଂ, ସୁକାନ୍ତି ସିଂ ଉପସ୍ଥିତ ଥିବା ସମୟରେ ବାଦଲ ପଣ୍ଡା ନାମକ ଜଣେ ବିଜେପି କର୍ମୀ ଓ ତାଙ୍କର କିଛି ସହଯୋଗୀ ଅତର୍କିତ ଭାବେ ଘରେ ପଶି ଗୋବିନ୍ଦ ତାଙ୍କ ଭଉଣୀ ମୁନି ସିଂ, ବନ୍ଧୁ ସୁବାସିନୀ ସିଂ ଓ ସୁକାନ୍ତି ସିଂଙ୍କୁ ବାହାରକୁ ଭିଡି ନେଇ ଉଲଗ୍ନ କରି, ଜୋତାରେ ମାଡ ମାରିଲେ। ତାଙ୍କ ସମ୍ବେଦନଶୀଳ ସ୍ଥାନରେ ଗୋଇଠା ମାରି ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଘୋର ନିର୍ଯାତନା ଦେଲେ। ଜାତିଆଣ ଆକ୍ଷେପ କଲେ, ଏହି ଘଟଣା ଦିନ ତମାମ ଚାଲିଥିଲା। ଘଟଣା ବିଷୟରେ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିମାନଙ୍କ ଦ୍ୱାରା ରେମୁଣା ଥାନାରେ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ମାତ୍ର ଚାପ ବଢ଼ିବା ପରେ ଡିସେମ୍ବର ୨୭ ତାରିଖରେ ଅଭିଯୋଗ ଦାଖଲ କରାଯାଇଥିଲା। କିନ୍ତୁ ମୁଖ୍ୟ ଅଭିଯୁକ୍ତ ବାଦଲ ପଣ୍ଡାଙ୍କୁ ଏ ପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। ବାଦଲ ପଣ୍ଡା ଜଣେ ବିଜେପି କର୍ମୀ ଓ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ଘନିଷ୍ଠ ସହଯୋଗୀ। ସମ୍ଭବତଃ ସେହି କାରଣରୁ, ପୁଲିସ ବାଦଲ ପଣ୍ଡାଙ୍କୁ ଗିରଫ କରୁନାହିଁ। ଏହା ଜନଜାତି ମହିଳାଙ୍କ ଉପରେ ଆକ୍ରମଣ ଘଟଣା ହୋଇଥିବାରୁ, ଏସଟି ଆଟ୍ରୋସିଟି ଆକ୍ଟରେ ମାମଲା ରୁଜୁ କରିବା ସହ ମୁଖ୍ୟ ଅଭିଯୁକ୍ତ ବାଦଲ ପଣ୍ଡାଙ୍କୁ ତୁରନ୍ତ ଗିରଫ କରିବାକୁ ଆମେ ଦାବି କରୁଛୁ। ବିଜୁ ଜନତା ଦଳ ମହିଳା କମିଶନ, ଏସଟି କମିଶନ, ମାନବାଧିକାର କମିଶନଙ୍କ ପାଖରେ ଫେରାଦ ହୋଇ ନ୍ୟାୟ ଦାବି କରିବ ବୋଲି ଡ଼ଃ ସାମନ୍ତସିଂହାର କହିଛନ୍ତି।

### ବର୍ବର, ନିନ୍ଦନୀୟ ଓ ଲଜ୍ଜାଜନକ: ରାହୁଲ ଗାନ୍ଧୀ

**ଭୁବନେଶ୍ୱର,୩୦।୧୨(ସମିସ):** ବାଲେଶ୍ୱର ନୀଳଗିରି ଅଞ୍ଚଳରେ ଆଦିବାସୀ ମହିଳାଙ୍କ ପ୍ରତି ଅମାନବୀୟ ଅତ୍ୟାଚାରକୁ ନେଇ ଭର୍ତ୍ସନା କରିଛନ୍ତି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଏହା ଅତ୍ୟନ୍ତ ଦୁଃଖଦ, ନିନ୍ଦନୀୟ ଓ ଲଜ୍ଜାଜନକ ଘଟଣା ବୋଲି ସେ କହିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସ'ରେ ରାହୁଲ କହିଛନ୍ତି ଯେ ଗୋଟିଏପଟେ ମଧ୍ୟପ୍ରଦେଶରେ ହାଜତ ଭିତରେ ପୁଲିସ ଜଣେ ଦଳିତ ଯୁବକକୁ ପିଟିପିଟି ମାରି ଦେଉଛି, ଅନ୍ୟପଟେ ଓଡ଼ିଶାର ବାଲେଶ୍ୱରରେ ଆଦିବାସୀ ମହିଳାଙ୍କୁ ଗଛରେ ବାନ୍ଧି ମାଡ଼ ମରାଯାଉଛି। ବିଜେପିର ମନୁବାଦୀ ଚିନ୍ତାଧାରା ପାଇଁ ବିଜେପି ଶାସିତ ରାଜ୍ୟମାନଙ୍କରେ ଏପରି ଗୋଟିଏ ପରେ ଘୋଟିଏ ଘୃଣ୍ୟ ଘଟଣା ଦେଖାଯାଉଛି। ଏପରି ବର୍ବରତାକୁ କୌଣସି ପରିସ୍ଥିତିରେ ବି ବରଦାସ୍ତ କରାଯାଇପାରିବ ନାହିଁ। ଆମେ ଏପରି ନିର୍ଯାତିତ ଜନତାଙ୍କ ସହ ଅଛୁ। ସେମାନଙ୍କୁ ନ୍ୟାୟ ଦେବା ପାଇଁ ଲଢ଼ିବୁ ବୋଲି ଶ୍ରୀ ଗାନ୍ଧୀ କହିଛନ୍ତି।

## ୨୦୨୫ରେ ୩ ଥର ମିଳିବ 'ସୁଭଦ୍ରା' ଟଙ୍କା

**ଭୁବନେଶ୍ୱର, ୩୦।୧୨ (ସମିସ):** ୨୦୨୫ ମସିହାରେ ୩ଥର ମିଳିବ 'ସୁଭଦ୍ରା' ଟଙ୍କା। ଆସନ୍ତା ବର୍ଷ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ସହ ମାର୍ଚ୍ଚ ୮ ଓ ରକ୍ଷାବନ୍ଧନରେ ବି ସୁଭଦ୍ରା ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୫ ଲକ୍ଷ ୧୧ହଜାର ମହିଳାଙ୍କ ଆକାଉଣ୍ଟରେ ତ୍ରୁଟି ଥିବାରୁ ତାହାକୁ ସୁଧାରିବାକୁ ଡିସେମ୍ବର ଶେଷ ପର୍ଯ୍ୟନ୍ତ ସୁଯୋଗ ଦିଆଯାଇଥିଲା। ଫିଲ୍ଡ ରିପୋର୍ଟ ଆସିବା ପରେ ଜାନୁଆରୀ ପ୍ରଥମ ସପ୍ତାହରେ ପୂରା ସର୍ଭେ ସରିବ। ରିପୋର୍ଟ ଅନୁସାରେ ପଦକ୍ଷେପ ନିଆଯିବା ସହ ଆସନ୍ତା ବର୍ଷ ପାଇଁ ମାର୍ଚ୍ଚ ୮ ଓ ରକ୍ଷାବନ୍ଧନରେ ଦୁଇଥର ମିଳିବ ସୁଭଦ୍ରା ଟଙ୍କା। ସୂଚନାଯୋଗ୍ୟ, ହିତାଧିକାରୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳିସାରିଛି। ଡିସେମ୍ବର ୨୫ତାରିଖରେ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ମିଳିବ ବୋଲି ଚର୍ଚ୍ଚା ହେଉଥିଲା। ତେବେ ଯାଞ୍ଚ ଚାଲିଥିବାରୁ ତାହା ମିଳିବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଥିଲେ।



ପୁରୀ: ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ

## ଜଳିଗଲା ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ

**ଅନୁଗୋଳ,୩୦।୧୨(ସମିସ):** ଅନୁଗୋଳ ସହର ଶଙ୍କର ସିନେମା ରୋଡ୍‌ରେ ଥିବା ଦି ମ୍ୟାନ୍ ଷ୍ଟୋର (ଡ୍ରେସ୍ ଦୋକାନ)ରେ ଅଗ୍ନିକାଣ୍ଡ ଘଟି ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି। ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଥିବା କୁହାଯାଉଛି। ଦୋକାନ ଭିତରେ ନିଆଁ ଲାଗିବା ଯୋଗୁଁ ଚାରିଆଡ଼େ ଧୂଆଁମୟ ହୋଇଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଥିସହ ସ୍ମୋକ୍ ଇଜେକ୍ଟର୍ ଦ୍ୱାରା ଧୂଆଁ ବାହାରକୁ ବାହାର କରିଥିଲା।

### ସାମୁଦ୍ରିକ ବିବାଦ ମାମଲା

## ଜାହାଜକୁ ଗିରଫ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୩୦।୧୨(ସମିସ):** ଏକ ସାମୁଦ୍ରିକ ବିବାଦ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ଏକ ଜାହାଜକୁ ଗିରଫ କରିବା ପାଇଁ ହାଇକୋର୍ଟଙ୍କ ଅବକାଶକାଳୀନ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପାରାଦୀପ ବନ୍ଦରରେ ଏମଭି ପ୍ରୋପେଲ ଫର୍ଚ୍ୟୁନ (ଆଇଏମଓ ୯୫୦୦୬୯୯) ଜାହାଜକୁ ଗିରଫ କରାଯିବ। ବ୍ୟବସାୟିକ ବିବାଦକୁ ନେଇ ଏମଏଚ ବ୍ଲେଣ୍ଡ ଏସ.ଏଲ. ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଏମ.ଏସ.ରମଣ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମାମଲାରେ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି।

ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ଏମଭି ପ୍ରୋପେଲ ଫର୍ଚ୍ୟୁନ ଡିସେମ୍ବର ୩୧ ସକାଳ ୬ଟାରେ ପରାଦୀପ ବନ୍ଦର ଛାଡିବ। ତେଣୁ ତୁରନ୍ତ ଜାହାଜ ଆରେଷ୍ଟ ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଥିଲେ। ଯଦି ଜାହାଜ ପରାଦୀପ ବନ୍ଦର ପ୍ରାଦେଶିକ ଜଳପଥ ଥରେ ଅତିକ୍ରମ କରିଯାଏ ତେବେ ଆବେଦନକାରୀଙ୍କ ଅର୍ଥ ଆଦାୟ ହୋଇପାରିବ ନାହିଁ ଓ ମାମଲା ଅର୍ଥହୀନ ହୋଇଯିବ ବୋଲି ହାଇକୋର୍ଟ ମତ ଦେବା ସହିତ ତୁରନ୍ତ ଏମଭି ପ୍ରୋପେଲ ଫର୍ଚ୍ୟୁନକୁ ଆରେଷ୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ ଜାହାଜ ଆରେଷ୍ଟ ସମ୍ପର୍କିତ ୱାରେଣ୍ଟ କାର୍ଯ୍ୟକାରୀ ସଂକ୍ରାନ୍ତରେ ଆବେଦନକାରୀ ଅବଗତ କରିବେ ବୋଲି ହାଇକୋର୍ଟ କହିଛନ୍ତି। ୨୦୨୫, ଜାନୁଆରି ପ୍ରଥମ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଭାରତୀୟ ମୁଦ୍ରାରେ ପ୍ରାୟ୧୫, ୫୬, ୦୮୮.୯୩ ଟଙ୍କା ପ୍ରାପ୍ୟ ଦାବି କରି ଆବେଦନକାରୀ ସଂସ୍ଥା ପକ୍ଷରୁ ଏମଭି ପ୍ରୋପେଲ ଫର୍ଚ୍ୟୁନ ବିରୋଧରେ ଏହି ମାମଲା ହାଇକୋର୍ଟରେ ଦାୟର କରାଯାଇଛି। ବିଦେଶୀ ସଂସ୍ଥାର ଏହି ଜାହାଜ ଏବେ ପାରାଦୀପ ବନ୍ଦରରେ ରହିଛି।

## ଜଣେ ସାମ୍ବାଦିକଙ୍କୁ ମିଳିବ ସଚିବାଳୟ ପ୍ରବେଶ ଅନୁମତି

**ଭୁବନେଶ୍ୱର,୩୦।୧୨(ସମିସ):** ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଖୋଲିବ ସଚିବାଳୟ ଫାଟକ। ସଚିବାଳୟ ପାସ୍ ଜାରି ନିମନ୍ତେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ସ୍ୱୀକୃତିପ୍ରାପ୍ତ ଖବରକାଗଜ/ପତ୍ରିକାରୁ ଜଣେ ମାତ୍ର ସାମ୍ବାଦିକଙ୍କୁ ସଚିବାଳୟ ଅବା ଲୋକସେବା ଭବନରେ ପ୍ରବେଶ ପାଇଁ ଅନୁମତି ମିଳିବ। ସେହିପରି ନ୍ୟୁଜ୍ ଚାନେଲ, ଜାତୀୟ ନ୍ୟୁଜ୍ ଏଜେନ୍ସିରୁ ମଧ୍ୟ ଜଣେ ସାମ୍ବାଦିକଙ୍କୁ ଏଥିପାଇଁ ଅନୁମତି ପ୍ରଦାନ କରାଯିବ। ସେମାନଙ୍କ ସହ ଜଣେ ଫଟୋଗ୍ରାଫର/କ୍ୟାମେରାମ୍ୟାନ୍ ଯାଇପାରିବେ। ନିର୍ଦ୍ଦିଷ୍ଟ ୱେବ୍ ପୋର୍ଟାଲର ସାମ୍ବାଦିକଙ୍କ ପାଇଁ ପାସ୍ ଜାରି ହେବ। ଏଥିସହ ସ୍ୱୀକୃତିପ୍ରାପ୍ତ ଖବରକାଗଜ/ଚ୍ୟାନେଲର ସମ୍ପାଦକ, ସମସ୍ତ ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକଙ୍କୁ ପ୍ରବେଶ ନିମନ୍ତେ ପାସ୍ ମିଳିବ ବୋଲି କୁହାଯାଇଛି। ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ସଚିବାଳୟ ପାସ୍ ଜାରି କରାଯିବ ବୋଲି ବିଜେପି ନିଜର ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା। କ୍ଷମତାକୁ ଆସିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଧିବଦ୍ଧ ଭାବେ ସଚିବାଳୟରେ ପ୍ରବେଶ ପାସ୍ ଜାରି କରିବା ପାଇଁ ଚଳିତ ମାସ ୨୬ ତାରିଖରେ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଫେବୃଆରୀରୁ ଲାଗୁହେବ 'ଆୟୁଷ୍ମାନ ଭାରତ'

**ଭୁବନେଶ୍ୱର,୩୦।୧୨(ସମିସ):** ଆସନ୍ତା ଫେବ୍ରୁଆରୀ ମାସରୁ ଆରମ୍ଭ ହେବ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ରାଜ୍ୟର ସାଢ଼େ ତିନି କୋଟି ଲୋକଙ୍କୁ ମିଳିବ ସ୍ୱାସ୍ଥ୍ୟକାର୍ଡ। ଏହି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ। ଗଣମାଧ୍ୟମକୁ ଡଃ ମହାଲିଙ୍ଗ କହିଛନ୍ତି, ଆୟୁଷ୍ମାନ ଭାରତ ଯୋଜନାରୁ କେହି ବଞ୍ଚିତ ହେବେ ନାହିଁ। କେନ୍ଦ୍ରୀୟ ଟିମ୍ ଆସି ଏ ସମ୍ପର୍କରେ ଆଲୋଚନା କରି ଫେରିଛନ୍ତି। ତେଣୁ ଦୁଇଟି ଯୋଜନା କାର୍ଯ୍ୟକାରୀ କରିବାରେ ବିଳମ୍ବ ହେବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

## କ୍ୱାର୍ଟର୍ସ ନ ମିଳିଲେ ଅନଶନ କରିବେ ବିଧାୟକ

**ଭୁବନେଶ୍ୱର,୩୦।୧୨(ସମିସ):** ସରକାର ଗଠନ ହେବାର ୬ ମାସ ପୂରି ୭ ମାସ ହେବାକୁ ବସିଲାଣି, ମାତ୍ର ବିଧାୟକମାନଙ୍କୁ କ୍ୱାର୍ଟର ଯୋଗାଇବାରେ ସରକାର ସମର୍ଥ ହୋଇ ନାହାନ୍ତି। ଫଳରେ ବିଧାୟକମାନେ କେଉଁଠି ଅତିଥି ଭବନରେ ମୁଣ୍ଡ ଗୁଞ୍ଜୁଛନ୍ତି ତ କେହିକେହି ନିଜସ୍ୱ ଉଦ୍ୟମରେ ନିଜ ଥଇଥାନ ବ୍ୟବସ୍ଥା କରୁଛନ୍ତି । ନିକଟରେ ଡିଜିପି ସମ୍ମିଳନୀ ବେଳେ ବିଧାୟକଙ୍କୁ ରାଜ୍ୟ ଅତିଥି ଭବନରୁ ବିଦା କରାଯିବାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏଯାଏ ଥମି ନ ଥିବାବେଳେ ବିଷମ କଟକ ବିଧାୟକ ନୀଳମାଧବ ହିକକା କ୍ୱାର୍ଟର ଦାବିରେ ଅନଶନ ଧମକ ଦେଇଛନ୍ତି। ବିଧାୟକ ଭାବେ ନିର୍ବାଚିତ ହେବାରେ ୬ ମାସ ବିତିଯାଇଥିଲେ ବି ଏପର୍ଯ୍ୟନ୍ତ ଏକାଧିକ ବିଧାୟକଙ୍କୁ କ୍ୱାର୍ଟର୍ସ ମିଳି ନାହିଁ। ଯାହାକୁ ନେଇ ନୀଳମାଧବ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ନୀଳମାଧମ କ୍ୱାର୍ଟର୍ସ ନ ମିଳିବା ପ୍ରସଙ୍ଗରେ ସରକାରଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ କରିଛନ୍ତି । ସେ କଂଗ୍ରେସ ବିଧାୟକ ବୋଲି ସରକାର ତାଙ୍କୁ ହେୟଜ୍ଞାନ କରୁଛନ୍ତି। ଜଣେ ବିଧାୟକ ଭାବେ ସେ ଅତିଥି ଭବନ ଓ ହୋଟେଲରେ ରହିବାକୁ ବାଧ୍ୟ ହେଉଛନ୍ତି। ବିଧାୟକଙ୍କ ବାପା-ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ରହିଛି। ଏପରି ସ୍ଥିତି ଆଉ କେତେ ଦିନ ଅତିଥି ଭବନରେ ରହିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏବେ ନୀଳମାଧବ ଧାରଣା ଦେବାକୁ ଚେତାବନୀ ଦେବା ପରେ ସରକାରଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିଛି।

# ମୃତ ଚାଷୀ ପରିବାରକୁ ଯୋଗାଣମନ୍ତ୍ରୀଙ୍କ ଉପହାସ

**ଭୁବନେଶ୍ୱର,୩୦।୧୨(ସମିସ):** ଅଦିନିଆ ବର୍ଷାରେ ଫସଲ ଉଜୁଡ଼ି ଯାଇଛି। ଚାଷୀ ଜୀବନ ହାରିଛି। ଏହି ସମୟରେ ଫସଲ କ୍ଷତି ଯୋଗୁଁ କିଛି ଚାଷୀ ଆତ୍ମହତ୍ୟା କରିଛନ୍ତି, କିଛି ଚାଷୀଙ୍କ ହୃଦସ୍ପନ୍ଦନ ବନ୍ଦ ହୋଇ ଯାଇଛି । ମାତ୍ର ଏପରି ସ୍ପର୍ଶକାତର ସମୟରେ ଯୋଗାଣମନ୍ତ୍ରୀ ଚାଷୀଙ୍କ ମୃତ୍ୟୁକୁ 'ସ୍ୱାଭାବିକ' ବୋଲି ଟିପ୍ପଣୀ ଦେବା ରାଜ୍ୟ ରାଜନୀତିକୁ ଗରମ କରିଛି। ବିରୋଧୀ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି ।

ସରକାର ବୀମା ଆଧାରରେ କ୍ଷତିପୂରଣ ଦେବା ଦୁଃଖଦାୟକ ବୋଲି କହିଛନ୍ତି ବିଜେଡି ବିଧାୟକ ପ୍ରଦୀପ ଦିଶାରୀ। ସବୁ ଚାଷୀ ବୀମା କରିନାହାଁନ୍ତି; ସେଥିପାଇଁ ଚାଷୀ ଆତ୍ମହତ୍ୟା କରୁଛନ୍ତି। ଏଯାଏ ସରକାର ଚାଷୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଉ ନଥିବାରୁ ଚାଷୀ ଆଶଙ୍କାରେ ରହିଛି। ଏପରି ସ୍ଥିତିରେ ମନ୍ତ୍ରୀଙ୍କ ବେଫିକର ବୟାନ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ନବୀନ ସରକାର ଚାଷୀଙ୍କ ପାଇଁ କିଛି କରି ନାହିଁ ବୋଲି ବିଜେପିର ଅଭିଯୋଗର କଡ଼ା ଉତ୍ତର ରଖିଛନ୍ତି ପ୍ରଦୀପ। ସେ କହିଛନ୍ତି

## ମନ୍ତ୍ରୀଙ୍କ ବେଫିକର ମନ୍ତବ୍ୟ ଦୁର୍ଭାଗ୍ୟଜନକ: ପ୍ରଦୀପ

## ଚାଷୀଙ୍କୁ କେବେ ମିଳିବ କ୍ଷତିପୂରଣ ରାଶି: ରଣେନ୍ଦ୍ର

ଯେ ଯଦି କୃଷି ପାଇଁ ନବୀନ ପଟ୍ଟନାୟକ କିଛି କରିନାହାଁନ୍ତି, ତେବେ କେନ୍ଦ୍ର ସରକାର କିପରି ଓଡ଼ିଶାକୁ ୫ ବର୍ଷ ଧରି କୃଷି କର୍ମଣ ପୁରସ୍କାର ଦେଲେ? ଏକଥା ବିଜେପି ନେତାମାନେ ତାଙ୍କ କେନ୍ଦ୍ର ସରକାରଙ୍କୁ ପଚାରନ୍ତୁ। ସେହିପରି ନବୀନ ପଟ୍ଟନାୟକଙ୍କ ଗସ୍ତ କଥା ଶୁଣି ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମାନେ ତରବରିଆ ଭାବେ ଗ୍ରାଉଣ୍ଡ ଜିରୋକୁ ଗଲେ। ଏଥିରୁ ସରକାରୀ ଦଳର ଭୟ ଜଣାପଡୁଛି ବୋଲି ଶ୍ରୀ ଦିଶାରୀ କହିଛନ୍ତି।

ଅନ୍ୟପଟେ ଚାଷୀ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ବରିଷ୍ଠ ବିଜେଡ଼ି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପାଲଟା ଜବାବ ଦେବା ସହ କେବେ ଚାଷୀଙ୍କୁ ସରକାର କ୍ଷତିପୂରଣ ଦେବେ ତାହା ସ୍ପଷ୍ଟ କରନ୍ତୁ ବୋଲି କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ୬ ଟି ଜୋନ୍ ପାଇଁ ବୀମା କମ୍ପାନୀ ଅଛନ୍ତି। କେଉଁ ଜୋନ୍ ପାଇଁ କେଉଁ ବୀମା କମ୍ପାନୀ ନିଯୁକ୍ତ ହୋଇଛନ୍ତି ତାହା ମନ୍ତ୍ରୀ ଜଣାନ୍ତୁ। ଏହା ବ୍ୟତୀତ କ୍ୱିଣ୍ଟାଲ ପିଛା ଚାଷୀଙ୍କୁ ୩୧୦୦ ଟଙ୍କା କେବେ ଦେବେ ମନ୍ତ୍ରୀ ସେ ଘୋଷଣା କରନ୍ତୁ। ବର୍ତ୍ତମାନ ଧାନ ସଂଗ୍ରହ ଧିମେଇ ଯାଇଛି। ଏହାର ପ୍ରଭାବ ରବି ଋତୁରେ ପଡ଼ିବ। ରାଜନୀତି ନକରି ଚାଷୀଙ୍କ କଥା ସରକାର ବୁଝନ୍ତୁ ବୋଲି ରଣେନ୍ଦ୍ର କହିଛନ୍ତି।

ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀଙ୍କ ଜିଲ୍ଲାଗସ୍ତକୁ ସମାଲୋଚନା କରିଛନ୍ତି କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜା। ସେ କହିଛନ୍ତି ଯେ ଯୋଗାଣ ମନ୍ତ୍ରୀ ଜିଲ୍ଲାଗସ୍ତ କଲେ, ହେଲେ ଜୀବନ ହାରିଥିବା ଚାଷୀ ପରିବାର ପାଖରେ ପହଞ୍ଚିପାରିଲେନି। ବିଜେପି ସରକାର ଚାଷୀ ବିରୋଧୀ ସରକାର ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ନେତା ଜୟଦେବ ଜେନା ମଧ୍ୟ ସରକାରଙ୍କୁ କଟୁ ସମାଲୋଚନା କରି ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ଦାବି କରିଛନ୍ତି।

# ମଦ ବନ୍ଦ ନେଇ ଏସ୍‌ପିଙ୍କୁ ଘେରିଲେ ମହିଳା



**କୋରାପୁଟ,୩୦।୧୨(ସମିସ):** କୋରାପୁଟ ସଦର ମହକୁମାରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ଜୟପୁର ବ୍ଲକ ଟାଙ୍କୁଆ ପଞ୍ଚାୟତର ୫ଟି ଏସଏଚଜି ଗ୍ରୁପର ମହିଳାମାନେ ଅବାଧ ମଦ ବିକ୍ରି ବନ୍ଦ ନେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଘେରିଥିଲେ। ଦିନକୁ ଦିନ ଘରେ ଘରେ ଦେଶୀ ମଦ ବିଦେଶୀ ମଦ ବିକ୍ରି ହେଉଛି। ମଦ ପିଇ ଯୁବପିଢ଼ି ବିପଥଗାମୀ ହେଉଥିବା ବେଳେ ଅନେକେ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ପୂର୍ବରୁ ଜୟପୁର ଅବକାରୀ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଦିନକୁ ଦିନ ଗାଁରେ ମଦ ବିକ୍ରି ବଢ଼ୁଛି। ତେଣୁ ଏନେଇ ସେହି ଗାଁର ମହିଳାମାନେ ଆସି ଜନଶୁଣାଣିରେ ଅଭିଯୋଗ କରିଥିଲେ। ପରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ଯାଉଥିବା ସମୟରେ ନିଜ ଗାଡ଼ିରୁ ଓହ୍ଲାଇ ମହିଳାମାନଙ୍କ ଅଭିଯୋଗ ଶୁଣିଥିଲେ। ସମସ୍ୟାର ସମାଧାନ କରାଯିବା ନେଇ ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଅବକାରୀ ଅଧୀକ୍ଷକ ଅରୁଣ କୁମାର ପାଢ଼ୀ କହିଛନ୍ତି, ଯେଉଁମାନେ ଚୋରା ମଦ ବିକ୍ରି କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ମହିଳାମାନଙ୍କ ଅଭିଯୋଗକ୍ରମେ ଟାଙ୍କୁଆ ପଞ୍ଚାୟତର ଯେଉଁ ସ୍ଥାନରେ ଚୋରା ମଦ ବିକ୍ରି ହେଉଛି, ସେଠାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ମଦବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ସେ କହିଛନ୍ତି।

## ଶୁକନାଳ ଘାଟି ବସ୍ ଦୁର୍ଘଟଣା

# ଏସ୍‌ସିବି ଆସିଲେ ୧୬ ଆହତ

**କଟକ, ୩୦।୧୨(ସମିସ):** କୋରାପୁଟ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ରାସ୍ତାର ଶୁକନାଳ ନିକଟରେ ବସ୍ ଓଲଟି ପଡ଼ି ଆହତ ହୋଇଥିବା ୧୬ଜଣଙ୍କୁ ଏସ୍‌ସିବି ମେଡିକାଲ ଅଣାଯାଇଛି। ରବିବାର ବିଳମ୍ବିତ ରାତିରେ ଆହତମାନଙ୍କୁ କଟକ ଅଣାଯାଇଥିଲା। ଏମାନଙ୍କ ଭିତରୁ ୩ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଥିବା ବେଳେ ସେମାନଙ୍କୁ ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କ ଭିତରେ ଜଣେ ନାବାଳକ ଅଛନ୍ତି। ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଉକ୍ତ ଶିଶୁର ଗୋଡ଼ କଟାଯିବ ବୋଲି ମେଡିକାଲ କର୍ତ୍ତୃପକ୍ଷ ଜଣାଇଛନ୍ତି। ଅନ୍ୟ ଦୁଇ ଗୁରୁତରଙ୍କ ଭିତରେ ଜଣେ ପୁରୁଷ ଆଉ ଜଣେ ମହିଳା ଅଛନ୍ତି। ଏତଦ୍‌ବ୍ୟତୀତ ବଡ଼ ମେଡିକାଲରେ ଭର୍ତ୍ତି ହେବା ପରେ ଜଣେ ଆହତ ଲାମା ନେଇ ମେଡିକାଲ ଛାଡ଼ି ସାରିଥିବା ଏସ୍‌ସିବି ପ୍ରଶାସନିକ ଅଧିକାରୀ ଡଃ ଅବିନାଶ ରାଉତ ସୂଚନା ଦେଇଛନ୍ତି।

# ଚର୍ମ ବିଭାଗରେ ପ୍ରତ୍ୟୁଷା ଭର୍ତ୍ତି

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଏସ୍‌ସିବି ଅଣାଗଲା

**କଟକ, ୩୦।୧୨(ସମିସ):** ବୌଦ୍ଧ ଅଞ୍ଚଳର ହେରମ୍ବା ଗିରିଙ୍କ ୭ବର୍ଷର ଝିଅ ପ୍ରତ୍ୟୁଷା ଜଟିଳ ଚର୍ମ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଚିକିତ୍ସା ଅଭାବରୁ ତାଙ୍କ ଶରୀରରେ ସଂକ୍ରମଣ ଅହେତୁକ ଭାବେ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହେରମ୍ବା ନିଜ ଝିଅଙ୍କୁ ଭେଟି ନିଜ ଦୁଃଖ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଆଜି ପ୍ରତ୍ୟୁଷାଙ୍କୁ କଟକ ବଡ଼ ମେଡିକାଲ ଅଣାଯାଇଛି। ତାଙ୍କୁ ଚର୍ମ ବିଭାଗରେ ଭର୍ତ୍ତି କରାଯାଇଛି। ଏଥି ସହ ଚକ୍ଷୁ, ଚର୍ମ ଏବଂ ଶିଶୁ ରୋଗ ବିଭାଗର ଡାକ୍ତରଙ୍କୁ ନେଇ ଏକ ଡାକ୍ତରୀ ଦଳ ଗଠନ ହୋଇଛି। ପ୍ରତ୍ୟୁଷାଙ୍କୁ ସ୍ୱତନ୍ତ୍ର ନିରୀକ୍ଷଣରେ ରଖାଯାଇଛି ବୋଲି ପ୍ରଶାସନିକ ଅଧିକାରୀ ଡାଃ ଅବିନାଶ ରାଉତ କହିଛନ୍ତି। ସଂକ୍ରମଣ ଯୋଗୁଁ ପ୍ରତ୍ୟୁଷାଙ୍କ ଶରୀର ଫୁଲିଯାଇଛି। ଏପରିକି ସଂକ୍ରମଣ ଗୋଟିଏ ଆଖିକୁ ମାଡ଼ି ଯାଇଥିବା ଜଣାପଡ଼ିଛି।

# ଭୁବନେଶ୍ୱରରୁ ୫ ଓ ଝାରସୁଗୁଡ଼ାରୁ ୪ ସହରକୁ ବିମାନ ସେବା

**ଭୁବନେଶ୍ୱର,୩୦।୧୨(ସମିସ):** ଆସନ୍ତା ଜାନୁଆରୀ ୩ ତାରିଖରୁ ଭୁବନେଶ୍ୱର ଓ ଝାରସୁଗୁଡ଼ାରୁ ନୂଆ ସହରକୁ ବିମାନ ଚଳାଚଳ ଆରମ୍ଭ ହେବ। ସୂଚନା ଅନୁସାରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଲକ୍ଷ୍ନୌ, ଡେରାଡୁନ୍, ଜୟପୁର, ଇନ୍ଦୋର ଏବଂ କୋଚିକୁ ସିଧାସଳଖ ବିମାନ ଚଳାଚଳ ହେବ। ସେହିପରି ଜାନୁଆରୀ ପହିଲାରୁ ଝାରସୁଗୁଡ଼ା ସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ହାଇଦ୍ରାବାଦ, ରାୟପୁର, ଲକ୍ଷ୍ନୌ ଓ ମୁମ୍ବାଇକୁ ବିମାନ ଚାଲିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ "ଏକ୍ସ"ରେ ଏ ସମ୍ପର୍କରେ ସୂଚନା ଦେବା ସହିତ ରାଜ୍ୟର ଅର୍ଥନୈତିକ ବିକାଶ କ୍ଷେତ୍ରରେ ଏହା ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି କହିଛନ୍ତି। ନୂଆ ସ୍ଥାନକୁ ମିଶାଇଲେ ଭୁବନେଶ୍ୱର ସହିତ ବିମାନରେ ଯୋଡ଼ି ହୋଇଥିବା ସହର ସଂଖ୍ୟା ୨୬ରେ ପହଞ୍ଚିବ। ଏସବୁ ସ୍ଥାନ ଗୁଡିକ ପର୍ଯ୍ୟଟନ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଓଡିଶାର ପର୍ଯ୍ୟଟନ କ୍ଷେତ୍ର ଏହା ଦ୍ୱାରା ଉପକୃତ ହେବ ବୋଲି କୁହାଯାଉଛି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପ୍ରତି ବର୍ଷ ଯାତ୍ରୀ ଓ ବିମାନ ସଂଖ୍ୟାରେ ଅଭିବୃଦ୍ଧି ପରିଲକ୍ଷିତ ହେଉଛି।

# ଉଚ୍ଚଶିକ୍ଷାରେ ଉତ୍କର୍ଷ ପାଇଁ ଓଡ଼ିଶାକୁ ୬୭୦ କୋଟି

**ଭୁବନେଶ୍ୱର, ୩୦।୧୨(ସମିସ):** ଶିକ୍ଷା ଓ ଶିକ୍ଷାନୁଷ୍ଠାନର ହେବ ବ୍ୟାପକ ପରିବର୍ତ୍ତନ। ଛାତ୍ରଛାତ୍ରୀଙ୍କ ଦକ୍ଷତା ଓ ପାରଦର୍ଶିତା ବଢ଼ିବ। ବୈଶ୍ୱିକ ମାନର ଶିକ୍ଷାଦାନ ସହ ଗବେଷଣାକୁ ପ୍ରାଥମିକତା ଦିଆଯିବ। ଉଚ୍ଚଶିକ୍ଷାରେ ଉତ୍କର୍ଷ ପାଇଁ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ୍-ଉଷା) କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନକୁ ପ୍ରାୟ ୬୭୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଗତ ୨୦ ତାରିଖରେ ଅନୁଷ୍ଠିତ ତୃତୀୟ ପ୍ରକଳ୍ପ ଅନୁମୋଦନ ବୋର୍ଡ (ପିଏବି)ରେ ଏହାକୁ ମଞ୍ଜୁରୀ ମିଳିଛି। ବହୁମୁଖୀ ଶିକ୍ଷା ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ (ଏମ୍‌ଇଆରୟୁ) ଭାବେ ଓଡ଼ିଶାରୁ ୪ଟି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ସମେତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ୧୦୦ କୋଟି ଲେଖାଏଁ ଅନୁଦାନ ପ୍ରଦାନ କରାଯାଇଛି। ସେହିପରି କୋରାପୁଟ ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ସମ୍ବଲପୁରସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଓ ବଲାଙ୍ଗିରର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ସଶକ୍ତ କରିବା ପାଇଁ ଅନୁଦାନ (ଜିଏସ୍‌ୟୁ) ଭାବେ ୨୦କୋଟି ଲେଖାଏଁ ମଞ୍ଜୁର କରାଯାଇଛି। ଏସବୁ ଶିକ୍ଷାନୁଷ୍ଠାନକୁ ପୂର୍ଣ୍ଣ ପ୍ରୋଜେକ୍ଟ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅବଗତ କରାଯାଇଛି। ଅନୁରୂପ ଭାବେ ୨୪ଟି ମହାବିଦ୍ୟାଳୟକୁ ଶସକ୍ତ କରିବା ପାଇଁ ଅନୁଦାନ(ଜିଏସ୍‌ସି) ଭାବେ ୫ କୋଟି ଲେଖାଏଁ ମୋଟ୍ ୧୨୦କୋଟି ଟଙ୍କା ପ୍ରଦାନ କରାଯାଇଛି। ନୂତନ ମଡେଲ୍ ସ୍ନାତକ ମହାବିଦ୍ୟାଳୟ (ଏନ୍‌ଏମ୍‌ଡିସି) ଭାବେ ଓଡ଼ିଶାରୁ କୌଣସି ଉଚ୍ଚଶିକ୍ଷାନୁଷ୍ଠାନ ସ୍ଥାନ ପାଇନାହାନ୍ତି। ଜିଆଇଇଆଇ ବର୍ଗରେ ୫ଟି ଜିଲ୍ଲା ପାଇଁ ୧୦ କୋଟି ଲେଖାଏଁ ଅନୁଦାନ ଦିଆଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁଷା) ମାଧ୍ୟମରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ମାନ୍ୟତାପ୍ରାପ୍ତ ଉଚ୍ଚଶିକ୍ଷାନୁଷ୍ଠାନକୁ ଅନୁଦାନ ପ୍ରଦାନ କରାଯାଉଥିଲା। ଚଳିତବର୍ଷ ଜୁନ୍ ମାସରେ ରାଜ୍ୟରେ ପିଏମ୍-ଉଷା ଲାଗୁ କରିବା ପରେ ଏହି ଅନୁଦାନ ମିଳିଛି। 'ପିଏମ୍-ଉଷା' ମାଧ୍ୟମରେ ଉଚ୍ଚଶିକ୍ଷାରେ ଗୁଣାତ୍ମକ ମାନ ବୃଦ୍ଧି କରିବାକୁ ଲକ୍ଷ୍ୟ ରହିଛି।

# ଅବଶିଷ୍ଟାଂଶ...

### ଭକ୍ତ ଅଣନିଃଶ୍ୱାସୀ...

ବିଶେଷକରି ବରିଷ୍ଠ ନାଗରିକ, ମହିଳାମାନେ ଅଧିକ ହନ୍ତସନ୍ତ ହୋଇପଡୁଛନ୍ତି। ଦିନେଦିନେ ଭିଡ଼ ଏମିତି ହେଉଛି ଯେ ଅନେକ ଭକ୍ତ ଅଣଃନିଶ୍ୱାସୀ ଏବଂ ଅଚେତ ହୋଇପଡୁଛନ୍ତି। ଅନେକ ଗହଳି ଦେଖି ଭିତରକୁ ନଯାଇ ବାହାରୁ ମୁଣ୍ଡିଆ ମାରି ଫେରୁଛନ୍ତି। ତେଣୁ ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ କରିବା ଲାଗି ପରିଚାଳନା କମିଟି, ଛତିଶା ନିଯୋଗ ବୈଠକରେ ଏକାଧିକଥର ଆଲୋଚନା ହୋଇଛି। ବହୁ ପ୍ରସ୍ତାବ ଏବଂ ନିର୍ଯ୍ୟାସ ବାହାରିଛି। ତଥାପି ଏ ପର୍ଯ୍ୟନ୍ତ ସମାଧାନର ପନ୍ଥା ବାହାରି ପାରି ନ ଥିବାବେଳେ ସୋମବାର ଠେଲାପେଲା ଘଟିଛି।

ପୂର୍ବାହ୍ନରେ ଭଦ୍ରକ ଆଗରପଡ଼ା ଥାନା କଡ଼ବାରଙ୍ଗ ଅଞ୍ଚଳର ଏକ ବିଦ୍ୟାଳୟର ଛାତ୍ରଛାତ୍ରୀ ତାଙ୍କ ଶିକ୍ଷକମାନଙ୍କ ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ଏହି ସମୟରେ ମନ୍ଦିରରେ ପ୍ରବଳ ଭିଡ଼ ଥିଲା। ପିଲାମାନେ ଦର୍ଶନ ସାରି ନାଟମଣ୍ଡପରୁ ବାହାରି ସମୟରେ ଗହଳି ଯୋଗୁଁ ଠେଲାପେଲା ହୋଇଥିଲା। ଏଥିରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କ ଭିତରେ ଭଦ୍ରକ ଅଞ୍ଚଳରୁ ଆସିଥିବା କିଛି ଛାତ୍ରୀ ରହିଥିଲେ। ୪ଜଣ ଛାତ୍ରୀଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନେ ହେଲେ, ମଧୁସ୍ମିତା ପୁରୀ, ଚିନ୍ମୟୀ ରାଉତ, ମାମୁନି ଜେନା ଓ ଏଲିନା ବିଶ୍ୱାଳ। ସେମାନଙ୍କୁ ସଙ୍ଗେ ସଙ୍ଗେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସା ପରେ ଛାତ୍ରୀମାନେ ସୁସ୍ଥ ଅନୁଭବ କରିଥିଲେ।

ଏ ସମ୍ପର୍କରେ ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି, ସମ୍ପୃକ୍ତ ଛାତ୍ରଛାତ୍ରୀମାନେ ସକାଳୁ କିଛି ଖାଇ ନଥିଲେ। ତେଣୁ ୪ଜଣ ଛାତ୍ରୀ ଅସୁସ୍ଥ ଅନୁଭବ କରିଥିଲେ। ସେମାନଙ୍କୁ ଦର୍ଶନରେ ସହଯୋଗ କରୁଥିବା ପୁଲିସ କର୍ମଚାରୀ ଆମ୍ବୁଲାନ୍ସ ମାଧ୍ୟମରେ ହସ୍ପିଟାଲକୁ ପଠାଇଥିଲେ। ଚିକିତ୍ସା ପରେ ସେମାନେ ସୁସ୍ଥ ହୋଇଥିଲେ। ତେବେ କୌଣସି ମନ୍ଦିର ଭିତରେ ଠେଲାପେଲା ହୋଇନାହିଁ ବୋଲି କହିଛନ୍ତି ଏସ୍‌ପି।

### ଚାଷୀଙ୍କୁ ଦମ୍ଭ ଦେଲେ...

ଚାଷୀମାନଙ୍କ ଦୁଃଖରେ ସମଦୁଃଖୀ ନବୀନ ସେମାନଙ୍କୁ ସାନ୍ତ୍ୱନା ଦେବା ସହ ମନ ଟାଣ ରଖିବାକୁ ପରାମର୍ଶ ଦେଇଛନ୍ତି। ସେ ସବୁ ବେଳେ ଚାଷୀ ଭାଇ ଭଉଣୀମାନଙ୍କ ସହିତ ରହି ଆସିଛନ୍ତି। ପୂର୍ବରୁ ସରକାରରେ ଥିବାବେଳେ ଚାଷୀଙ୍କ ସମସ୍ୟା ଦୂର ପାଇଁ ପଦକ୍ଷେପ ନେଉଥିଲେ ଓ ଏବେ ସେମାନଙ୍କ ଅଧିକାର ପାଇଁ ଲଢ଼େଇ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅବସରରେ ନବୀନ ତୁରନ୍ତ ଚାଷୀଙ୍କ ପାଇଁ କ୍ଷତିପୂରଣ ଘୋଷଣା କରିବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସେ କହିଛନ୍ତି ଯେ ବର୍ଷା ସମୟରେ ଆଗୁଆ ସୂଚନା ମିଳିଥିଲେ ସେମାନଙ୍କ ଫସଲ ନଷ୍ଟ ହୋଇନଥାନ୍ତା । ଗଞ୍ଜାମର ଚାଷୀ କୂଳ ଆଜି ଘୋର ଦୁଃଖରେ ଅଛନ୍ତି। ଅଦିନିଆ ବର୍ଷା ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ତେଣୁ କାଳ ବିଳମ୍ବ ନ କରି ସରକାର ତୁରନ୍ତ କ୍ଷତିପୂରଣ ଦିଅନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି। ଆସନ୍ତାକାଲି ନବୀନ ଶ୍ରୀ ପଟ୍ଟନାୟକ ପୁରୀ, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଗସ୍ତରେ ଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ଅଭିଯୋଗ ଶୁଣିବେ। ବିରୋଧୀ ଦଳ ନେତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇ ଥିବା ସୂଚନା ଅନୁସାରେ ଶ୍ରୀ ପଟ୍ଟନାୟକ ପୁରୀ ଜିଲ୍ଲାର ସତ୍ୟବାଦୀ, କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ, କଟକର ସାଲେପୁର ଏବଂ ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ୍ ଗସ୍ତ କରି ଅଦିନିଆ ବର୍ଷାରେ ନଷ୍ଟ ହୋଇଥିବା କ୍ଷେତ ପରିଦର୍ଶନ କରିବେ। ଏହି ଅବସରରେ ସ୍ଥାନୀୟ ଅଧିକାରୀମାନଙ୍କ ସହ ଶ୍ରୀ ପଟ୍ଟନାୟକ ଆଲୋଚନା ମଧ୍ୟ କରିବେ ବୋଲି ଜଣାପଡିଛି।

### ଚାଷୀଙ୍କ ପଞ୍ଜାବ ବନ୍ଦ...

ହୋଇପଡ଼ିଥିଲା। ପଟିଆଲା, ଜଳନ୍ଧର,ଅମୃତସର ,ଫିରୋଜପୁର,ଭଟିଣ୍ଡା,ପଠାନକୋଟ ଏବଂ ଅନ୍ୟାନ୍ୟ ଜିଲ୍ଲାରେ ବନ୍ଦ ପ୍ରଭାବ ସର୍ବାଧିକ ଅନୁଭୂତ ହୋଇଥିଲା। ଅଧିକାଂଶ ଜିଲ୍ଲାରେ ଶିକ୍ଷାନୁଷ୍ଠାନ ଖାଲି ପଡ଼ିଥିବାଦେ୍ଖାଯାଇଥିଲା। ଏହି ବନ୍ଦକୁ ପ୍ରାୟ ୩ କୋଟିରୁ ଅଧିକ ପଞ୍ଜାବବାସୀ ସମର୍ଥନ କରି ସଫଳ କରିଥିବାରୁ ଚାଷୀ ସଂଘ ପକ୍ଷରୁ ରାଜ୍ୟବାସୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଇଛି। ଅନ୍ୟପକ୍ଷରେ ଚାଷୀଙ୍କ ଦାବି ପୂରଣ ପାଇଁ ଆମରଣ ଅନଶନ ଚଳାଇଥିବା ଚାଷୀ ନେତା ଜଗଜିତ ସିଂ ଦଲେୱାଲଙ୍କ ଅନଶନ ୩୫ ଦିନରେ ପହଞ୍ଚିଛି। ଚାଷୀଙ୍କ ଦାବି ପୂରଣ ନହେଲା ଯାଏ କୌଣସି ଚାଷୀ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଦଲେୱାଲ କହିଛନ୍ତି।

### ୩ ଦିନ ଧରି...

ଜିଲ୍ଲା ଯୋଗାଣ ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କୁଇଣ୍ଟାଲକୁ ୪ କେଜି କଟନୀରେ ଧାନ ମିଲର୍ସ ନେବା ନେଇ ସୂଚନା ଦେବା ପରେ ଚାଷୀ ଆନ୍ଦୋଳନରୁ ଓହରିଥିଲେ।

ଚାଷୀଙ୍କ ଅଭିଯୋଗ ହେଲା, ଧାନମଣ୍ଡିରେ ପାଖାପାଖି ୨୭ହଜାର କୁଇଣ୍ଟାଲ ଧାନ ପଡ଼ି ରହିଛି। ମିଲର୍ସମାନେ ଧାନ କ୍ରୟ ପାଇଁ ଆସୁନାହାନ୍ତି। ଫଳରେ ୩ଦିନ ଧରି ଆଣିଥିବା ଧାନର ରକ୍ଷଣାବେକ୍ଷଣ ପାଇଁ ସେମାନଙ୍କୁ ନାନା ହନ୍ତସନ୍ତ ହେବାକୁ ପଡୁଛି। ଅପରପକ୍ଷେ, ଧାନ ଉଠୁନଥିବାରୁ ମଣ୍ଡିରେ ପଡ଼ି ରହି ଅଦିନିଆ ବର୍ଷାରେ ନଷ୍ଟ ହୋଇଯାଇଛି।

### ଫସଲ କ୍ଷତି ସୂଚନା...

ସରକାରଙ୍କ ପକ୍ଷରୁ କେନ୍ଦ୍ର କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରାଳୟକୁ ଏହି ଅବଧି ବଢ଼ାଇବାକୁ ଅନୁରୋଧ କରାଯାଇଥିଲା।

ରାଜ୍ୟରେ ଅଦିନିଆ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବୈଠକ କରିବା ସହ ନୟାଗଡ଼, ଗଜପତି ଓ ଗଞ୍ଜାମ ଜିଲ୍ଲା ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ଅନ୍ୟ ମନ୍ତ୍ରୀମାନେ ମଧ୍ୟ କ୍ଷତିଗ୍ରସ୍ତ ଅଞ୍ଚଳକୁ ଗସ୍ତ କରିଛନ୍ତି। ଉଭୟ ବୀମା କରିନଥିବା ଓ ବୀମାଭୁକ୍ତ ଚାଷୀମାନଙ୍କୁ ସହାୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିବା ବେଳେ ବୀମା କରିଥିବା ଚାଷୀମାନଙ୍କୁ ଫସଲ କ୍ଷତି ସମ୍ପର୍କରେ ସୂଚନା ଦେବା ପାଇଁ ଡିସେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଥିଲା। ମାତ୍ର ବିଭିନ୍ନ ସମସ୍ୟାକୁ ଦୃଷ୍ଟି ଦେଇ ଏହି ଅବଧିକୁ ବୃଦ୍ଧି କରାଯାଇଛି। ଓଡ଼ିଶାର ଚାଷୀମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କର ଏହି ସହାନୁଭୂତିଶୀଳ ମନୋଭାବ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ଧନ୍ୟବାଦ ଦେଇଛନ୍ତି।

### '୨୪ ପ୍ରଶ୍ନର ଉତ୍ତର...

ଯାହାକି ଭାରତର ନିର୍ବାଚନ କମିସନଙ୍କୁ ବିବାଦ ଘେରକୁ ଟାଣି ଆଣିଥିଲା। କେତେକ ନିର୍ବାଚନମଣ୍ଡଳୀରେ ଯେତେ ଭୋଟ୍ ପଡ଼ିଥିଲା, ଗଣତି ବେଳେ ତାହାର ସଂଖ୍ୟା ଢେର ଅଧିକ ଥିବା ଦେଖିବାକୁ ମିଳିଲା। ଏତେ ସଂଖ୍ୟକ ଭୋଟ୍ କେଉଁଠୁ ଆସିଲା, ସେହି ପ୍ରଶ୍ନର ଉତ୍ତର ଏବେ ସୁଦ୍ଧା ମିଳିପାରି ନାହିଁ।

ମଣିପୁର ହିଂସା ସହିତ କୋଲକାତା ମେଡିକାଲ କଲେଜର ଜଣେ ଜୁନିଅର ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା ଏବଂ ବିଷ୍ଣୋଇ ଗ୍ୟାଙ୍ଗର ଉତ୍ପାତ ପରିବେଶକୁ ଉତ୍ତେଜିତ କରି ରଖିଥିଲା। ବିଷ୍ଣୋଇ ଗ୍ୟାଙ୍ଗ୍ ଯେଉଁଭଳି ଉତ୍ତର ସହିତ ପଶ୍ଚିମ ଓ ମଧ୍ୟ ଭାରତରେ ଏହାର ସାମ୍ରାଜ୍ୟ ବିସ୍ତାର କରିବାକୁ ଲାଗିଥିଲା, ସେଥିରୁ ଜଣାପଡୁଥିଲା ଏହାକୁ ନିୟନ୍ତ୍ରଣ କରିବାରେ ପୁଲିସ ପ୍ରଶାସନ ହାତ ଟେକି ଦେଇଛି। ପୁଣି ଏହି ଗ୍ୟାଙ୍ଗକୁ ନେଇ କାନାଡା ସହିତ ଭାରତର ସଂପର୍କ ମଧ୍ୟ ତିକ୍ତ ହେଲା। କୋର୍ଟ ଭିତରୁ ଧମକ ଦେଉଥିବା ଏହି ଗ୍ୟାଙ୍ଗ୍ ପଛରେ କିଏ? ତାହା ଏବେ ବି ପ୍ରଶ୍ନ ହୋଇ ରହିଛି। ତେବେ ଏହାଠାରୁ ବଳିଯାଇଛି ମଣିପୁର ହିଂସା। ଦେଢ଼ ବର୍ଷରୁ ଅଧିକ ସମୟ ଧରି ସମଗ୍ର ରାଜ୍ୟ ଜାତିଗତ ଓ ସାଂପ୍ରଦାୟିକ ହିଂସାରେ ଜଳୁଛି। ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଉଦ୍ୟମ ସତ୍ତ୍ୱେ ହିଂସାକୁ ସଂପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରାଯାଇ ପାରିନାହିଁ। ଦେଢ଼ ବର୍ଷରୁ ଅଧିକ ସମୟ ଧରି ମଣିପୁର ଜଳିବା ଘଟଣାକୁ ସହଜରେ ଗ୍ରହଣ କରିହେଉ ନାହିଁ।

ଏହି ବର୍ଷ ଯେଉଁ କଥାଟି ସାଧାରଣ ଜନତାକୁ ସବୁଠାରୁ ବେଶି ଦୁଃଖ ଓ ନିର୍ଯାତନା ଦେଇଛି, ତାହା ହେଉଛି ଦରଦାମ ପରିସ୍ଥିତି। ବର୍ଷ ଆରମ୍ଭରୁ ଅତ୍ୟାବଶ୍ୟକ ସାମଗ୍ରୀର ଦାମ୍ ଏମିତି ବୃଦ୍ଧି ପାଇଲା ଯେ ବର୍ଷ ଶେଷ ପର୍ଯ୍ୟନ୍ତ ଖସିବାର ନାଁ ଧରୁନାହିଁ। ଆଳୁ, ପିଆଜ ଠାରୁ ଆରମ୍ଭ କରି ଚାଉଳ, ଗହମ, ଅଟା, ତେଲ, ଡାଲି, ସାବୁନ ଭଳି ସାମଗ୍ରୀ ସବୁ ନିୟନ୍ତ୍ରଣ ବାହାରେ। ବିଶ୍ୱ ବଜାରରେ ଅଶୋଧିତ ତେଲ ଦର ଖସିଥିଲେ ମଧ୍ୟ ପେଟ୍ରୋଲ ଓ ଡିଜେଲ ଦାମ୍ ଟିକେ ହେଲେ ଖସିଲା ନାହିଁ। ଦରଦାମକୁ ନେଇ ସାଧାରଣ ବ୍ୟକ୍ତି କଳବଳ ହେଉଥିବା ବେଳେ ରାଜନୈତିକ ସ୍ତରରେ ଏହାକୁ ନେଇ ଯେମିତି ପ୍ରତିକ୍ରିୟା ପ୍ରକାଶ ପାଇବା କଥା ତାହା ଦେଖିବାକୁ ମିଳିଲାନାହିଁ। ସବୁ ରାଜନୈତିକ ଦଳ କେବଳ ବୟାନବାଜିରେ ବ୍ୟସ୍ତ ରହିଲେ, କିନ୍ତୁ ଆନ୍ତରିକତା ନଥିଲା। ଏହା ପଛର ରହସ୍ୟ, ରହସ୍ୟରେ ହିଁ ରହିଗଲା।

ଏଭଳି ଦ୍ୱନ୍ଦ୍ୱ, ଉତ୍ତେଜନା ଓ ବିବାଦ ଭିତରେ ସୁପ୍ରିମ କୋର୍ଟଙ୍କ କିଛି ରାୟ ଅନେକ ପରିମାଣରେ ଆଶ୍ୱସ୍ତ ଆଣିଦେଇଛି। ଦୁର୍ନୀତିର ରାକେଟ୍ କୁହାଯାଉଥିବା ନିର୍ବାଚନୀ ବଣ୍ଡକୁ ବେଆଇନ ଓ ଅସାମ୍ବିଧାନିକ ଘୋଷଣା ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କୁ ମୁହୂର୍ତ୍ତକ ମଧ୍ୟରେ ନିରାଶ୍ରୟ କରୁଥିବା ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ହେଉ କି ଶାନ୍ତି ଓ ସଦ୍‌ଭାବନା ନଷ୍ଟ କରୁଥିବା ମନ୍ଦିର/ମସଜିଦ ବିବାଦରେ ବ୍ରେକ୍ ଲଗାଇ ସର୍ବୋଚ୍ଚ ଅଦାଲତ ସାଧାରଣ ଜନତାଙ୍କ ମଧ୍ୟରେ ନ୍ୟାୟ ପ୍ରତି ବିଶ୍ୱାସକୁ ଦୃଢ଼ କରିବାରେ ସହାୟକ ହୋଇଛନ୍ତି।

ତେ ।।ବେ ଯେଉଁ କଥାଟି ସାଧାରଣ ଜନତା ଠାରୁ ଆରମ୍ଭ କରି ବୁଦ୍ଧିଜୀବୀଙ୍କୁ ଆନ୍ଦୋଳିତ କରିଛି, ତାହାହେଲା ସଂସଦର ଶୀତକାଳୀନ ଅଧିବେଶନ। ସମ୍ବିଧାନ ଉପରେ ଆଲୋଚନାରୁ ଯେଉଁ ପରିସ୍ଥିତି ସୃଷ୍ଟି ହେଲା, ତାହାର ଯେତେ ନିନ୍ଦା କଲେ ବି କମ୍ ପଡ଼ିବ। ଏହା ଆମ ସମ୍ବିଧାନ, ସଂସଦ ଓ ଗଣତନ୍ତ୍ର ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଆଲୋଚନା ବେଳେ କେତେକ ସ୍ୱାଧୀନତା ସଂଗ୍ରାମୀଙ୍କ ବିରୋଧରେ ଯେପରି ବିଷୋଦଗାର କରାଗଲା, ତାହା ଆଦୌ ଗ୍ରହଣୀୟ ନୁହେଁ। ଜାତୀୟ ସ୍ୱାର୍ଥ ଅପେକ୍ଷା କେତେକ ସାଂସଦ ନିଜର ପତିଆରା ଦେଖାଇବାକୁ ଯାଇ ସଂସଦକୁ ଅଚଳ କରି ରଖିଲେ। ଅନ୍ୟ ନେତା ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ପଛରେ ପକାଇ ଉଭୟ ଶାସକ ଓ ବିରୋଧୀ ଦଳ ହଠାତ୍ ଆମ୍ବେଦକରଙ୍କ ପାଇଁ ପ୍ରତିଯୋଗିତାରେ କାହିଁକି ଲାଗିପଡ଼ିଲେ, ସେହି ରହସ୍ୟ ଉନ୍ମୋଚନ ହେବା ଦରକାର।

ଭାରତ ହେଉଛି ଏକ ବୃହତ ଗଣତନ୍ତ୍ର। ମତଭେଦ ଓ ସମାଲୋଚନା ହେଉଛି ଏହାର ସୌନ୍ଦର୍ଯ୍ୟ। କିନ୍ତୁ ଏହି ମତଭେଦ ଓ ସମାଲୋଚନା ବ୍ୟକ୍ତିଗତ ସ୍ତରରୁ ଉଠି ଜାତୀୟ ସ୍ୱାର୍ଥ ଭିତ୍ତିକ ହେବା ଆବଶ୍ୟକ। କୌଣସି ଏକ ଉତ୍ତମ ନିଷ୍ପତ୍ତିରେ ପହଞ୍ଚିବାକୁ ହେଲେ ବିତର୍କ ହେଉଛି ସବୁଠାରୁ ଶ୍ରେଷ୍ଠ ମାଧ୍ୟମ । ଏଥିପାଇଁ ସଂସଦ ବା ବିଧାନସଭା ହେଉଛି ଉତ୍କୃଷ୍ଟ ସ୍ଥାନ। ଯେଉଁ ନିଷ୍ପତ୍ତି ନିଆଯିବ, ତାହା ସହମତି ଭିତ୍ତିରେ ହେଲେ ଜାତୀୟ ଦୃଷ୍ଟିରୁ ଉଚିତ ସାବ୍ୟସ୍ତ ହେବ। ଏବେ ସଂସଦରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ ହୋଇଛି। ଏଗୁଡ଼ିକ ହେଲା ୱାକଫ୍ ଆଇନ ସଂଶୋଧନ ବିଲ୍ ଏବଂ 'ଏକ ଦେଶ, ଏକ ନିର୍ବାଚନ' ବିଲ୍। ଏହାସହିତ ସୁପ୍ରିମକୋର୍ଟରେ ଉପାସନା ପୀଠ ଆଇନ, ୧୯୯୧ ଉପରେ ମଧ୍ୟ ବିଚାର ଚାଲିଛି। ଏହିସବୁ ପ୍ରସଙ୍ଗ ଦେଶର ରାଜନୈତିକ ଓ ସାମାଜିକ ବ୍ୟବସ୍ଥାକୁ ପ୍ରଭାବିତ କରୁଥିବାରୁ ନୂଆବର୍ଷ (୨୦୨୫)ରେ ଏହା ଉପରେ କଣ ନିଷ୍ପତ୍ତି ନିଆଯାଉଛି, ତାହା ଉପରେ ସମସ୍ତଙ୍କର ନଜର ରହିବ।

**AFFIDAVIT**

I, Babita Patanaik, W/o- Dillip Kumar Behera, resident of At/Po/Ps-Badagada, Dist-Ganjam, Pin Code-761109, Odisha declared by this affidavit No. 2422, dtd-28/12/2024 that now onwards I shall be known as **BABITA KUMARI PATNAIK** for all future purposes.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ST-SBP-TENDER-2024-27, ତା.20.12.2024ରିଖ

କାର୍ଯ୍ୟର ନାମ : ଏକ ବର୍ଷ ନିମନ୍ତେ ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର/ସିଗ୍ନାଲ/ ଟିଟିଲାଗଡ଼ (TIG) ଅଧୀନସ୍ଥ ସିଙ୍ଗିଡ଼ (SFK)- ରଣେନବଟା (RNBT)- ଟିଟିଲାଗଡ଼ (TIG) - ଥେରୁବାଲି (THV), ଭବାନୀପାଟଣା (BWIP) - ଜୁନାଗଡ଼ (JNRD) ସେକ୍ସନ ନିମନ୍ତେ ସିଗ୍ନାଲ ଜୋନାଲ (ZONAL) କାର୍ଯ୍ୟ ।

ଟେଣ୍ଡର ମୂଲ୍ୟ (₹) : 53,33,224.54, ବିଡ୍ ସିକ୍ୟୁରିଟି (₹) : 1,06,700.00 ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.15.01.2025 ରିଖ 1100 ଘଣ୍ଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (Sig), ସମ୍ବଲପୁର

PR-841/P/24-25

**AFFIDAVIT**

I, Mohammed Akhtar, H/o:Nilofer Sultana, Resident of At: Ward No-8, Bhabanipur, PO/PS: Pipili, Dist.: Puri, PIN-752104, Odisha,declare by this affidavit No. 41692 dated: 24/12/2024,that now onwards I shall be known as **MAHAMMED AKHTAR** for all future purposes.

**AFFIDAVIT**

I, Prasanta Kumar Swain, S/o.: Fakira Swain, Resident of At: Sanagara, Bilikana, P.O.:Chandannagar, P.S.:Pattamundai, Dist.: Kendrapara,PIN-754217 Odisha,declare by this affidavit No.41639, dated: 24.12.2024,that now onwards I shall be known as **PRASANTA SWAIN** for all future purposes.

**AFFIDAVIT**

By Virtue Of an Affidavit Before the Executive Magistrate, Nayagarh 18.12.2024 - I Ranjita Martha w/o- Sanyasi Barada At/Po- Kalyanpur, Ps- Saranakul, Dist- NAYAGARH. Declare that My Doughter Ankita Priyadarshini and nick name Lisha Baral vide Adhara NO-5422 8843 0456 is sama and One person for all purpose.

Sd/- Ranjita Martha

**AFFIDAVIT**

I, Priyanki Panda, W/o.: Sandip Kumar Sar, Resident of Flat No.: B-303, 3rd Floor, Infocity Green, Sailashree Vihar, P.S.: Chandrasekharpur, Bhubaneswar, Dist.: Khorda, PIN-751021, Odisha, declare by this affidavit No.: 15534, dated-23/12/2024, that now onwards I shall be known as **PRIYANKI KUMARI SAR** for all future purposes.

**AFFIDAVIT**

I, Malina Barick, W/o- Shri Banshidhar Barik, resident of Plot No. 29/1554, Bilipada, PO- Binayakpur, PS- Pipili, Dist- Puri, Pin- 752104, Odisha, declare by this affidavit No. 2258, dtd. 30/12/2024, that now onwards I shall be known as **MALINA BARIK** for all future purposes.

**AFFIDAVIT**

By virtue of an affidavit sworn before the Notary Public, Cuttack, dated 30.12.2024 I, Sita Sahoo, W/o- Late Rama Chandra Sahoo, permanent resident At- Choudhury Bazar, Nandi Sahi, Municipality Area, Po- Buxibazar, PS- Purighat, Dist- Cuttack, Pin- 753001, Odisha have changed my name from Sita Dei to Sita Sahoo. Henceforth, I shall be known as **Sita Sahoo** for all purposes.

Sd/- Sita Sahoo

**AFFIDAVIT**

I, Babita Behera, W/o- Dillip Kumar Behera, resident of At/Po/Ps-Badagada, Dist-Ganjam, Pin Code-761109, Odisha declared by this affidavit No. 2421, dtd-28/12/2024 that now onwards I shall be known as **BABITA KUMARI PATNAIK** for all future purposes.

**AFFIDAVIT**

I, Hitendra Ganpat Waghamare, S/O-Ganpatrao Adkuji Waghmare, resident of At-Near Hotel Dayal Residency, Kanheipur, Po/Ps- Jajpur Road, Dist-Jajpur, Pin- 755019, Odisha declare by this affidavit No. 2433, dated-30/12/2024, that now onwards I shall be known as **HITENDRA GANPAT WAGHMARE** for all future purposes.

**ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ:(୦୬୭୪)୨୩୯୩୫୭୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୨,୨୩୯୦୧୫୧
ଫାକ୍ସ:(୦୬୭୪)୨୩୯୩୯୫୨, ୱେବ ସାଇଟ: https://oshb.org

CAD-2009

ପତ୍ର ସଂଖ୍ୟା: ୨୨୯
H-378/12
LIG-188

ବିଜ୍ଞାପନ

ତା.୨୩.୧୨.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି ଘର ନଂ-ଏଲ.ଆଇ.ଜି-୧୮୮(LIG-188), ଚନ୍ଦନ ଏନକ୍ଲେଭ, କଳାରାହାଙ୍ଗ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଲକ୍ଷ୍ମୀଧର ଜେନା, ପିତା-ସ୍ୱର୍ଗତ ବଂଶୀଧର ଜେନା, ସା-ଟାଙ୍ଗିବନ୍ଧ, ପୋ-କଲ୍ୟାଣପୁର, ଥାନା-ମଞ୍ଚେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଲକ୍ଷ୍ମୀଧର ଜେନା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ରଶ୍ମିତା ସାମନ୍ତ, ସ୍ୱାମୀ-ପାର୍ଥସାରଥୀ ସାମନ୍ତ, ସା/ପୋ-କଲରା ବାଙ୍କ, ଥାନା-କିଶୋର ନଗର, ଜିଲ୍ଲା-କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା-ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0393/2425

# ସମ୍ପାଦକୀୟ



କେହି ରହିନାହିଁ ରହିବେ ନାହିଁ ଏ ଭବରଙ୍ଗ ଭୂମି ତଳେ
ସର୍ବେ ନିଜନିଜ ଅଭିନୟ ସାରି ବାହୁଡ଼ିବେ କାଳ ବଳେ
- କବିବର ରାଧାନାଥ ରାୟ

ସକାଳ
THE SAKALA

## ଚର୍ଚ୍ଚିତ ଚବିଶି

ହସ-କାନ୍ଦ, ମିଳନ-ବିଚ୍ଛେଦ, ଆଶ୍ୱାସନା-ପ୍ରତାରଣା, ହର୍ଷ-ଉଲ୍ଲାସ, ସଫଳ-ବିଫଳ, ଆଶା-ନିରାଶା, ଲାଭ-କ୍ଷତି, ନ୍ୟାୟ-ଅନ୍ୟାୟର ଅଧ୍ୟାୟକୁ ସମୟର ଇତିହାସ ପୃଷ୍ଠାରେ ଲେଖିଦେଇ ଦୁଇହଜାର ଚବିଶି ଏବେ ଅସ୍ତାଚଳମୁଖୀ। ପ୍ରତିଟି ଅଧ୍ୟାୟର ଚର୍ଚ୍ଚା ସରିଛି ଏବଂ ଭବିଷ୍ୟତରେ ଚର୍ବିତଚର୍ବଣର ଅବକାଶ ସୃଷ୍ଟି ହୋଇଛି। ତେଣୁ ବର୍ଷାନ୍ତରର ବାକି ଥିବା ମୁହୂର୍ତ୍ତମାନଙ୍କରେ ସେ ବିଷୟରେ ଅଧିକ ଆଲୋଚନା ନ କରି ବରଂ ସେଥିରୁ ମିଳିଥିବା ଶିକ୍ଷା ଓ ଅଭିଜ୍ଞତାକୁ କିଭଳି ଭବିଷ୍ୟତରେ ଉପଯୋଗ କରାଯାଇପାରିବ ସେ ବିଷୟରେ ଯୋଜନା ପ୍ରସ୍ତୁତ କରିବା ଅଧିକ ପ୍ରାସଙ୍ଗିକ ହେବ।

ଅନ୍ତର୍ଜାତୀୟସ୍ତରରୁ ଆରମ୍ଭ କରି ଆଞ୍ଚଳିକ ପର୍ଯ୍ୟନ୍ତ ରାଜନୀତିରେ ଅନେକ ଅପ୍ରତ୍ୟାଶିତର ମୂକସାକ୍ଷୀ ହୋଇସାରିଛି ଚବିଶି। ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ର ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ଅପ୍ରତ୍ୟାଶିତ ଥିବା ବେଳେ ସେଠାରେ ମଧ୍ୟ ଯେ ଭୋଟ ବଦଳରେ ନୋଟ୍ କାମ କରୁଛି ତାହା ପ୍ରମାଣିତ ହୋଇଛି। ପ୍ରଚାରର ଶେଷପର୍ଯ୍ୟାୟରେ ଯଦି ଏଲୋନ୍ ମସ୍କଙ୍କ ପ୍ରତ୍ୟକ୍ଷ ଆବିର୍ଭାବ ଘଟି ନଥା'ନ୍ତା ତେବେ ଫଳାଫଳ ଭିନ୍ନ ହୋଇଥା'ନ୍ତା ବୋଲି ବିଶ୍ୱ ନିର୍ବାଚନ ବିଶାରଦମାନେ ମତ ଦେଇଛନ୍ତି। ତେଣୁ ସୁସ୍ଥ ଗଣତନ୍ତ୍ର ପାଇଁ ଭୋଟକୁ କିଭଳି ନୋଟମୁକ୍ତ କରାଯାଇପାରିବ ସେ ଦିଗରେ ଆଗାମୀ ଦିନରେ ଯଥାସମ୍ଭବ ପ୍ରଚେଷ୍ଟା କରିବାକୁ ପଡ଼ିବ। ଧର୍ମଧାରଣା ଓ ଆସ୍ଥାକୁ ଭିତ୍ତି କରି ୨୦୨୪ ସାଧାରଣ ନିର୍ବାଚନରେ ୪୦୦ରୁ ଅଧିକ ଆସନ ପାଇବାର ଆଶା ବାନ୍ଧିଥିବା ବିଜେପି ଭାରତୀୟ ସଂସଦରେ ସରକାର ଗଠନ ଲାଗି ଏକାକୀ ଆବଶ୍ୟକ ବହୁମତ ମଧ୍ୟ ପାଇଲା ନାହିଁ। ଅଯୋଧ୍ୟା ରାମମନ୍ଦିର ଆସୁଥିବା ସଂସଦୀୟ କ୍ଷେତ୍ରରେ ବିଜେପି ପରାଜିତ ହେଲା। ଏଥିରୁ ଏହି ସଂକେତ ଗଲା ଯେ ଭାରତୀୟ ଭୋଟର ଆଉ ଧର୍ମ ଆଧାରିତ ରାଜନୀତିକୁ ପସନ୍ଦ କରୁନାହାନ୍ତି। ସେହିପରି ଆଞ୍ଚଳିକ ଦଳମାନଙ୍କ ଗଡ଼ ଭାବରେ ପରିଚିତ ପୂର୍ବଭାରତର ଦୁଇଟି ରାଜ୍ୟରେ ଦୀର୍ଘ ଦଶନ୍ଧି ପରେ ଜାତୀୟ ଦଳମାନଙ୍କର ଆବିର୍ଭାବ ଏହା ସୂଚାଇ ଦେଲା ଯେ ନିର୍ବାଚନ ପ୍ରଚାର ଓ ଶାସନ କ୍ଷମତା ହାସଲରେ ବ୍ୟାଖ୍ୟାନ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ହରିଆଣା ଓ ମହାରାଷ୍ଟ୍ର ବିଧାନସଭା ଫଳାଫଳକୁ ମଧ୍ୟ ନିର୍ବାଚନ ବିଶାରଦମାନେ ସହଜରେ ଗ୍ରହଣ କରିପାରିଲେ ନାହିଁ। ସେହି ଦୁଇରାଜ୍ୟର ନିର୍ବଚନ ଫଳାଫଳର ଅପ୍ରତ୍ୟାଶିକତା ଏହି ସନ୍ଦେଶ ଦେଇଛି ଯେ ଜାତୀୟସ୍ତରରେ ବିକଳ୍ପ ରାଜନୈତିକ ଦଳ ଦୃଢ଼, ପରିଶ୍ରମୀ, ନିଷ୍ଠା ଏବଂ ସମୟଅନୁକୂଳ ରଣନୀତିକାର ହେବା ବିଧେୟ। କେବଳ ଦଳଗତ ଆଦର୍ଶ କିମ୍ବା ବିରୋଧାଭାସ ବଳରେ କ୍ଷମତାକୁ ଫେରିବା ଅସମ୍ଭବ। ନିର୍ବାଚନରେ ଜିତିବାକୁ ହେଲେ ଭୋଟରଙ୍କ ତୃଣମୂଳ ସମସ୍ୟାକୁ ହୃଦୟଙ୍ଗମ କରିବାକୁ ପଡ଼ିବ ଏବଂ ତାହାକୁ ହିଁ ନିର୍ବାଚନୀ ଇସ୍ତାହାରରେ ବିସ୍ତାର କରିବାକୁ ପଡ଼ିବ।

ବିଶ୍ୱ ଭୂରାଜନୀତିରେ ପ୍ରଭୁତ୍ୱବାଦ କିଭଳି ଅଯଥା ରକ୍ତପାତ ଓ ନିରୀହ ଜନତାଙ୍କ ବିସ୍ଥାପନ, ଶରଣାର୍ଥୀ ସମସ୍ୟା ବୃଦ୍ଧି କରିପାରେ ତାହା ରୁଷ-ୟୁକ୍ରେନ୍, ଇସ୍ରାଏଲ୍-ହମାସ୍ ଯୁଦ୍ଧ ଏବଂ ବାଂଲାଦେଶ, ସିରିଆ ଅରାଜକତାରୁ ସୂଚିତ ହେଉଛି। କ୍ଷୁଦ୍ର ଓ ବିକାଶଶୀଳ ରାଷ୍ଟ୍ରମାନେ ଚୀନ୍‌ର ପ୍ରଲୋଭନରୁ ଦୂରେଇ ରହିବା ପାଇଁ ମାଳଦ୍ୱୀପ, ଭୁଟାନ ଓ ଶ୍ରୀଲଙ୍କାକୁ ଉଦାହରଣ ରୂପେ ଆବିର୍ଭାବ ହୋଇଛନ୍ତି। ଅର୍ଥନୈତିକ ଅଭିବୃଦ୍ଧି ପାଇଁ ରାଜନୈତିକ ସ୍ଥିରତା କେତେ ଜରୁରୀ ତାହା ବାଂଲାଦେଶ ଓ ପାକିସ୍ତାନ ଦୃଷ୍ଟାନ୍ତ ହୋଇଛନ୍ତି। ବର୍ଷ ଶେଷ ବେଳକୁ ଗୌତମ ଆଦାନୀଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗ ଯୋଗୁଁ ଭାରତୀୟ ପ୍ରତିଭୂତି ବଜାରରେ ଦ୍ରୁତସ୍ଖଳନ ଦେଖାଦେଇ ନିବେଶକମାନେ ଲକ୍ଷଲକ୍ଷ କୋଟି ଟଙ୍କା ହରାଇଛନ୍ତି। ତେଣୁ ଅତ୍ୟାଶାରୁ ମୂଳନାଶ ଆପ୍ତବାକ୍ୟଟି ପୁଣି ଥରେ ସତ ସାବ୍ୟସ୍ତ ହୋଇଛି।

ପ୍ରକୃତି, ପରିବେଶ ଓ ଐଶ୍ୱରୀୟ ଶକ୍ତି ଆଗରେ ଅତ୍ୟାଧୁନିକ ବିଜ୍ଞାନ କେତେ ନିଃସହାୟ ତାହା ସୁନିତା ୱିଲିୟମ୍‌ସଙ୍କ ତ୍ରିଶଙ୍କୁ ଅବସ୍ଥା ସୂଚାଇ ଦେଇଛି। ବୈଜ୍ଞାନିକ ଉଦ୍‌ଭାବନ ଓ ଶିଳ୍ପାୟନ ଯୋଗୁଁ କିଭଳି ପ୍ରଳୟ ଆସିପାରେ ତାହା ଦୁବାଇର ବାଦଲ୍‌ଫଟା ବର୍ଷାଠାରୁ ଆରମ୍ଭ କରି କେରଳର ୱାଇନାଡ଼ ଭୂସ୍ଖଳନ, ଉତ୍ତରାଖଣ୍ଡ, ବିହାର ଅଦିନିଆ ବନ୍ୟା ସଙ୍କେତ ଦେଇଛି। ଜଳବାୟୁ ପରିବର୍ତ୍ତନ ସଙ୍କଟର ପଞ୍ଝାରୁ ଉତ୍ତରବିଶ୍ୱ ମଧ୍ୟ ସୁରକ୍ଷିତ ନୁହେଁ, ସେହି ଚେତାବନୀ ଦେଇଛି ଦୁଇହଜାର ଚବିଶି। ତେଣୁ ବିକଶିତ ଓ ଧନୀ ଦେଶମାନେ ଅକ୍ଷୟଶକ୍ତିର ବିକାଶ ଲାଗି ବିଶ୍ୱ ନେତୃତ୍ୱ ନେବା ସହିତ ପରିବେଶ ପାଣ୍ଠିକୁ ଅଧିକ ଦୃଢ଼ କରିବା ଦିଗରେ ଆହ୍ୱାନ ସୃଷ୍ଟି ହୋଇଛି।

ଭାରତୀୟ ନ୍ୟାୟିକ ଇତିହାସରେ ଚବିଶି ଏକ ଅଭୁଲା ଅଧ୍ୟାୟ ଲେଖି ଦେଇଯାଇଛି। ଦୀର୍ଘବର୍ଷ ଧରି ବିଚାରାଧୀନ ଥିବା ଅନେକ ଜଟିଳ ମାମଲାର ରାୟ ସମ୍ବିଧାନ ଖଣ୍ଡପୀଠ ଶୁଣାଇଥିବା ବେଳେ ବ୍ରିଟିଶ୍ ଅମଳର ଭାରତୀୟ ଦଣ୍ଡବିଧି, ଫୌଜଦାରୀ କ୍ରିୟା ବିଧି ଓ ସାକ୍ଷ୍ୟ ଆଇନ ଉଚ୍ଛେଦ ହୋଇଛି। ସୃଷ୍ଟିରେ ସବୁକିଛି ନଶ୍ୱର। କେବଳ କୃତକର୍ମ ହିଁ ଅବିନଶ୍ୱର। ଏହା ପ୍ରମାଣିତ ହୋଇଛି ରତନ ଟାଟା, ଡ. ମନମୋହନ ସିଂହ, ଶ୍ୟାମ ବେନେଗାଲ୍, ଓସ୍ତାଦ ଜାକିର ହୁସେନ୍‌ଙ୍କ ପ୍ରଥିତଯଶା ବ୍ୟକ୍ତିତ୍ୱଙ୍କ କ୍ଷେତ୍ରରେ।

ଅପରିଣାମଦର୍ଶିତା, ମାତ୍ରାଧିକ ଆତ୍ମବିଶ୍ୱାସ କିଭଳି ଅଘଟଣ ଆଣିପାରେ ତାହା ୨୦୨୪ ଗୁଣ୍ଡିଚା ଯାତ୍ରାରେ ବଳଭଦ୍ରଙ୍କୁ ରଥରୁ ତଳେ ପକାଇ ଦେବା ଭଳି ଘଟଣାରୁ ପ୍ରମାଣିତ ହୋଇଛି। ସମନ୍ୱୟର ଅଭାବରେ କିଭଳି ଲୋକହସା ହେବାକୁ ପଡ଼େ ତାହା ଓଡ଼ିଶାର ନବନିର୍ବାଚିତ ସରକାରରେ କେତୋଟି ଯୋଜନାର ନାମ ପରିବର୍ତ୍ତନ କରି ପୁଣି ବିଜ୍ଞପ୍ତି ପ୍ରତ୍ୟାହାର କରିବା ଘଟଣାରେ ଦେଖାଯାଇଛି। ଓଡ଼ିଶାରେ ବାତ୍ୟା - 'ଦାନା'ର ଗତିବିଧି ମଧ୍ୟ ସଠିକ ଆକଳନ କରିବାରେ ବିଜ୍ଞାନ ବିଫଳ ହୋଇଛି। ଅଦୂରଦର୍ଶୀ ବିପର୍ଯ୍ୟୟ ପରିଚାଳନା ଯୋଗୁଁ ବାତ୍ୟା ପ୍ରଭାବିତ ଲୋକଙ୍କ କଷ୍ଟ ବଢ଼ିଛି। ଅପରପକ୍ଷରେ ଉପଯୁକ୍ତ ଭାରପ୍ରାପ୍ତ ଅଧିକାରୀଙ୍କ ସମୟୋପଯୋଗୀ ଯୋଜନା, ଦାୟିତ୍ୱବୋଧ, କଳାଚାତୁରୀ, ସମର୍ପଣ, ସର୍ଜନାତ୍ମକ ଦୃଷ୍ଟିଭଙ୍ଗୀ ଓ କଳାଚାତୁର୍ଯ୍ୟ, କର୍ମନିଷ୍ଠା କିଭଳି ସଫଳତା ଆଣିପାରେ ତାହା ୨୦୨୪ ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍‌ରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ସ୍ୱର୍ଣ୍ଣପଦକ ପାଇବାରୁ ପ୍ରମାଣିତ ହୋଇଛି।

ମଧୁର-ତିକ୍ତ ଅଭିଜ୍ଞତା ଓ ତ୍ରୁଟି-ବିଚ୍ୟୁତିରୁ ଶିକ୍ଷା ଲାଭ କରି ଅତୀତର ଅବାଞ୍ଛିତ ମୁହୂର୍ତ୍ତ ଓ ଘଟଣାମାନଙ୍କୁ ଭୁଲି ଭବିଷ୍ୟତର ସୁସଂହତ, ସସମନ୍ୱିତ, ସୁସଂଯତ ସମାଜ ଗଠନ ପାଇଁ ସକାରାତ୍ମକ ଦୃଷ୍ଟିଭଙ୍ଗୀରେ ସାମ୍ୟବାଦର ଆଧାର ଶିଳା ଉପରେ ସୁନେଲି ସ୍ୱପ୍ନ ଦେଖିବାକୁ ଆହ୍ୱାନ ଦେଇ ବିଦାୟ ନେଉଛି ଦୁଇହଜାର ଚବିଶି।

ବିଦାୟ ଚବିଶି।

# ଯୌତୁକ ନିରୋଧୀ ଆଇନ ଓ ପୁରୁଷ ନିର୍ଯାତନା

ମଧୁସୂଦନ ମିଶ୍ର

ୟୁବ ଏଆଇ ଇଞ୍ଜିନିୟର ଅତୁଲ ସୁଭାଷଙ୍କ ଆତ୍ମହତ୍ୟା ଘଟଣା ଯୌତୁକ ନିରୋଧୀ ଆଇନ ୧୯୬୧ କୁ ବିତର୍କ ମଧ୍ୟକୁ ଟାଣି ନେଇଛି। ମୁଖ୍ୟ ଗଣମାଧ୍ୟମ ସହିତ ସାମାଜିକ ଗଣମାଧ୍ୟମରେ ଉଭୟ ପୁରୁଷ ଓ ମହିଳା ଆଇନ ବ୍ୟବସ୍ଥାରେ ଲିଙ୍ଗଗତ ବୈଷମ୍ୟକୁ ଦୂର କରିବା ପାଇଁ ସ୍ୱର ଉତ୍ତୋଳନ ହୋଇଛି। ଧର୍ମପତ୍ନୀମାନଙ୍କ ଦ୍ୱାରା ମିଥ୍ୟା ଯୌତୁକ ନିର୍ଯାତନା ଅଭିଯୋଗରୁ ରକ୍ଷା ପାଇବା ସହିତ ଆଇନରେ ନିଜର ଅଧିକାର ପାଇଁ ଉପଯୁକ୍ତ ସଂଶୋଧନ କରିବା ଲାଗି ପୁରୁଷମାନେ ଏବେ ଦାବି କରୁଥିବା ଦେଖାଯାଉଛି। ଯୌତୁକ ନିରୋଧୀ ଆଇନ ୧୯୬୧କୁ ମହିଳାମାନଙ୍କ ପାଇଁ ଏକ ସୁରକ୍ଷାକବଚ ରୂପେ ଲାଗୁ କରାଯାଇଥିଲେ ମଧ୍ୟ ଅନେକ ମହିଳା ଏହାକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରୁଛନ୍ତି ବୋଲି ପ୍ରତ୍ୟାରୋପ ହୋଇ ଆସୁଛି।

'ଯୌତୁକ ନିରୋଧୀ ଆଇନର ଅପବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି' - ଏହି ଧାଡ଼ିଟି ଏକ ଆପେକ୍ଷିକ ସତ୍ୟ। ଏହି ଆଇନରେ ଦୋଷୀସାବ୍ୟସ୍ତ ହେବାର ହାର ବହୁତ ନଗଣ୍ୟ ଥିବାରୁ ଏପରି ଏକ ଭ୍ରାନ୍ତ ଧାରଣା ଭାରତର ସମାଜରେ ସୃଷ୍ଟି ହେବାରେ ଲାଗିଛି। ଅତିବେଶୀରେ ବାର୍ଷିକ ହାରାହାରି ମାତ୍ର ୧୫ ଶତାଂଶ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୁଅନ୍ତି। ୨୦୧୭ ଜୁଲାଇ ମାସରେ ସର୍ବୋଚ୍ଚ ନ୍ୟାୟାଳୟ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ବିଭିନ୍ନ ପ୍ରକାରର ତଥ୍ୟ ଆଧାରରେ ଜାଣିବାକୁ ପାଇଥିଲେ ଯେ ମହିଳାମାନେ ଏହି ଆଇନର ସହାୟତା ନେବା ପରେ ମଧ୍ୟ କାଳକ୍ରମେ ସେଥିରୁ ଦୂରେଇ ଯାଆନ୍ତି କିମ୍ବା ଆପୋସ ବୁଝାମଣା କରି ନିଅନ୍ତି। ଭାରତରେ ମହିଳାମାନେ ସ୍ୱାଭାବିକ ଭାବରେ ରକ୍ଷଣଶିଳା ଓ ଶାନ୍ତିପ୍ରିୟା ଥିବାରୁ କୋର୍ଟ କଚେରୀକୁ ବାରମ୍ବାର ଯିବାକୁ କୁଣ୍ଠାବୋଧ କରନ୍ତି। ଏହାର ଅର୍ଥ ନୁହେଁ ଯେ ଅଭିଯୋଗ ଭିତ୍ତିହୀନ ଥିଲା।

ବିଶେଷ ଭାବରେ ଭାରତୀୟ ପିଙ୍ଗଳ ଧାରା ୪୯୮ (କ) ସର୍ବାଧିକ ବିତର୍କିତ। ଏହାର କାରଣ ହେଉଛି ଏହା କେବଳ ବିବାହିତ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ। ଏହି ଆଇନ ବଳରେ ଜଣେ ବିବାହିତା ନିଜର ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟମାନଙ୍କ ବିରୋଧରେ ଶାରୀରିକ ଓ ମାନସିକ ନିର୍ଯାତନା ଅଭିଯୋଗ ଆଣିପାରିବେ। ୧୯୮୩ ମସିହାରେ ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଏହି ଆଇନ ଲାଗୁ କରାଯାଇଥିଲା। କିନ୍ତୁ ଏହାର ଅପବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି ବୋଲି ଆଶଙ୍କା କରାଗଲା। ତେଣୁ ନ୍ୟାୟପାଳିକା ମଧ୍ୟ ଏଥିପ୍ରତି ସଚେତନ ଅଛନ୍ତି। ହଠାତ୍ ଗିରଫ କରିବା ଏବଂ ଜାମିନ ନ ଦେବା ଇତ୍ୟାଦି ବ୍ୟବସ୍ଥାକୁ ହଟାଇ ଦେଇଛନ୍ତି। ପୁଲିସ ଅନୁସନ୍ଧାନ କରି ଯଥେଷ୍ଟ ପ୍ରମାଣ ହାସଲ କରିବା ପରେ ହିଁ ଅଭିଯୁକ୍ତକୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଆଇନ ବଳରେ ଅଭିଯୁକ୍ତମାନଙ୍କୁ ଅତିବେଶୀରେ ତିନିବର୍ଷ କାରାଦଣ୍ଡ ଦିଆ ଯାଇପାରେ। ତେଣୁ ଯୌତୁକ ନିରୋଧୀ ଆଇନକୁ ଆଧାର କରି ଭାରତର ପୁରୁଷମାନେ ଯେପରି ହଠାତ୍ ଭୟଭୀତ ହୋଇ ପଡ଼ିଛନ୍ତି ତାହାର ଯଥାର୍ଥତା ନାହିଁ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ ଆଧାରରେ ୨୦୨୨ ଶୀତ ଅଧିବେଶନରେ ସଂସଦରେ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା ଯେ ଭାରତରେ ପ୍ରତିଦିନ କୋଡ଼ିଏ ଜଣ ମହିଳା ଯୌତୁକ ଜୁଇରେ ଜଳନ୍ତି। ଯେତେବେଳେ ଭାରତରେ ଏହି ଆଇନ ପ୍ରଣୟନ ହୋଇଥିଲା ସେତେବେଳେ ଯୌତୁକ କହିଲେ ଗୋଟିଏ ହାତ ଘଣ୍ଟା, ରେଡିଓ ଓ ସାଇକେଲକୁ ବୁଝାଉଥିଲା। ଅଳ୍ପ କିଛି ବାସନ, ବସ୍ତ୍ର, ଶିଳ, ଘୋରଣା, ପଥର ପାଣି କୁଣ୍ଡ ଇତ୍ୟାଦି ନିହାତି ଆବଶ୍ୟକ ହେଉଥିବା ସାମଗ୍ରୀ ପ୍ରଦାନ କରାଯାଉ ଥିଲା। ଧନୀମାନେ ଗାଈଟିଏ ଦେଉଥିଲେ। ସେତେବେଳେ ଖୋଲା ବଜାରରେ ସୁନା ଗହଣା ମିଳୁ ନ ଥିଲା। ଝିଅର ମା' ନିଜର ପିତା ଘରୁ ଆଣିଥିବା ଛୋଟ ଛୋଟ ଗହଣାକୁ ଭାଙ୍ଗି ନୂଆ କରି ତିଆରି କରି ଝିଅକୁ ଦେଉଥିଲା। ତଥାପି କିଛି ଉଣା ହେଲେ ଯୌତୁକ ନିର୍ଯାତନା ସହି ନପାରି ବିଷ ପିଇବା ନବବଧୂମାନଙ୍କ ପାଇଁ ଶେଷ ବିକଳ୍ପ ଥିଲା।

ବର୍ତ୍ତମାନ ଆଇନରେ ନିଜ ପାଇଁ ସମାନ ଅଧିକାର ଦାବି ରଖୁଥିବା ପୁରୁଷମାନଙ୍କ ପାଇଁ ଉଲ୍ଲେଖନୀୟ ଯେ ଆଇନରେ ସ୍ପଷ୍ଟ ଭାବରେ ଲିଖିତ ଅଛି - ଉଭୟ ଯୌତୁକ ଦେବା ଓ ନେବା ଧର୍ତ୍ତବ୍ୟ ଅପରାଧ। ତେବେ ବର୍ତ୍ତମାନ ସ୍ଥିତିରେ ପଚାଶ ଲକ୍ଷ ଟଙ୍କାରୁ ଅଧିକ ବଜେଟରେ ହେଉଥିବା ବାହାଘରରେ କ'ଣ ଯୌତୁକର ଆଦୌ ସ୍ଥାନ ନାହିଁ? ଆଇନ ଲାଗୁ ହେବାର ଛ' ଦଶନ୍ଧି ମଧ୍ୟରେ କଳଙ୍କିତ ଯୌତୁକ ପ୍ରଥାକୁ ସମାଜରୁ ଦୂର କରିବା ସମ୍ଭବ ହେଉନାହିଁ। କାରଣ ଆଇନ ସମାଜରେ ଅବହେଳିତ ଓ ଅତି ଦୁର୍ବଳ। କେବଳ ନିର୍ଯାତନା ପ୍ରମାଣିତ ହେଲେ ଛ' ମାସ ଜେଲ୍ ଓ ପାଞ୍ଚ ହଜାର ଟଙ୍କା ଜୋରିମାନା ହୁଏ ଏବଂ ହତ୍ୟା ମାମଲାରେ ସାତବର୍ଷ ରୁ ଚଉଦବର୍ଷ ମଧ୍ୟରେ ଜେଲ୍ ହୁଏ। ଏହାସହ ଯେଉଁ ପୁରୁଷମାନେ ଘରୋଇ ହିଂସା ଆଚରଣ କଥା କହୁଛନ୍ତି କିମ୍ବା ସମସ୍ତ ଆଇନରେ ମହିଳାମାନଙ୍କ ସହିତ ପୁରୁଷମାନଙ୍କ ମଧ୍ୟ ସମାନ ଅଧିକାର ଦାବି ରଖୁଛନ୍ତି, ସେମାନେ ଜାଣିରଖିବା ଉଚିତ ଯେ ପାରିବାରିକ ହିଂସାରୁ ସୁରକ୍ଷା ପାଇଁ ମହିଳାମାନଙ୍କ ପାଇଁ ପ୍ରଣୀତ ଆଇନ ମଧ୍ୟ ବିଫଳ ହୋଇଛି।

ପଞ୍ଚମ ଜାତୀୟ ସ୍ୱାସ୍ଥ୍ୟ ସର୍ବେକ୍ଷଣର ତଥ୍ୟ ଅନୁସାରେ ୪୨.୫ ଶତାଂଶ ପୁରୁଷ ମତ ଦେଇଛନ୍ତି ଯେ ଆବଶ୍ୟକ ସ୍ଥଳେ ସ୍ତ୍ରୀମାନଙ୍କୁ ମାଡ଼ ଦେବା ସଠିକ ପଦକ୍ଷେପ। ଏଥିରୁ ଜଣାପଡ଼େ ଯେ ଭାରତରେ ଘରୋଇ ହିଂସା କିପରି ସ୍ତରରେ ରହିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ବାର୍ଷିକ ବିବରଣୀ ଅନୁସାରେ ଗତ ଦୁଇଦଶନ୍ଧି ମଧ୍ୟରେ ମହିଳାମାନଙ୍କ ପ୍ରତି ପାରିବାରିକ ଅତ୍ୟାଚାର ଓ ହିଂସାରେ ବୃଦ୍ଧି ଘଟିଛି। ୨୦୦୧ ରୁ ୨୦୧୮ ମଧ୍ୟରେ ମୋଟ୍ ୧୫,୪୮,୫୪୮ ଟି ଏ ସମ୍ପର୍କିତ ମାମଲା ପଞ୍ଜିକୃତ ହୋଇଛି। ୨୦୦୧ ରୁ ୨୦୧୮ ମଧ୍ୟରେ ମହିଳାମାନଙ୍କ ସ୍ୱାମୀ କିମ୍ବା ତାଙ୍କର ସମ୍ପର୍କୀୟମାନଙ୍କ ଦ୍ୱାରା କ୍ରୂରତାପୂର୍ଣ୍ଣ ବ୍ୟବହାରରେ ୫୩ ଶତାଂଶ ବୃଦ୍ଧି ହୋଇଛି। ଗୃହ ମଧ୍ୟରେ ମହିଳାମାନଙ୍କ ପ୍ରତି ଅତ୍ୟାଚାରର ଅନେକ କାରଣ ଥିଲେ ମଧ୍ୟ ପାରିବାରିକ ହିଂସାରୁ ସେମାନଙ୍କୁ ସୁରକ୍ଷା ଆଇନ ୨୦୦୫ର ନିଷ୍କ୍ରିୟତା ଏକ ପ୍ରମୁଖ କାରଣ। ଏହି ଆଇନ୍‌ର କ୍ରିୟାଶୀଳତାକୁ ତର୍ଜମା କରାଗଲେ ଏହାର ଦୁର୍ବଳତା ସ୍ପଷ୍ଟ ରୂପେ ନିରୂପଣ କରିହୁଏ। ବିଗତ ପାଞ୍ଚ ବର୍ଷ ମଧ୍ୟରେ ଏହି ଆଇନ୍ ଅଧୀନରେ ମାତ୍ର ୨୫୧୯ ଟି ମାମଲା ରୁଜୁ ହୋଇଛି। ଏହି ଆଇନ୍ ଅନୁଯାୟୀ ପ୍ରତି ୧ଲକ୍ଷ ମହିଳାଙ୍କ ପାଇଁ ଅପରାଧର ହାର ମାତ୍ର ୦.୧୪ ଶତାଂଶ ରହିଛି।

ଏତଦ୍‌ବ୍ୟତୀତ ଆଉ ଗୋଟିଏ କଥା ମଧ୍ୟ ଗମ୍ଭୀର ଭାବରେ ଆଲୋଚନା ହେଉଛି। ପାରିବାରିକ ହିଂସାରୁ ରକ୍ଷା ପାଇବା ପାଇଁ ପୁରୁଷମାନଙ୍କ ଆତ୍ମହତ୍ୟା ହାର ବଢ଼ିବାରେ ଲାଗିଛି। ଯେତେବେଳେ ଦମ୍ପତି ନିଜର ପାରିବାରିକ ଜୀବନ ଆରମ୍ଭ କରନ୍ତି ଉଭୟ କଷ୍ଟ ସହନ୍ତି ଓ ସଂଘର୍ଷ କରନ୍ତି। ସଂସାରର ଜଞ୍ଜାଳ ମଧ୍ୟରେ ପତ୍ନୀମାନେ ପ୍ରଥମେ ଓ ଅତିସହଜରେ ଭାଙ୍ଗି ପଡ଼ନ୍ତି। ସମସ୍ୟା ବଳୟରେ କାନ୍ଦି ପକାନ୍ତି। କିନ୍ତୁ ପତି ବା ସ୍ୱାମୀମାନେ ହିଁ ଧୈର୍ଯ୍ୟ ଧରି ସଠିକ ଭାବରେ କାତ ମାରି ନାବକୁ ଆଗକୁ ବଢ଼ାଇଥା'ନ୍ତି। କିନ୍ତୁ ଯିଏ ଆତ୍ମହତ୍ୟା କରେ ସେ କୌଣସି ପ୍ରକାରର ଚାପରୁ ମୁକ୍ତି ପାଇବା ପାଇଁ ତା'ର ଏକମାତ୍ର ଲକ୍ଷ୍ୟ ଥାଏ। ଆତ୍ମହତ୍ୟା କରିବା ଦୁର୍ବଳ ମାନସିକତାର ଲକ୍ଷଣ। ଯେଉଁ ବିବାହିତ ମହିଳାମାନେ ଅଳ୍ପ ବୟସରେ ବିଧବା ହୋଇ ଯାଉଛନ୍ତି ସେମାନେ କେତେ ସଂଘର୍ଷ କରି ପରିବାରକୁ ସମ୍ଭାଳି ନେଉଛନ୍ତି! ତେଣୁ ଆତ୍ମହତ୍ୟା କରୁଥିବା ପୁରୁଷମାନଙ୍କ ପାଇଁ ଅନୁକମ୍ପା ପ୍ରଦର୍ଶନ କରିବା ସମାଜ ଲାଗି କଲ୍ୟାଣକାରୀ ନୁହେଁ।

ଆଇନ ପୁରୁଷ ଓ ମହିଳାମାନଙ୍କ ସୁରକ୍ଷା ପାଇଁ ପ୍ରଣୟନ କରାଯାଇଛି। କିଛି ଲୋକ ଆଇନ୍‌କୁ ଏକ ସେବା ଭାବରେ ଗ୍ରହଣ କରି ଏଥିରୁ ଲିଙ୍ଗ ବୈଷମ୍ୟକୁ ଦୂର କରିବା ପାଇଁ ଦାବି ରଖି ଚାଲିଛନ୍ତି। ଏହାକୁ ଆଧାର କରି କିଏ କେତେ ଶକ୍ତିଶାଳୀ ବା ଦୁର୍ବଳ ତାହାକୁ ଆଲୋଚନା କରିବା ତାହା ସମ୍ପୂର୍ଣ୍ଣ ନିରର୍ଥକ। ତେଣୁ ଦମ୍ପତିମାନେ କିପରି ପରସ୍ପର ମଧ୍ୟରେ ଉପଯୁକ୍ତ ବୁଝାମଣା ରଖି ଜୀବନର ଗାଡ଼ିକୁ ଆଗକୁ ବଢ଼ାଇବେ ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ।

ପୁରୀ, ମୋ: ୯୪୩୭୨୮୫୪୯୭

# ସବୁଜ ପରିବେଶ, ସୁନେଲି ଭବିଷ୍ୟତ

ମୋହନ ଚରଣ ବିଷି

ଆଜି ସମଗ୍ର ବିଶ୍ୱରେ ପରିବେଶ ଉପରେ ଚର୍ଚ୍ଚା ଚାଲିଛି। ବିଶ୍ୱ ତାପାୟନ ଓ ପାଗ ପରିବର୍ତ୍ତନ ସବୁଠାରୁ ଚିନ୍ତାର ବିଷୟ ହେଉଛି। ବର୍ତ୍ତମାନ ଯେଉଁ ସ୍ଥିତିରେ ବିଶ୍ୱ ଉପନୀତ, ଏକ ସବୁଜ ସୁସ୍ଥ ପରିବେଶ ସ୍ୱପ୍ନ ପରି ମନେ ହେଉଛି। ବିଶ୍ୱ ତାପାୟନ ଓ ପାଗ ପରିବର୍ତ୍ତନ ସମଗ୍ର ପୃଥିବୀର ପରିବେଶକୁ ବିଗାଡ଼ିବାରେ ଲାଗିଛି। ପୃଥିବୀର ବିଭିନ୍ନ ସହରରେ ପରିବେଶ ସମ୍ପର୍କିତ କର୍ମଶାଳାମାନ ଆୟୋଜନ ହେଉଛି। ପରିବେଶ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି ପ୍ରତ୍ୟେକ ରାଷ୍ଟ୍ର। କିନ୍ତୁ ସବୁଠାରୁ ବଡ଼ ବିଷୟ ହେଲା ମଣିଷ କେବଳ ଭାବୁଛି ଏ ପରିବେଶ ମୋର। ପରିବେଶର ସଂରକ୍ଷଣ ଓ ସଂରଚନା ତା' ନିଜ ହାତକୁ ନେଇଛି। ପରିବେଶ ସମ୍ପର୍କରେ ସର୍ବଶ୍ରେଷ୍ଠ ମତ ମଣିଷ ହିଁ ପ୍ରଦାନ କରିଛି। ପଚାଶ ବର୍ଷ ତଳେ ପରିବେଶବିତ୍‌ମାନେ ପରିବେଶ ସଂରକ୍ଷଣ ପାଇଁ ଯେଉଁ ମତ ପ୍ରଦାନ କରିଥିଲେ, ଆଜି ସେହି ମତ ମଧ୍ୟରେ ଅନେକ ପ୍ରଭେଦ ପରିଲକ୍ଷିତ ହେଉଛି।

ସେହିପରି ଷାଠିଏ ଦଶକରେ ଅତ୍ୟଧିକ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ରାସାୟନିକ ସାରର ପ୍ରୟୋଗ ଉପରେ କୃଷି ବୈଜ୍ଞାନିକମାନେ ପରାମର୍ଶ ଦେଲେ। କ୍ରମଶଃ କୃଷକମାନେ ଅଧିକ ଉତ୍ପାଦନ ପାଇଁ ଅଧିକ ମାତ୍ରାରେ ରାସାୟନିକ ସାର ଓ କୀଟନାଶକର ପ୍ରୟୋଗ କଲେ। ତାହା ସହ ସଙ୍କରଜାତୀୟ ବିହନର ବ୍ୟବହାର କରାଗଲା। ଉତ୍ପାଦନ ବହୁ ପରିମାଣରେ ବଢ଼ିଲା। କିନ୍ତୁ ବର୍ତ୍ତମାନ ସେହି ଜମିରେ ଉତ୍ପାଦନ ହ୍ରାସ ପାଇବାକୁ ଲାଗିଲାଣି। ଅତ୍ୟଧିକ ସାର ଓ କୀଟନାଶକ ପ୍ରୟୋଗ ଦ୍ୱାରା ଜମିର ଉର୍ବରତା କମିବା ସହ ମାଟି ଭିତରେ ଥିବା ଅନେକ ଉପକାରୀ ଜୀବାଣୁ ନଷ୍ଟ ହେଇଗଲାଣି। ଆଉ ଏହି ସବୁ ଖାଦ୍ୟଶସ୍ୟ ମଣିଷ ଓ ଜୀବଜନ୍ତୁ ପାଇଁ ହାନିକାରକ ସାବ୍ୟସ୍ତ ହୋଇଛି। ଏବେ କୃଷି ବୈଜ୍ଞାନିକମାନେ କହୁଛନ୍ତି ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ।

ସମୟ ଥିଲା ଜଙ୍ଗଲ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଥିଲା। ନୂତନ ଚାରାରୋପଣକୁ ଏତେ



ପ୍ରାଧାନ୍ୟ ଦିଆ ହେଉନଥିଲା। କିନ୍ତୁ ଏବେ ନୂତନ ଜଙ୍ଗଲ ସୃଷ୍ଟି ଆଉ ଚାରାରୋପଣ ସ୍ଲୋଗାନ୍ ବଢ଼ିବାରେ ଲାଗିଛି। ଉତ୍ସବ ପାଳନ ଅବସରରେ ଉପହାରରେ ଚାରା ପ୍ରଦାନ କରାଯାଉଛି। ଚାରାରୋପଣ ପାଇଁ ଅନେକ ପ୍ରକାର ସଚେତନ କରାଯାଉଛି। ଆଉ କିଛିବର୍ଷ ପରେ ବିଶୁଦ୍ଧ ଅମ୍ଳଜାନ ମିଳିବା ସନ୍ଦୀହାନ ଲାଗିଲାଣି। ପାଣି ବୋତଲ ପରି ଅମ୍ଳଜାନ ବ୍ୟାଗ ପିଠିରେ ବୋହିବାକୁ ପଡ଼ିବ। ଏବେ ଆମକୁ ବିଶୁଦ୍ଧ ପାନୀୟ ଜଳ ଲିଟରକୁ କୋଡ଼ିଏ ଟଙ୍କାରେ କିଣିବାକୁ ପଡୁଛି। ସମୟ ଆସିବ ଅମ୍ଳଜାନ ଥଳି ଧରି ବାହାରକୁ ବାହାରିବାକୁ ପଡ଼ିବ।

ମାଟି, ପବନ, ପାଣି ଯେତେବେଳେ ଦୂଷିତ, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ହେବ କିପରି? ପରିବେଶ ପ୍ରଦୂଷଣ ପ୍ରକୃତିର ନିୟମ ପରିବର୍ତ୍ତନ କରିଥାଏ। ଆମେ ଯେଉଁ ଛ'ଋତୁ କଥା ଜାଣିଛୁ, ତାହା କ୍ରମଶଃ ହଜିବାକୁ ବସିଲାଣି। ଛ'ଋତୁର ଅନୁଭବ ଯେମିତି ଆଉ ହେଉନାହିଁ। କେତେବେଳେ କ'ଣ ଅନୁଭବ ହେଉଛି କହି ହେଉ ନାହିଁ। ପ୍ରକୃତିର ଏହି ପରିବର୍ତ୍ତନ ପୃଥିବୀ ଉପରେ ପଡୁଛି। ପୃଥିବୀର ବିଭିନ୍ନ କାରକ ଓ ଜୀବଜନ୍ତୁ ପ୍ରଭାବିତ ହେଉଛନ୍ତି। ଅନେକ ଜୀବଜନ୍ତୁ ପୃଥିବୀ ପୃଷ୍ଠରୁ ନିଶ୍ଚିହ୍ନ ହେଲେଣି। ଘର ପାଖରେ ଆଉ ପୂର୍ବଭଳି ଘର ଚଟିଆ ନାହିଁ କିମ୍ବା ଆଗ ପରି କାଉର ଡାକ ଶୁଭୁନାହିଁ। ସକାଳେ ପକ୍ଷୀମାନଙ୍କ କୋଳାହଳ ଶୁଣିବାକୁ ମିଳୁନି। ବିଶ୍ୱର ତାପମାତ୍ରା ଅହେତୁକ ଭାବରେ ବଢ଼ିବାକୁ ଲାଗିଛି। ତାପମାତ୍ରା ବଢ଼ିବାରୁ ବରଫ ତରଳୁଛି। ସମୁଦ୍ର ଜଳସ୍ତର ବଢ଼ି ସ୍ଥଳଭାଗକୁ ମାଡ଼ି ଆସୁଛି। ପ୍ରକୃତି ସ୍ୱାଭାବିକ ଅବସ୍ଥାରେ ନାହିଁ, ଏକଥା ଆମେ ସମସ୍ତେ ଉପଲବ୍ଧି କରୁଛୁ। ଅନେକ ଘଟଣାକୁ ଅଙ୍ଗେ ନିଭାଉଛୁ। ଜାଣି ଜାଣି ପ୍ରକୃତିର ବିରୋଧରେ ଅନେକ କାମ କରୁଛୁ। ପ୍ରକୃତି କେତେ ସହିବ ମଣିଷର ଦାଉ? କେବଳ ଆମେ ଭାବୁଛୁ ପ୍ରକୃତି ଆମର। ଆମେ ମଣିଷ ହିଁ ପ୍ରକୃତିର। କିନ୍ତୁ ଆମେ ଧରାକୁ ସରା ମନେ କରୁଛୁ। ପୃଥିବୀ ଆମ ପାଇଁ ଛୋଟ ହୋଇଗଲାଣି। ନିମିଷକରେ ପୃଥିବୀ ପରିଭ୍ରମଣ କରି ଦେଉଛୁ। କିନ୍ତୁ ଆମକୁ ମନେ ରଖିବାକୁ ହେବ ଯେ ପୃଥିବୀ କେବଳ ମଣିଷର ନୁହଁ, ସମସ୍ତଙ୍କର। ଏବେ ବନ୍ୟଜୀବଜନ୍ତୁ ଚିଡ଼ିଆଖାନାର ଖେଳଣା। କେମିତି ପ୍ରାକୃତିକ ପରିବେଶର ସନ୍ତୁଳନ ରକ୍ଷା ହୋଇ ପାରିବ? ସବୁ ଆଡ଼େ କଂକ୍ରିଟ ଜଙ୍ଗଲ। ଆମକୁ ବିନା ସ୍ୱାର୍ଥରେ ଅମ୍ଳଜାନ ଯୋଗାଉ ଥିବା ବୃକ୍ଷ କେବେ କ'ଣ ଅହମିକା କରିଛି? ଗଛ ପାଇଁ ବଞ୍ଚୁଛେ, ଅଥଚ ଆମେ ତାକୁ ହାଣି ଚାଲିଛୁ ନିର୍ମମ ଭାବରେ। ନିଜକୁ ନିଜେ ପଚାରନ୍ତୁ ଆପଣ କେତେ ଚାରାରୋପଣ କରି ବଞ୍ଚାଇଛନ୍ତି।

ହେ ମଣିଷ ଉଠ, ସଚେତନ ହୁଅ। ଯିଏ ସବୁ ଜାଣିଛି ତାକୁ ବୁଝାଇ ହୁଏ ନାହିଁ। ଚେଇଁ ଶୋଇଥିବା ମଣିଷ ସେତେବେଳେ ବୁଝେ, ଯେତେବେଳେ ସମୟ ହାତରୁ ଚାଲିଯାଇ ଥାଏ। ଜୀବନର ମଧ୍ୟ ପରିବର୍ତ୍ତନ ହେଉଛି। ପ୍ରକୃତି ରୂପ ବଦଳାଉଛି କେବଳ ମଣିଷମାନଙ୍କ କୃତକର୍ମ ପାଇଁ। ପ୍ରକୃତି ଆମକୁ ଆନନ୍ଦରେ ବଞ୍ଚିବା ପାଇଁ କହୁଛି। ପ୍ରକୃତିର ସୌନ୍ଦର୍ଯ୍ୟକୁ ଅନୁଭବ କରି କୃତକୃତ୍ୟ ହେବା ପାଇଁ ଆହ୍ୱାନ ଦେଉଛି। ଜୀବନର ଜଟିଳତାକୁ ସହଜ ସୁଗମ ଓ ସରଳ କରିବା ପାଇଁ ଶିକ୍ଷା ଦେଇ ଆସୁଛି। ଆମେ କିନ୍ତୁ ପ୍ରକୃତିର ବିବିଧତାର ସୁରକ୍ଷା ଓ ସଂରକ୍ଷଣ କଥା ଭୁଲିଯାଉଛୁ।

ପ୍ରକୃତି ଯଦି ଧ୍ୱଂସ ହେବ ମଣିଷ ସମାଜର ପତନ ସୁନିଶ୍ଚିତ। ଏଣୁ ଆସନ୍ତୁ! ପ୍ରକୃତିର ସଂରକ୍ଷଣ ପାଇଁ ସମସ୍ତେ ଚେଷ୍ଟା କରିବା ଏବଂ ନୂତନ ସମ୍ଭାବନା ନେଇ ଆଗଭର ହେବା। ଆଗାମୀ ସମୟରେ କେବଳ ସଚେତନତା ନୁହେଁ, କାର୍ଯ୍ୟରେ ପରିଣତ କରି ଦେଖାଇଲେ ନୂତନ ବର୍ଷ ଆନନ୍ଦମୟ ହେବ। ସୁନେଲି ଭବିଷ୍ୟତ ପାଇଁ ସବୁଜ ପରିବେଶର ସୁରକ୍ଷା ଜରୁରୀ। ଏ କଥାକୁ ନୂଆ ବର୍ଷରେ ସଂକଳ୍ପ ରୂପେ ଗ୍ରହଣ କରିବାକୁ ହେବ।

ଗଡ଼ରାମାଲ(କଳାହାଣ୍ଡି)ମୋ: ୯୭୭୭୪୬୮୮୪୧

# ଉତ୍ତରମେରୁରୁ ନିର୍ଗମନ ବଢୁଛି

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଉତ୍ତରମେରୁରୁ ତୁନ୍ଦ୍ରାଞ୍ଚଳ ପୃଥିବୀର ଉତ୍ତର-ସୀମାନ୍ତରେ ଅବସ୍ଥିତ ଏକ ଅତ୍ୟନ୍ତ ଶୀତଳ ସ୍ଥାନ। ଏଠାରେ ଶୀତକାଳ ଖୁବ୍ କଠୋର ଓ ଦୀର୍ଘ। ତାପମାତ୍ରା -୨୮ ଡିଗ୍ରୀ ସେଲ୍‌ସିୟସରୁ ୩ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ। ଗ୍ରୀଷ୍ମକାଳ ଅତିସଂକ୍ଷିପ୍ତ। ଏଣୁ ଏହାର ଭୂଭାଗ ସଦାସର୍ବଦା ଘନୀଭୂତ ବା ବରଫାବୃତ୍ତ ହୋଇ ରହିଥାଏ। ସେଥିରେ ଅଧିକ ଚେରବିଶିଷ୍ଟ ବଡ଼ ବଡ଼ ଗଛ ବଢ଼ିପାରେନା। ସେଠାର ପରିବେଶର ଉଦ୍ଭିଦ ଜଗତ କହିଲେ ଶୈବାଳ, ନାନାଜାତିର ଘାସ, ଛତ୍ରାକ ବା ଲିଚେନ, ଗୁଳ୍ମ ଏବଂ ପ୍ରାଣିଜଗତ କହିଲେ କୋକିଶିଆଳୀ, ମେରୁ ଭାଲୁ, ଏକପ୍ରକାର ହରିଣ ଓ ପରିବ୍ରାଜୀ ପକ୍ଷୀଗଣକୁ ବୁଝାଏ। ପରିବେଶ ଓ ପରିସଂସ୍ଥାର ସୁରକ୍ଷା ପାଇଁ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ହେଲା ଯେ ହଜାର ହଜାର ବର୍ଷ ଧରି ଏହି 'ପରମାଫ୍ରୋଷ୍ଟ' ଗଚ୍ଛିତ କରି ରଖିଛି ବହୁମାତ୍ରାରେ ଅଙ୍ଗାର। କୌଣସି ଭୂଭାଗ ଯଦି ୨ ବର୍ଷରୁ ଅଧିକକାଳ ନିରବଚ୍ଛିନ୍ନ ଭାବେ ଏପରି କରେ ତାକୁ ଏହି ନାମରେ ନାମିତ କରାଯାଏ। ସମ୍ଭବତଃ ଆମ ଭାଷାରେ ଏହାର ଅର୍ଥ ହେବ 'ସ୍ଥାୟୀ ତୁଷାର'।

ସାଧାରଣଭାବେ ଗଛଲତାମାନେ ବାୟୁରୁ ଅଙ୍ଗାରକାମ୍ଳ ଶୋଷଣ କରନ୍ତି। ତାହାକୁ ବ୍ୟବହାର କରନ୍ତି 'ଆଲୋକ ସଂଶ୍ଲେଷଣ' ପ୍ରକ୍ରିୟାରେ। ଫଳରେ ତାହା ବଢ଼େ ଏବଂ ଫୁଲ ଫଳ ଧାରଣ କରେ, ଯାହାକୁ ଖାଦ୍ୟ ରୂପେ ଗ୍ରହଣ କରି ଜୀବମାନେ ବଞ୍ଚନ୍ତି। ଅନ୍ୟପକ୍ଷରେ ଗଛଲତା ଓ ଜୀବମାନେ ମଲା ପରେ ମାଟିରେ ମିଶନ୍ତି। ସେମାନଙ୍କ ଶରୀରରେ ଥିବା ଜୈବିକ ପଦାର୍ଥଗୁଡ଼ିକୁ ବିଶ୍ଳେଷିତ କରନ୍ତି ଜୀବାଣୁ, କବକ ଆଦି ସୂକ୍ଷ୍ମ ଜୀବମାନେ। ଫଳରେ ତହିଁରୁ ଅଙ୍ଗାରକାମ୍ଳ ସୃଷ୍ଟି ହୋଇ ବାୟୁକୁ ଫେରିଆସେ। ଏହାକୁ କହନ୍ତି 'ଅଙ୍ଗାରଚକ୍ର'।

ଉତ୍ତରମେରୁର ତୁନ୍ଦ୍ରାଞ୍ଚଳରେ ଥିବା ଉଦ୍ଭିଦମାନେ ବାୟୁରୁ ଅଙ୍ଗାରକାମ୍ଳ ଶୋଷଣ କରନ୍ତି। କେତେକ ଜୀବ ଓ ସୂକ୍ଷ୍ମଜୀବ ଏହାକୁ ମଧ୍ୟ ଖାଦ୍ୟ ରୂପେ ଗ୍ରହଣ କରନ୍ତି। କିନ୍ତୁ ସେଗୁଡ଼ିକ ଏହାର ବରଫସ୍ତର ମଧ୍ୟରେ ରହିଯାଆନ୍ତି ହଜାର ହଜାର ବର୍ଷ ଧରି। ସେମାନଙ୍କ ମୃତ ଶରୀରର ଜୈବ ପଦାର୍ଥଗୁଡ଼ିକ ବିଘଟିତ ହୁଅନ୍ତି ନାହିଁ। ଏଣୁ ତହିଁରୁ ଅଙ୍ଗାରକାମ୍ଳ ନିର୍ଗତ ହୋଇପାରେନା। ଅତଏବ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ରୂପେ ନ ଫେରି ଅଙ୍ଗାର ରୂପେ ସେହିଠାରେ ଗଚ୍ଛିତ ରହିଯାଏ ଏବଂ ସବୁଜ ଗୃହ ପ୍ରଭାବ ନିୟନ୍ତ୍ରଣରେ ବଳିଷ୍ଠ ଭୂମିକା ଗ୍ରହଣ କରେ। ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ ଉତ୍ତରମେରୁର ମୃତ୍ତିକାରେ ଏପରିଭାବେ ଏବେ ରହିଛି ପ୍ରାୟ ୧.୬ ଟ୍ରିଲିୟନ (ନିୟୁତ ନିୟୁତ) ମେଟ୍ରିକ୍ ଟନ୍ ଅଙ୍ଗାର, ଯାହାକି ବାୟୁମଣ୍ଡଳରେ ଥିବା ଅଙ୍ଗାରର ପ୍ରାୟ ଦୁଇଗୁଣା। 'ଦ ନ୍ୟାସନାଲ ଓସେନିକ୍ ଆଣ୍ଡ ଆଟ୍‌ମୋସ୍‌ଫେରିକ୍ ଆଡ୍‌ମିନିଷ୍ଟ୍ରେସନ୍' ଦ୍ୱାରା ନିକଟରେ (୮ ଡିସେମ୍ବର ୨୦୨୪) ପ୍ରକାଶିତ 'ଆର୍‌କଟିକ୍ ରିପୋର୍ଟ କାର୍ଡ' ଅନୁସାରେ ଏହି ଅଞ୍ଚଳ ଏବେ ଶୋଷଣ କରୁଥିବା ପରିମାଣଠାରୁ ଅଧିକ ମାତ୍ରାରେ ଜାଗତିକ ଉଷ୍ମତା ବୃଦ୍ଧିକାରୀ ଅଙ୍ଗାରକାମ୍ଳ ଓ ମିଥେନ ଭଳି ସବୁଜଗୃହ ବାଷ୍ପ ନିର୍ଗମନ କରିବାକୁ ଲାଗିଲାଣି।

ଏହାର ରହିଛି ଦୁଇଟି ମୁଖ୍ୟ କାରଣ। ପ୍ରଥମତଃ, ଉତ୍ତରମେରୁ ଏବେ ଜାଗତିକ ହାରଠାରୁ ୪ଗୁଣ ଅଧିକ ଭାବେ ଉତ୍ତପ୍ତ ହେଉଛି। ୨୦୨୪ ମସିହାରେ ଏହାର ପୃଷ୍ଠଦେଶର ବାୟୁର ତାପମାତ୍ରା ୧୯୦୦ ମସିହାଠାରୁ ଦ୍ୱିତୀୟ ସର୍ବୋଚ୍ଚ ଥିଲା। ଫଳରେ ଏହାର ମୃତ୍ତିକାରେ ଥିବା ସୂକ୍ଷ୍ମଜୀବଗୁଡ଼ିକ ସକ୍ରିୟ ହୋଇ ଉଠୁଛନ୍ତି ଏବଂ ଜୈବପଦାର୍ଥର ବିଘଟନ ଘଟାଉଛନ୍ତି। ଅତଏବ ତହିଁରୁ ଅଙ୍ଗାରକାମ୍ଳ ଓ ମିଥେନ ନିର୍ଗତ ହୋଇ ବାୟୁରେ ମିଶୁଛି। ଦ୍ୱିତୀୟତଃ, ବିଗତ କିଛିବର୍ଷ ମଧ୍ୟରେ ଅଧିକ ପୌନଃପୁନିକଭାବେ ସୃଷ୍ଟି ହେଉଥିବା ଅଧିକ ତୀବ୍ରତା ବିଶିଷ୍ଟ ବାଡ଼ବାଗ୍ନି। ଏଥିରୁ ନିର୍ଗତ ଧୂଆଁ ଅଧିକ ସବୁଜଗୃହ ବାଷ୍ପ ନିର୍ଗମନ କରାଇବା ସହିତ ଉତ୍ତରମେରୁ ପ୍ରାକୃତିକଗୁଣରେ ମଧ୍ୟ ପରିବର୍ତ୍ତନ ଆଣୁଛି।

ଏପରିସ୍ଥିତିର ମୁକାବିଲା କରିବାର ଏକମାତ୍ର ପନ୍ଥା ହେଲା ଜାଗତିକସ୍ତରରେ ସବୁଜଗୃହ ବାଷ୍ପର ନିର୍ଗମନ ଯଥାଶୀଘ୍ର ଶୂନସ୍ତରରେ ପହଞ୍ଚାଇବା। ଅପରପକ୍ଷରେ ୨୦୨୩ ମସିହାରେ ଜାଗତିକ ଅଙ୍ଗାରକାମ୍ଳ ନିର୍ଗମନ ୪୦.୬ ବିଲିୟନ ଟନ୍ ଥିଲାବେଳେ ୨୦୨୪ ମସିହାରେ ତାହା ୪୧.୬ ବିଲିୟନ ଟନ୍‌କୁ ବୃଦ୍ଧି ପାଇଛି। ଅତଏବ ଏ ଲକ୍ଷ୍ୟସାଧନ ଏକ ଦୂରନ୍ତ ସ୍ୱପ୍ନ ହୋଇରହିଛି। ଏପରିସ୍ଥଳେ ତୁନ୍ଦ୍ରାଞ୍ଚଳରୁ ନିର୍ଗତ ଅଧିକମାତ୍ରାରେ ସବୁଜଗୃହ ବାଷ୍ପର ନିର୍ଗମନ ନିୟନ୍ତ୍ରଣ ନିକଟ ଭବିଷ୍ୟତରେ ସମ୍ଭବ ହେଲା ଭଳି ମନେହୁଏ ନାହିଁ।

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୂର୍ଣ୍ଣ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବରଫ ଗଦା ପାଲଟିଗଲାଣି ହିମାଚଳ-କଶ୍ମୀର: ୩୪୦ ରାସ୍ତା ବନ୍ଦ

**ଫସିଛନ୍ତି ୫ହଜାରରୁ ଅଧିକ ପର୍ଯ୍ୟଟକ**

**ବିଯୁକ୍ତ ୨୨ ଡିଗ୍ରୀରେ ପହଞ୍ଚିଲା ତାପମାତ୍ରା**

**ଉଦ୍ଧମପୁରରେ ବସ୍ ଦୁର୍ଘଟଣାଗ୍ରସ୍ତ**

ନୂଆଦିଲ୍ଲୀ, ୩୦।୧୨ (ଏଜେନ୍ସି): ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ପ୍ରବଳ ତୁଷାରପାତ ଜାରି ରହିଛି। ଏଥିଯୋଗୁଁ ଜମ୍ମୁ ଏବଂ ହିମାଚଳ ବରଫ ଗଦା ଭଳି ଦୃଶ୍ୟମାନ ହେଉଛି। ରାସ୍ତାଘାଟରୁ ଆରମ୍ଭ କରି ସବୁକିଛି ଧଳା ଚାଦରରେ ଘୋଡ଼େଇ ହୋଇଯାଇଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ୩୪୦ ରାସ୍ତାକୁ ବନ୍ଦ କରିଦିଆଯାଇଛି। ହିମାଚଳର ଛିତକୁଲରେ ଅଢ଼େଇ ଫୁଟରୁ ଅଧିକ ବରଫ ପଡ଼ିଛି। ଏଥିପାଇଁ ୨ ହଜାରରୁ ଅଧିକ ପର୍ଯ୍ୟଟକ ଫସି ରହିଛନ୍ତି। ତୁଷାରପାତ ଦେଖିବା ପାଇଁ ଭିଡ଼ ଜମୁଥିବାରୁ ବିଭିନ୍ନ ଅଞ୍ଚଳରେ ମଧ୍ୟ ଟ୍ରାଫିକ ଜାମ୍ ହୋଇଛି। ଫୁଟେରୁ ଅଧିକ ବରଫ ଗଦା ହୋଇଥିବାରୁ ଅଟଳ ଟେନେଲକୁ ବନ୍ଦ କରିଦିଆଯାଇଛି। ସେହିପରି କଶ୍ମୀରରେ ତୁଷାରପାତ ଯୋଗୁଁ ଶ୍ରୀନଗର-ଲେହ ରାସ୍ତା ବନ୍ଦ ରହିଛି। କଶ୍ମୀର ୟୁନିଭର୍ସିଟିର ପରୀକ୍ଷା ରଦ୍ଦ କରିଦିଆଯାଇଛି। ପ୍ରାୟ ୧୮୦୦ ଗାଡ଼ି ଫସି ରହିଛି। ଗାନ୍ଦରବଲ, ସୋନମାର୍ଗ, ପହଲଗାମ, ଗୁଣ୍ଡ, ବାରାମୂଲା ସମେତ ଅନେକ ସ୍ଥାନର ତାପମାତ୍ରା ବିଯୁକ୍ତ ୧୦ରୁ ୨୨ ଡିଗ୍ରୀ ମଧ୍ୟରେ ପହଞ୍ଚି ଯାଇଛି। ଏହି ସବୁ ଅଞ୍ଚଳରେ ଫୁଟେ ପର୍ଯ୍ୟନ୍ତ ବରଫ ଗଦା ହୋଇଛି। ୩ ହଜାରରୁ ଅଧିକ ପର୍ଯ୍ୟଟକ ଫସି ରହିଛନ୍ତି। ସ୍ଥାନୀୟ ଲୋକେ ପର୍ଯ୍ୟଟକଙ୍କୁ ସହାୟତା କରୁଛନ୍ତି। ତୁଷାରପାତ ଯୋଗୁଁ ଉଦ୍ଧମପୁରରେ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ଏହାର ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି।

ଅନ୍ୟପଟେ ଉତ୍ତରାଖଣ୍ଡ ଚମୋଲି ଜିଲ୍ଲାରେ ଆଗାମୀ ୨୪ ଘଣ୍ଟାରେ ପ୍ରବଳ ତୁଷାରପାତ ହେବାର ସମ୍ଭାବନା ରହିଛି। ଏହାକୁ ନେଇ ପାଣିପାଗ ବିଭାଗ ଅରେଞ୍ଜ ଆଲର୍ଟ ଜାରି କରିଛି। ତୁଷାରପାତ ଯୋଗୁଁ ବଦ୍ରିନାଥ ଜାତୀୟ ରାଜପଥକୁ ବନ୍ଦ କରିଦିଆଯାଇଛି। ପାଣ୍ଡୁକେଶ୍ୱର-ବଦ୍ରିନାଥ ମଧ୍ୟରେ ତୁଷାରପାତ ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି। ବଦ୍ରିନାଥର ତାପମାତ୍ରା ବିଯୁକ୍ତ ୭ ଡିଗ୍ରୀ ରହିଛି। ଅନ୍ୟପକ୍ଷରେ ପଞ୍ଜାବ, ହରିୟାଣା, ରାଜସ୍ଥାନ, ଉତ୍ତର ପ୍ରଦେଶ, ଆସାମ, ମେଘାଳୟଆଦି ରାଜ୍ୟକୁ ଘନ କୁହୁଡି ନେଇ ପାଣିପାଗ ବିଭାଗ ଚେତାବନୀ ଜାରି କରିଛି। ତାମିଲନାଡୁ ଏବଂ ପୁଡୁଚେରୀରେ ବର୍ଷା ହେବାର ସମ୍ଭାବନା ରହିଛି।



# ଜିମି କାର୍ଟରଙ୍କ ପରଲୋକ

**କାର୍ଟରଙ୍କ ନାମରେ ଭାରତୀୟ ଗାଁ**



ୱାଶିଂଟନ, ୩୦।୧୨ (ଏଜେନ୍ସି): ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟରଙ୍କ ପରଲୋକ ହୋଇଛି। ସେ ଜର୍ଜିଆ ସ୍ଥିତ ଘରେ ରବିବାର ବିଳମ୍ବିତ ରାତିରେ ଶହେ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୧୯୨୪ ଅକ୍ଟୋବର ୧ରେ ଜନ୍ମିତ କାର୍ଟର ଆମେରିକାର ୩୯ତମ ରାଷ୍ଟ୍ରପତି ଭାବେ ୧୯୭୭ରୁ ୧୯୮୧ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ସେ ଆମେରିକା ଇତିହାସର ସର୍ବାଧିକ ବର୍ଷ ଜୀବିତ ରହିଥିବା ରାଷ୍ଟ୍ରପତି ହୋଇଛନ୍ତି। କାର୍ଟର କିଛି ମାସ ହେଲା ମେଲାନୋମା (ଚର୍ମ କର୍କଟ ଭଳି) ରୋଗରେ ପୀଡ଼ିତ ଥିଲେ। ଏହା ତାଙ୍କ ଯକୃତ ଏବଂ ମସ୍ତିଷ୍କକୁ ବ୍ୟାପି ଯାଇଥିଲା। ୨୦୨୩ରେ ତାଙ୍କୁ ହସ୍ପିସ କେୟାରରେ ରଖା ଯାଇଥିଲା। ଏଠାରେ ହସ୍ପିଟାଲରେ ଚିକିତ୍ସା କରାଇବାକୁ ମନା କରିଦିଆଯାଇଥାଏ। କିଛି ନର୍ସିଂ କର୍ମଚାରୀ ଏବଂ ପରିବାର ଲୋକ ଘରେ ତାଙ୍କର ଯତ୍ନ ନେଉଥିଲେ। ସେ ରାଷ୍ଟ୍ରପତି ପଦରୁ ଅବସର ନେବା ପରେ ନିଜ ସଂସ୍ଥା 'କାର୍ଟର ସେଣ୍ଟର' ମାଧ୍ୟମରେ ମାନବିକତା ପାଇଁ କାମ କରିଥିଲେ। ଏଥିପାଇଁ ୨୦୦୨ରେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦିଆଯାଇଥିଲା।

ଆମେରିକାର ଏହି ପୂର୍ବତନ ରାଷ୍ଟ୍ରପତିଙ୍କ ନାମରେ ହରିୟାଣାରେ ଏକ ଗାଁ ରହିଛି। ଏହାର ନାମ 'କାର୍ଟରପୁରୀ'। ଏମର୍ଜେନ୍ସି ପରେ ସେ ଆମେରିକାର ପ୍ରଥମ ରାଷ୍ଟ୍ରପତି ଭାବେ ଭାରତ ଆସିଥିଲେ। ୧୯୭୮ ଜାନୁଆରୀ ୨ରେ ଭାରତୀୟ ସଂସଦକୁ ସମ୍ବୋଧନ କରି ଏକଛତ୍ରବାଦକୁ ଗଣତନ୍ତ୍ର ଶେଷ କରିଦେଲା ବୋଲି କହିଥିଲେ। ଏହା ପରେ କାର୍ଟରଙ୍କ ସମ୍ମାନାର୍ଥେ ତାଙ୍କ ନାମରେ ଏହି ଗାଁର ନାମକରଣ କରାଯାଇଥିଲା। ଦିଲ୍ଲୀ ନିକଟରେ ଥିବା ଏହି ଗାଁକୁ ସେତେବେଳେ କାର୍ଟର ନିଜ ପତ୍ନୀଙ୍କ ସହ ବୁଲିବାକୁ ଯାଇଥିଲେ। ଏହା ପରେ ଗ୍ରାମବାସୀ ଗାଁର ନାମ ବଦଳାଇ ଦେଇଥିଲେ। ଗ୍ରାମବାସୀ ଏବଂ କାର୍ଟରଙ୍କ ମଧ୍ୟରେ ଏହି ସମ୍ପର୍କ ବଜାୟ ରହିଥିଲା। ସେ ନୋବେଲ ଶାନ୍ତି ପୁରସ୍କାର ପାଇବା ଦିନକୁ ଗ୍ରାମବାସୀ ଛୁଟିଦିନ ଭାବେ ଘୋଷଣା କରିଥିଲେ।

# ନଦୀକୁ ଖସିଲା ଟ୍ରକ୍; ୭୧ ମୃତ

ଆଦିଶ ଅବାବା, ୩୦।୧୨ (ଏଜେନ୍ସି): ଆଫ୍ରିକୀୟ ଦେଶ ଇଥିଓପିଆର ସୀମାନ୍ତ ଅଞ୍ଚଳରେ ରବିବାର ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ବରଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଟ୍ରକ୍ ନଦୀକୁ ଖସି ପଡ଼ିବାରୁ ୭୧ ଜଣଙ୍କ ମୃତ୍ୟୁ ହୋଇଛି। ଟ୍ରକ୍ ବହୁତ ପୁରୁଣା ଏବଂ ଦଦରା ଥିଲା। ଏହା ପୋଲ ପାର୍ ହେବା ସମୟରେ ନିୟନ୍ତ୍ରଣ ହରାଇ ନଦୀକୁ ଖସି ପଡ଼ିଥିଲା। ତେବେ ଦୁର୍ଘଟଣା ପରେ ଉଦ୍ଧାରକାର୍ଯ୍ୟରେ ବିଳମ୍ବିତ ହୋଇଥିଲା। ଏହା ସ୍ଥିତିକୁ ଭୟାବହ କରିଦେଇଥିଲା। ଆହତଙ୍କୁ ତୁରନ୍ତ ଚିକିତ୍ସା ମିଳି ନ ଥିଲା। ଏଥିଯୋଗୁଁ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଏହି କ୍ଷେତ୍ରରେ ପୂର୍ବରୁ ମଧ୍ୟ ଅନେକ ଦୁର୍ଘଟଣା ଘଟିଥିଲା ବୋଲି ସ୍ଥାନୀୟ ଅଧିବାସୀ କହିଛନ୍ତି। କାରଣ ପୋଲ ଆଖପାଖର ରାସ୍ତା ଅତ୍ୟନ୍ତ ଖରାପ ରହିଛି। ବାରମ୍ବାର ଦାବି ସତ୍ତ୍ୱେ ଏହାର ମରାମତି ହେଉନାହିଁ। ଏହି ଦୁର୍ଘଟଣା ଦେଶର ଦୁର୍ବଳ ସଡ଼କ ସୁରକ୍ଷା ବ୍ୟବସ୍ଥା

**ମହାରାଷ୍ଟ୍ର ମନ୍ତ୍ରୀ ନୀତେଶ ରାଣେଙ୍କ ବିବାଦୀୟ ମନ୍ତବ୍ୟ**

# କେରଳ ମିନି ପାକିସ୍ତାନ

ପୁନେ, ୩୦।୧୨ (ଏଜେନ୍ସି): ମହାରାଷ୍ଟ୍ର ସରକାରର ମନ୍ତ୍ରୀ ନିତେଶ ରାଣେ ପୁଣି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସେ ପୁନେରେ ଏକ ରାଲିକୁ ସମ୍ବୋଧନ କରି କେରଳକୁ ମିନି ପାକିସ୍ତାନ କହିଛନ୍ତି। ସବୁ ଆତଙ୍କବାଦୀ ଭୋଟ ଦେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଭଦ୍ରାଙ୍କୁ ଜିତାଇଛନ୍ତି। ଏହା ସମ୍ପୂର୍ଣ୍ଣ ସତ୍ୟ। ଏ ନେଇ ଆପଣ ପଚାରିପାରିବେ। ସେ ଆତଙ୍କାବାଦୀଙ୍କ ସହଯୋଗ ନେଇ ସାଂସଦ ହୋଇଛନ୍ତି। ଉଭୟଙ୍କୁ କେଉଁମାନେ ଏବଂ କେଉଁ ସଂଗଠନ ସମର୍ଥନ କରୁଛି? କଂଗ୍ରେସ ଏ ବିଷୟରେ ସୂଚନା ଦେଇପାରିବ କି ବୋଲି

**ରାହୁଲ-ପ୍ରିୟଙ୍କାଙ୍କୁ ଜିତାଇଛନ୍ତି ଆତଙ୍କବାଦୀ**

**ରାଣାଙ୍କୁ ହଟାଇବାକୁ ଦାବି କଲା କଂଗ୍ରେସ**



ରାଣା ପଚାରିଛନ୍ତି। ନିର୍ବାଚନରେ ରାହୁଲ ଏବଂ ପ୍ରିୟଙ୍କା କୌଣସି ଆତଙ୍କବାଦୀ ସଂଗଠନର ସହାୟତା ନେଇ ନ ଥିଲେ ବୋଲି କହିପାରିବେ କି? କିନ୍ତୁ ଆମେ ଏହାର ପ୍ରମାଣ ଦେବୁ। ରାଣାଙ୍କ ମନ୍ତବ୍ୟକୁ ବିରୋଧୀ ଦଳଗୁଡିକ ତୀବ୍ର ସମାଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ରାଣାଙ୍କୁ ମନ୍ତ୍ରିମଣ୍ଡଳରୁ ବାହାର କରନ୍ତୁ ବୋଲି କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ଅତୁଲ ଲୋନ୍ଧେ ପାଟିଲ ଦାବି କରିଛନ୍ତି।

ଅତୁଲ କହିଛନ୍ତି ଯେ ନୀତେଶଙ୍କଠାରୁ ଆଉ କିଛି ବି ଆଶା କରାଯାଇପାରେନା। ସେ ଭାରତର ଏକ ରାଜ୍ୟକୁ ପାକିସ୍ତାନ କହୁଛନ୍ତି। ସମ୍ବିଧାନର ଶପଥ ନେଇଥିବା ବ୍ୟକ୍ତି ଭୋଟରଙ୍କୁ ଆତଙ୍କବାଦୀ କହୁଛି। ମନ୍ତ୍ରୀ ପଦରେ ରହିବାର ତାଙ୍କର କୌଣସି ଅଧିକାର ନାହିଁ। ସେ ଦିନରାତି ଖାଲି ଘୃଣାପୂର୍ଣ୍ଣ ମନ୍ତବ୍ୟ ଦେଉଛନ୍ତି। ଏପରି କରିବା ପାଇଁ ତାଙ୍କୁ ଚୟନ କରାଯାଇଛି। ସେହିପରି ମହାରାଷ୍ଟ୍ର ବିରୋଧୀ ଦଳ ନେତା କହିଛନ୍ତି ଯେ ଯଦି କେରଳ ପାକିସ୍ତାନ ହୋଇଗଲାଣି ତେବେ କେନ୍ଦ୍ର ସରକାର କ'ଣ କରୁଛନ୍ତି।

**ଦକ୍ଷିଣ କୋରିଆ ବିମାନ ଦୁର୍ଘଟଣା**

# ସବୁ ବୋଇଂ ବିମାନର ଯାଞ୍ଚ ନିର୍ଦ୍ଦେଶ ଦେଲେ ରାଷ୍ଟ୍ରପତି

ସିଓଲ,୩୦।୧୨(ଏଜେନ୍ସି): ଦକ୍ଷିଣ କୋରିଆର ମୁଆନ ଆନ୍ତର୍ଜାତିକ ବିମାନ ବନ୍ଦରରେ ଗତକାଲି ଭୟାନକ ବିମାନ ଦୁର୍ଘଟଣାରେ ୧୭୯ ଯାତ୍ରୀଙ୍କ ମୃତ୍ୟୁ ହେବା ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଛି। ଏହି ଘଟଣାକୁ ନେଇ ଏଠାକାର ସରକାର ୭ ଦିନିଆ ଶୋକପାଳନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଦକ୍ଷିଣ କୋରିଆରେ ଉଡାଣ କରୁଥିବା ସବୁ ବୋଇଂ ୭୩୭-୮୦୦ ବିମାନର ଯାଞ୍ଚ ପାଇଁ କାମଚଳା ରାଷ୍ଟ୍ରପତି ଚୋଇ ସାଙ୍ଗ-ମକ୍ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏଠାକାର ବିଭିନ୍ନ ଏୟାରଲାଇନ୍ସ କମ୍ପାନୀରେ ଯେତେ ସବୁ ଏହି ଶ୍ରେଣୀର ବୋଇଂ ବିମାନ ଚଳପ୍ରଚଳ କରୁଛି ସେଗୁଡିକର ସୁରକ୍ଷାଜନିତ ଯାଞ୍ଚ କରାଯିବା ସହିତ ବେସାମରିକ ବିମାନ ଚଳାଚଳ କ୍ଷେତ୍ରର ତୁରନ୍ତ ସମୀକ୍ଷା କରିବାକୁ କୁହାଯାଇଛି। ପୂର୍ବରୁ ବୋଇଂ କମ୍ପାନୀର ୭୩୭ ମାକ୍ସ ସିରିଜ୍ ବିମାନ ବହୁ ଦୁର୍ଘଟଣାର ଶିକାର ହେବା ପରେ ଏହି ଶ୍ରେଣୀର ବିମାନ ଚଳାଚଳକୁ ନେଇ ବିଭିନ୍ନ ଦେଶରେ ପ୍ରଶ୍ନ ଉଠିଥିଲା। କିନ୍ତୁ ବୋଇଂ ୭୩୭-୮୦୦ ସିରିଜ୍ ବିମାନରେ ସେଭଳି କିଛି ସମସ୍ୟା ଦେଖାଯାଇ ନାହିଁ। ଏହାସତ୍ତ୍ୱେ କାହିଁକି ଏଭଳି ଦୁର୍ଘଟଣା ଘଟିଲା ତାହାକୁ ନେଇ ଯାଞ୍ଚ ବେଳେ ସମୀକ୍ଷା କରାଯିବ। ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ ଅନୁସାରେ ଏବେ ଦକ୍ଷିଣ କୋରିଆରେ ଚଳାଚଳ କରୁଥିବା ଏହି ଶ୍ରେଣୀର ପ୍ରାୟ ୧୦୧ ବିମାନର ଯାଞ୍ଚ କରାଯିବ ବୋଲି ପରିବହନ ମନ୍ତ୍ରୀ କହିଛନ୍ତି। ଯେଉଁ ବୋଇଂ ୭୩୭-୮୦୦ ବିମାନ ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା ତାହା ଏଠାକାର ଜେଜୁ ଏୟାର ଲାଇନ୍ସ କମ୍ପାନୀର ଥିଲା। ଏହି କମ୍ପାନୀ ଦ୍ୱାରା ଦକ୍ଷିଣ କୋରିଆରେ ମୋଟ ୩୯ଟି ଏହି ଶ୍ରେଣୀର ବିମାନ ଚଳାଚଳ କରୁଥିଲା ବେଳେ ଏହି ବିମାନଟି କାହିଁକି ଦୁର୍ଘଟଣାର ଶିକାର ହେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ପକ୍ଷୀମାଡ଼ ଏକମାତ୍ର କାରଣ ହୋଇ ନ ପାରେ**

## ବିଶେଷଜ୍ଞମାନଙ୍କୁ ଘାରିଛି ଦୁର୍ଘଟଣାର କାରଣ

ଗତକାଲି ଦକ୍ଷିଣ କୋରିଆରେ ବିମାନ ଦୁର୍ଘଟଣାରେ ୧୭୯ ଜଣଙ୍କ ମୃତ୍ୟୁ ହେବା ଘଟଣା ବେସାମରିକ ବିମାନ ଚଳାଚଳ ଇତିହାସରେ ଅନ୍ୟତମ ଦୁଃଖଦ ଘଟଣା ଭାବେ ବିଶ୍ୱବାସୀଙ୍କୁ ବ୍ୟଥିତ କରିଛି। ବିମାନର ସବୁ କିଛି ଠିକଠାକ୍ ରହି କାହିଁକି ଏଭଳି ଦୁର୍ଘଟଣା ଘଟିଲା ବୋଲି ଏବେ ବିଶେଷଜ୍ଞ ମହଲରେ ପ୍ରଶ୍ନ ଉଠିଛି। ଦକ୍ଷିଣ କୋରିଆ ସରକାରଙ୍କ ପକ୍ଷରୁ ଦୁର୍ଘଟଣାଗ୍ରସ୍ତ ବିମାନର ଫ୍ଲାଇଟ୍ ଡାଟା ଏବଂ କକ୍‌ପିଟ୍ ଭଏସ୍ ରେକର୍ଡର ସୁରକ୍ଷିତ ଉଦ୍ଧାର କରାଯାଇ ଏହାର ଯାଞ୍ଚ କରାଯାଉଥିଲା ବେଳେ ଆନ୍ତର୍ଜାତିକ ସ୍ତରରେ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନ୍ୟ ବିଶେଷଜ୍ଞମାନଙ୍କ ଦ୍ୱାରା ମଧ୍ୟ ଘଟଣାର ତର୍ଜମା କରାଯାଉଛି। ବିମାନରେ ପକ୍ଷୀମାଡ଼ ହେବା ଏହି ମର୍ମନ୍ତୁଦ ଦୁର୍ଘଟଣାର ମୁଖ୍ୟ କାରଣ ବୋଲି ପ୍ରାଥମିକ ସ୍ତରରେ କୁହାଯାଇଥିଲେ ହେଁ ଏହା ଏକମାତ୍ର କାରଣ ନୁହେଁ ବୋଲି ବହୁ ବିଶେଷଜ୍ଞ ମତ ଦେଇଛନ୍ତି। ବିମାନରେ ପକ୍ଷୀ ମାଡ଼ ହେବା କିଛି ଅସ୍ୱାଭାବିକ ଘଟଣା ନୁହେଁ। କିନ୍ତୁ ପକ୍ଷୀ ମାଡ଼ ହେବା ଦ୍ୱାରା ଇଞ୍ଜିନ ଅଚଳ ହୋଇଯିବା ଏବଂ ଲ୍ୟାଣ୍ଡିଂ ଗିଅର କାର୍ଯ୍ୟ ନ କରିବା ଘଟଣାକୁ ଅନେକ ବିଶେଷଜ୍ଞ ବିଶ୍ୱାସ କରିପାରୁନାହାନ୍ତି। ଅପରପକ୍ଷେ ବୋଇଂ ୭୩୭-୮୦୦ ବିମାନର ଅନ୍ୟ କୌଣସି ଦିଗରେ କିଛି ସମସ୍ୟା ନ ଥିବାରୁ ବିମାନଟି କାହିଁକି 'ବେଲି ଲ୍ୟାଣ୍ଡିଂ' କଲା ବୋଲି ମଧ୍ୟ ଅନ୍ୟ କିଛି ବିଶେଷଜ୍ଞ ପ୍ରଶ୍ନ ଉଠାଇଛନ୍ତି। ଏହି ଶ୍ରେଣୀର ବିମାନର ଗଠନ ଅତ୍ୟାଧୁନିକ ଶୈଳୀରେ ହୋଇଥିବାରୁ ବିମାନରେ ପକ୍ଷୀ ମାଡ଼ ହେବା ପରେ ମଧ୍ୟ ଇଞ୍ଜିନକୁ କ୍ଷତି ନ ପହଞ୍ଚାଇବା ଲାଗି ବ୍ୟବସ୍ଥା ରହିଛି। ଏହାସତ୍ତ୍ୱେ କାହିଁକି ଏଭଳି ଦୁର୍ଘଟଣା ହେଲା ବୋଲି ବହୁ ବିଶେଷଜ୍ଞ ପ୍ରଶ୍ନ ଉଠାଇଛନ୍ତି। ସେମାନେ ଦୁର୍ଘଟଣାର ଅନ୍ୟ କିଛି କାରଣ ଖୋଜିବାରେ ଲାଗିଛନ୍ତି। ଏହି ଦୁର୍ଘଟଣାକୁ ମିଶାଇ ଚଳିତ ବର୍ଷ ୮ଟି ବଡ଼ ବିମାନ ଦୁର୍ଘଟଣାରେ ୪୦୨ ଜଣଙ୍କ ମୃତ୍ୟୁ ହୋଇସାରିଛି। ୨୦୨୪ ଜାନୁଆରୀରେ ରୁଷିଆରେ ୭୪ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ଜୁଲାଇରେ ନେପାଳରେ ୧୮ ,ଅଗଷ୍ଟରେ ବ୍ରାଜିଲରେ ୬୨, ମାର୍ଚ୍ଚରେ ରୁଷିଆରେ ୧୮, ଡିସେମ୍ବର ୨୫ରେ ଆଜରବୈଜାନରେ ୩୮ ଜଣଙ୍କ ମୃତ୍ୟୁ ହୋଇଥିଲା।

# ଚନ୍ଦ୍ରବାବୁ ସବଠୁ ଧନୀ, ମମତା ଗରିବ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ, ୩୦ ।୧୨: ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ହେଉଛନ୍ତି ସବୁଠାରୁ ଧନୀ ମୁଖ୍ୟମନ୍ତ୍ରୀ। ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହେଉଛନ୍ତି ସବୁଠାରୁ ଗରିବ ମୁଖ୍ୟମନ୍ତ୍ରୀ। ଚନ୍ଦ୍ରବାବୁ ୯୩୧ କୋଟି ୮୩ ଲକ୍ଷ ଟଙ୍କା ସଂପତ୍ତିର ମାଲିକ ଥିବା ବେଳେ ମମତାଙ୍କ ପାଖରେ ରହିଛି ମାତ୍ର ୧୫ ଲକ୍ଷ ଟଙ୍କାର ସଂପତ୍ତି।

ଭାରତର ୩୧ ଜଣ ମୁଖ୍ୟମନ୍ତ୍ରୀଙ୍କ ସଂପତ୍ତି ତାଲିକାକୁ ଆଧାର କରି ଆସୋସିଏସନ୍ ଫର ଡେମୋକ୍ରାଟିକ ରିଫର୍ମସ (ଏଡିଆର) ପକ୍ଷରୁ ଜାରି ରିପୋର୍ଟରେ ଉପରୋକ୍ତ ତଥ୍ୟ ଦିଆଯାଇଛି। ରିପୋର୍ଟ ଅନୁସାରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ସବୁଠାରୁ ଧନୀ ଥିବା ବେଳେ ତାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ। ତାଙ୍କ ସଂପତ୍ତିର ମୂଲ୍ୟ ହେଉଛି ୩୩୨ କୋଟି ଟଙ୍କା। ୫୧ କୋଟି ଟଙ୍କାର ସଂପତ୍ତି ସହ ତୃତୀୟ ସ୍ଥାନରେ ଅଛନ୍ତି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରମେୟା।

ରିପୋର୍ଟ ଅନୁସାରେ ମମତା ୧୫ ଲକ୍ଷ ୩୮ ହଜାର ଟଙ୍କାର ସଂପତ୍ତି ସହିତ ସବୁଠାରୁ ଗରିବ ମୁଖ୍ୟମନ୍ତ୍ରୀ ଥିବା ବେଳେ ତାଙ୍କ ଉପରେ ରହିଛନ୍ତି ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା। ତାଙ୍କ ସଂପତ୍ତିର ମୂଲ୍ୟ ହେଉଛି ୫୫ ଲକ୍ଷ ଟଙ୍କା। ଏକ କୋଟି ଟଙ୍କାର ସଂପତ୍ତି ସହିତ ତାଙ୍କ ଉପରକୁ ଅଛନ୍ତି କେରଳ ମୁଖ୍ୟମନ୍ତ୍ରୀ ପି. ବିଜୟନ୍। ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ହେଉଛନ୍ତି ୧ କୋଟି ୯୭ ଲକ୍ଷ ୮୨ ହଜାର ଟଙ୍କାର ମାଲିକ।

ଏଡିଆର୍ ପକ୍ଷରୁ କୁହାଯାଇଛି ଯେ ସମସ୍ତ ୩୧ ଜଣ ମୁଖ୍ୟମନ୍ତ୍ରୀଙ୍କ ମୋଟ୍ ସଂପତ୍ତି ମୂଲ୍ୟ ହେଉଛି ୧୬୩୦ କୋଟି ଟଙ୍କା। ଜାତୀୟ ସ୍ତରରେ ମୁଣ୍ଡପିଛା ଆୟ ୨୦୨୩-୨୪ ବର୍ଷରେ ଏକ ଲକ୍ଷ ୮୫ ହଜାର ୮୫୪ ଟଙ୍କା ଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ହାରାହାରି ଆୟ ୧୩ ଲକ୍ଷ ୬୪ ହଜାର ୩୧୦ ଟଙ୍କା ରହିଛି। ଯାହାକି ଜାତୀୟ ମୁଣ୍ଡପିଛା ଆୟଠାରୁ ୭.୩ ଗୁଣା ଅଧିକ।

ସେହିପରି ୩୧ ଜଣ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ୧୩ ଜଣ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଫୌଜଦାରୀ ମାମଲା ରହିଥିବା ନିର୍ବାଚନ ବେଳେ ଦାଖଲ ସତ୍ୟପାଠରୁ ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ନାମରେ ଗୁରୁତର ଆପରାଧିକ ମାମଲା ରହିଛି। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡୀଙ୍କ ନାମରେ ସର୍ବାଧିକ ୮୯ଟି ମାମଲା ଥିବା ବେଳେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ନାମରେ ୪୭ ଏବଂ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁଙ୍କ ବିରୋଧରେ ୩୨ଟି ଆପରାଧିକ ମାମଲା ରହିଛି। ତେବେ ଓଡ଼ିଶା, ରାଜସ୍ଥାନ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ନାମରେ କୌଣସି ଆପରାଧିକ ମାମଲା ନାହିଁ।

# ଇସ୍ରୋର ସ୍ପେଡେକ୍ସ ଅଭିଯାନ ସଫଳ



ଶ୍ରୀହରିକୋଟା, ୩୦।୧୨ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ବର୍ଷର ଶେଷ ଉତ୍କ୍ଷେପଣ କରିଛି। ସୋମବାର ରାତି ୧୦ଟାରେ ଶ୍ରୀହରିକୋଟାରୁ ସ୍ପେଡେକ୍ସ ତଥା ସ୍ପେସ୍ ଡକିଂ ଏକ୍ସପିରିମେଣ୍ଟ ମିଶନ ଉତ୍କ୍ଷେପଣ କରିଛି। ପିଏସ୍‌ଏଲ୍‌ଭି-ସି୬୦ ରକେଟ ଦୁଇଟି ଯାନକୁ ନେଇ ମହାକାଶକୁ ଯାଇଛି। ଏହାକୁ ୪୭୦ କିମି ଉପରେ ଥିବା କକ୍ଷରେ ଅବସ୍ଥାପିତ କରାଯାଇଛି। ଆସନ୍ତା ୭ ତାରିଖରେ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷଣ ହେବ। ବୁଲେଟର ବେଗରେ ଆସୁଥିବା ଦୁଇ ଯାନକୁ ମହାକାଶରେ କନେକ୍ଟ (ଯୋଡ଼ାଯିବ) କରାଯିବ। ଏହି ଅଭିଯାନ ସଫଳ ହେଲେ ଭାରତ ବିଶ୍ୱର ଚତୁର୍ଥ ରାଷ୍ଟ୍ର ପାଲଟିବ। ଏହି ଅଭିଯାନର ସଫଳତା ଉପରେ ଚନ୍ଦ୍ରଯାନ-୪ ନିର୍ଭର କରୁଛି। କାରଣ ଏହା ମାଧ୍ୟମରେ ଚନ୍ଦ୍ରପୃଷ୍ଠର ମାଟି ପୃଥିବୀକୁ ଅଣାଯିବ। ୨୦୨୮ରେ ଚନ୍ଦ୍ରଯାନ-୪ ଉତ୍କ୍ଷେପଣ ହେବାର କାର୍ଯ୍ୟକ୍ରମ ହୋଇପାରେ। ଏହା ବ୍ୟତୀତ ଏହି ଅଭିଯାନରେ ପାଳଙ୍ଗ ବ୍ୟତୀତ ଅନେକ ଚାରା ମହାକାଶକୁ ପଠାଯାଇଛି। ମହାକାଶରେ ଏହି ଚାରା ବଞ୍ଚି ପାରୁଛି କି ନାହିଁ ତାହାର ଅଧ୍ୟୟନ କରାଯିବ।

# ରାହୁଲ ଗାନ୍ଧୀଙ୍କ ଭିଏତନାମ ଗସ୍ତକୁ ନେଇ ବିଜେପି-କଂଗ୍ରେସ ମୁହାଁମୁହିଁ



ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଶେଷକୃତ୍ୟକୁ ନେଇ ଚାଲିଥିବା ବିବାଦ ଶେଷ ହେବା ପରେ ଏବେ ଆଉ ଏକ ବିବାଦ ମୁଣ୍ଡ ଟେକିଛି। ମନମୋହନଙ୍କ ନିଧନରେ ଏବେ ସାରା ଦେଶ ୭ ଦିନ ପାଇଁ ଶୋକପାଳନ କରୁଛି। କିନ୍ତୁ ଏହି ସମୟରେ କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ନୂଆ ବର୍ଷ ପାଳନ ପାଇଁ ଅଚାନକ ଭିଏତନାମ ଗସ୍ତ କରିବା ବିଷୟକୁ ନେଇ କଂଗ୍ରେସ ଏବଂ ବିଜେପି ମଧ୍ୟରେ ପୁଣି ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଶେହଜାଦା ପୁନାୱାଲା କଂଗ୍ରେସକୁ ନିଶାଣ କରି କହିଛନ୍ତି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପ୍ରତି କଂଗ୍ରେସର ତିଳେ ମାତ୍ର ସମ୍ମାନ ନାହିଁ। ପ୍ରଧାନମନ୍ତ୍ରୀ ଭାବେ ମନମୋହନଙ୍କ କାର୍ଯ୍ୟକାଳରେ କଂଗ୍ରେସ ତାଙ୍କୁ ବାରମ୍ବାର ଅପଦସ୍ତ କରିବା ସହିତ ବିଭିନ୍ନ ଘଟଣାରେ ଅସମ୍ମାନ କରିଆସିଛି। ଆଉ ଆଜି ତାଙ୍କ ଅବର୍ତ୍ତମାନରେ ମଧ୍ୟ ଦଳ ତାଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରିବାକୁ ପଛାଇ ନାହିଁ। ଯେଉଁ ସମୟରେ ସାରା ଦେଶ ମନମୋହନଙ୍କ ପାଇଁ ଶୋକପାଳନ କରୁଛି ସେଠାରେ ରାହୁଲ ଗାନ୍ଧୀ ନୂଆବର୍ଷ ମନାଇବା ପାଇଁ ଭିଏତନାମ ଗସ୍ତ କରିବା ଏହାର ଜ୍ୱଳନ୍ତ ଉଦାହରଣ ବୋଲି ସେ କହିଛନ୍ତି। କେବଳ ସେତିକି ନୁହେଁ , ଗତକାଲି ମନମୋହନଙ୍କ ଚିତାଭସ୍ମ ଯମୁନାରେ ବିସର୍ଜନ କରାଯାଇଥିଲା ବେଳେ ଏଠାକୁ ମଧ୍ୟ କୌଣସି କଂଗ୍ରେସ ନେତା ଆସି ନଥିଲେ। ଏପରିକି ମନମୋହନଙ୍କୁ ଭାରତ ରତ୍ନରେ ସମ୍ମାନିତ କରିବା ପାଇଁ ମଧ୍ୟ କଂଗ୍ରେସ କୁଣ୍ଠାବୋଧ କରୁଛି। ଏହାଦ୍ୱାରା ମନମୋହନଙ୍କ ପ୍ରତି କଂଗ୍ରେସର ଆଭିମୁଖ୍ୟ କିଭଳି ରହିଛି ତାହା ସ୍ପଷ୍ଟ ହୋଇଯାଇଛି ବୋଲି ପୁନାୱାଲା କହିଛନ୍ତି।

ସେହିପରି ବିଜେପି ଆଇଟି ସେଲ ମୁଖ୍ୟ ଅମିତ ମାଲବ୍ୟ ମଧ୍ୟ କଂଗ୍ରେସକୁ ସମାଲୋଚନା କରିବା ସହିତ ରାହୁଲ ମନମୋହନଙ୍କ ବିୟୋଗକୁ ନେଇ କେବଳ ରାଜନୀତି କରୁଛନ୍ତି ବୋଲି କହିଛନ୍ତି। ତେବେ ବିଜେପିର ଏଭଳି ଅଭିଯୋଗକୁ ନେଇ କଂଗ୍ରେସ ମଧ୍ୟ ଜବାବ ରଖିଛି। କଂଗ୍ରେସ ସାଂସଦ ମଣିକମ ଟାଗୋର କହିଛନ୍ତି, ସଂଘୀମାନେ କେବଳ ଉଡା ରାଜନୀତିରେ ଓସ୍ତାଦ ହୋଇଯାଇଛନ୍ତି। ସେମାନେ କେବେ ଏଭଳି 'ଟେକ ଡାଇଭର୍ସନ' ରାଜନୀତି ବନ୍ଦ କରିବେ ବୋଲି ସେ ପ୍ରଶ୍ନ କରିଥିଲା ବେଳେ ପ୍ରଧାନମନ୍ତ୍ରୀ ମୋଦୀ ଯେଉଁଭଳି ଡ ସାହେବଙ୍କ ଅନ୍ତିମ ସଂସ୍କାର ପାଇଁ ଯମୁନା କୂଳରେ ସ୍ଥାନ ଦେଲେ ନାହିଁ ଏବଂ ତାଙ୍କ ମନ୍ତ୍ରୀମାନେ ଯେଭଳି ଡ ସାହେବଙ୍କ ପରିବାରକୁ କୋଣଠେସା କଲେ, ତାହା ଅତ୍ୟନ୍ତ ଲଜ୍ଜାଜନକ ବୋଲି କହିଛନ୍ତି। ଯଦି ରାହୁଲ ଗାନ୍ଧି ବ୍ୟକ୍ତିଗତ ଭାବେ ବିଦେଶ ଯାତ୍ରା କଲେ ତେବେ ଏଥିପାଇଁ ବିଜେପିର କି ସମସ୍ୟା ହେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି।

# ଛାତ୍ର ବିକ୍ଷୋଭରେ ସାମିଲ ହୋଇ ଅଡୁଆରେ ପ୍ରଶାନ୍ତ କିଶୋର

ପାଟନା,୩୦।୧୨(ଏଜେନ୍ସି): ବିହାର ଲୋକସେବା ଆୟୋଗ(ବିପିଏସ୍‌ସି) ଆଶାୟୀଙ୍କ ଦ୍ୱାରା ଚାଲିଥିବା ବିକ୍ଷୋଭକୁ ସମର୍ଥନ କରି ଏଥିରେ ସାମିଲ ହୋଇଥିବା ପ୍ରଶାନ୍ତ କିଶୋର ଏବେ ଅଡୁଆରେ ପଡିଛନ୍ତି। ରାଜନୈତିକ ଚିନ୍ତକରୁ ବର୍ତ୍ତମାନ ନିଜ ଦଳ ଜନସୂରଜ ପାର୍ଟିର ପ୍ରତିଷ୍ଠାତା ବନିଥିବା ପ୍ରଶାନ୍ତ ଗତକାଲି ପାଟନାସ୍ଥିତ ଗାନ୍ଧୀ ମୈଦାନରେ ଛାତ୍ର ବିକ୍ଷୋଭରେ ସାମିଲ ହୋଇଥିଲେ। ସେ ବିକ୍ଷୋଭକାରୀ ଛାତ୍ରଙ୍କ ଦାବିକୁ ମଧ୍ୟ ସମର୍ଥନ କରିଥିଲେ। କିନ୍ତୁ ଯେତେବେଳେ ବିକ୍ଷୋଭ ରୋକିବାକୁ ପୁଲିସ ଛାତ୍ରମାନଙ୍କ ଉପରେ ଲାଠି ମାଡ଼ କରିବା ଆରମ୍ଭ କଲା ସେତେବେଳେ ପ୍ରଶାନ୍ତ ବିକ୍ଷୋଭ ସ୍ଥଳ ଛାଡି ପଳାଇଥିଲେ। ଏହାକୁ ନେଇ ଛାତ୍ର ସମାଜ ପକ୍ଷରୁ ପ୍ରଶାନ୍ତଙ୍କୁ ତୀବ୍ର ଭର୍ତ୍ସନା କରାଯାଇଥିଲା ବେଳେ ତାଙ୍କୁ ପରବର୍ତ୍ତୀ ସମୟରେ ବିକ୍ଷୋଭସ୍ଥଳକୁ ଆସିବାକୁ ବିରୋଧ କରାଯାଇଥିଲା। ଏହାବ୍ୟତୀତ ସେ ଛାତ୍ରମାନଙ୍କୁ ବିକ୍ଷୋଭ ଏବଂ ହିଂସା ପାଇଁ ପ୍ରବର୍ତ୍ତାଇବା କାରଣ ଦର୍ଶାଇ ପୁଲିସ ପ୍ରଶାନ୍ତଙ୍କ ସମେତ ଜନସୂରଜ ପାର୍ଟିର ରାଜ୍ୟ ସଭାପତି ମନୋଜ ଭାରତୀ ଓ ଅନ୍ୟ ନେତାଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ କରିଛି। ପରୀକ୍ଷାର୍ଥୀଙ୍କୁ ରାଜରାସ୍ତାରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ପ୍ରବର୍ତ୍ତାଇବା ଅଭିଯୋଗରେ ପ୍ରଶାନ୍ତ କିଶୋରଙ୍କ ଉପରେ ପୁଲିସ ଗମ୍ଭୀର ଧାରା ଲାଗୁ କରି ମାମଲା ରୁଜୁ କରିଛି।




ଏହାବ୍ୟତୀତ ୬୦୦ରୁ ଅଧିକ ବିକ୍ଷୋଭକାରୀଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ପ୍ରଶାସନର ଅନୁମତି ନମିଳିବା ସତ୍ତ୍ୱେ ଗାନ୍ଧୀ ମୈଦାନରେ ବିକ୍ଷୋଭ କରିବା ଓ ବିକ୍ଷୋଭକାରୀଙ୍କୁ ଉସୁକାଇବା ଅଭିଯୋଗରେ ପ୍ରଶାନ୍ତ କିଶୋର ଏବଂ ମନୋଜ ଭାରତୀଙ୍କ ବ୍ୟତୀତ ଏକ କୋଚିଂ ସେଣ୍ଟରର ସଂଚାଳକ ରହମାଂସୁ ମିଶ୍ର, ନିଖିଳମଣି ତିୱାରୀ, ଶୁଭମ ସ୍ନେହିଲ, ଆନନ୍ଦ ମିଶ୍ର, ରାକେଶ କୁମାର ମିଶ୍ର ,ସୁଭାଷ କୁମାର ଠାକୁର, ବିଷ୍ଣୁ କୁମାର ଆଦି ୨୧ ଜଣଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଛାତ୍ର ଦାବିକୁ ନେଇ ରାଜ୍ୟ ସରକାର ୪୮ ଘଣ୍ଟା ମଧ୍ୟରେ ନିଷ୍ପତ୍ତି ନେବାକୁ ପ୍ରଶାନ୍ତ କିଶୋର ଧମକ ଦେଇଛନ୍ତି। ଯଦି ସରକାର ଏହି ସମୟ ମଧ୍ୟରେ କିଛି ନିଷ୍ପତ୍ତି ନ ନିଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବିହାର ଲୋକସେବା ଆୟୋଗ ଦ୍ୱାରା ଡିସେମ୍ବର ୧୩ରେ ଆୟୋଜିତ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ଆଶାୟୀମାନେ ପୁନଃ ପରୀକ୍ଷା ଦାବିରେ ଆନ୍ଦୋଳନ କରୁଛନ୍ତି।

**ନିଷ୍ପତ୍ତି ପାଇଁ ନୀତୀଶ ସରକାରଙ୍କୁ ୪୮ ଘଣ୍ଟା ସମୟ**

### ସରିଲା ୨୧ତମ ଓଡ଼ିଶା ରାଜ୍ୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା

# ଭଦ୍ରକ ଚାମ୍ପିଅନ; ବାଲେଶ୍ୱର ଦ୍ୱିତୀୟ ରନର୍ସଅପ୍






ଭଦ୍ରକ, ୩୦ ।୧୨(ସମିସ): 'ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଓଡ଼ିଶା' (ତାଓ) ଆନୁକୂଲ୍ୟରେ ଚରମ୍ପା ସ୍ଥିତ ମହାରାଜା ଅଗ୍ରସେନ ଭବନରେ ଆୟୋଜିତ ୨୧ତମ ଓଡ଼ିଶା ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଭଦ୍ରକ ସର୍ବାଧିକ ୨୦ଟି ସ୍ୱର୍ଣ୍ଣ ପଦକ ହେତୁ ଚାମ୍ପିଅନସିପ୍ ମର୍ଯ୍ୟାଦା ହାସଲ କରିଛି। ୧୪ଟି ସ୍ୱର୍ଣ୍ଣ, ୧୨ଟି ରୌପ୍ୟ ଓ ୧୪ଟି ବ୍ରୋଞ୍ଜ ବିଜେତା ଢେଙ୍କାନାଳ ତାଏକ୍ୱୋଣ୍ଡୋ ଆସୋସିଏସନ୍ ପ୍ରଥମ ରନର୍ସ-ଅପ୍ ଆସନ ଅଧିକାର କରିଥିବା ବେଳେ ୧୪ ସ୍ୱର୍ଣ୍ଣ, ୧୨ରଜତ ଓ ୬ଟି ବ୍ରୋଞ୍ଜ ପଦକ ଜିଣି ବାଲେଶ୍ୱର ଆସୋସିଏସନ୍ ଅଫ୍ ତାଏକ୍ୱୋଣ୍ଡୋ ଦ୍ୱିତୀୟ ରନର୍ସ-ଅପ୍ ମାନ୍ୟତା ପାଇଛି। ଶୃଙ୍ଖଳିତ ଦଳ ଭାବେ ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଭୁବନେଶ୍ୱର, ଖୋର୍ଦ୍ଧା ଓ ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ କଟକ ପ୍ରଶଂସିତ ହୋଇଛନ୍ତି। ଉଦ୍‌ଯାପନ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ 'ତାଓ'କାର୍ଯ୍ୟକାରୀ ସଭାପତି ଆଇନଜୀବୀ ବିଜୟ କୁମାର ଜେନା। ଅତିଥି ରୂପେ ଭଦ୍ରକ ପୂର୍ବତନ ବିଧାୟକ ନରେନ ପଲାଇ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାସ, ଆଇଏମ୍ଏସ୍ଓ ସମ୍ ହସପିଟାଲ୍ ଗେଷ୍ଟ୍ରୋ-ଲିଭର୍ ବିଭାଗର ଆସୋସିଏଟ୍ ପ୍ରଫେସର୍ ଡାକ୍ତର ଅନୁରାଗ ଜେନା, ଲାୟନ୍ସ କ୍ଲବ୍‌ର ଚେୟାରମ୍ୟାନ୍ ଅଶୋକ ମହାନ୍ତି, ହେପ୍ପୀ ହୋମ୍ ସ୍କୁଲ୍‌ର ନିର୍ଦ୍ଦେଶିକା ପ୍ରଜ୍ଞା ପାରମିତା ପଲାଇ ଯୋଗ ଦେଇଥିଲେ। ବିବରଣୀ ପ୍ରଦାନ କରିଥିଲେ ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ। ଭଦ୍ରକର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯଥା ସ୍ୱତନ୍ତ୍ର ପିପି ଆଇନଜୀବୀ ପବନ କୁମାର ଶର୍ମା, ବିଶିଷ୍ଟ ବ୍ୟବସାୟୀ ଗୌରାଙ୍ଗ ଚରଣ ସାମଲ, ଇଂ.ଉତ୍ପଳକାନ୍ତି ଦାସ, ଇଂ.ଅନୁପମ ଜେନା, ବିଦ୍ୟାର୍ଥୀ ଇଣ୍ଟରନ୍ୟାସନାଲ୍ ସ୍କୁଲ ଅଧ୍ୟକ୍ଷ ସୁନୀଲ କୁମାର ପାଢ଼ୀ, ସାମ୍ବାଦିକ ଶଶୀଭୂଷଣ ସ୍ୱାମୀ, ମହାରାଜା ଅଗ୍ରସେନ ଟ୍ରଷ୍ଟ ସମ୍ପାଦକ ରାଜକୁମାର ଖେରିଆ, ବରିଷ୍ଠ ସଦସ୍ୟ ମଦନ ଲାଲ୍ ଅଗ୍ରୱାଲ୍ ଓ ସଜ୍ଜନ ଅଗ୍ରୱାଲ୍ ପ୍ରମୁଖ ଏହି ଉତ୍ସବରେ ନିମନ୍ତ୍ରିତ ଅତିଥି ରୂପେ ଯୋଗ ଦେଇଥିଲେ।

## ୪ ପଦକ ବିଜେତାଙ୍କୁ ଜିଲ୍ଲାପାଳଙ୍କ ସମ୍ବର୍ଦ୍ଧନା



ଭଦ୍ରକ, ୩୦ ।୧୨(ସମିସ): ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ପଦକ ହାସଲ କରିଥିବା ୪ଜଣ ପ୍ରତିଯୋଗୀଙ୍କୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଆଜି ତାଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ପ୍ରତିଯୋଗୀମାନେ ହେଲେ-ଗରଦପୁର ସ୍ଥିତ ଗାନ୍ଧି ଓଡ଼ିଶା ବାଳାଶ୍ରମର ଅନ୍ତେବାସୀ ସୁଶାନ୍ତ ଜେନା (ସ୍ୱର୍ଣ୍ଣ), ଓମ୍‌ପ୍ରକାଶ ରାଉତ(ରୌପ୍ୟ)ଙ୍କ ସହ ରବୀନ୍ଦ୍ର ମହାକୁଡ ଓ ଲାଙ୍ଗୁଡି ସ୍ଥିତ ଉତ୍କଳମଣି ସେବା ମନ୍ଦିରର ଅନ୍ତେବାସୀ ଚନ୍ଦନ ସିଂ ବ୍ରୋଞ୍ଜ ପଦକ ହାସଲ କରି ଭଦ୍ରକ ଜିଲ୍ଲାକୁ ଗୌରାବାନ୍ୱିତ କରିଛନ୍ତି। ଏଥିରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଆନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା, ଚାଇଲ୍ଡ ଲାଇନ୍‌ର ଶୁଭଶ୍ରୀ ପଢ଼ିଆରୀ ଓ ଦିଗବିଜୟ ମହାନ୍ତିଙ୍କ ସମେତ ଗାନ୍ଧିବାଳାଶ୍ରମ ସମ୍ପାଦକ ଅଶୋକ କୁମାର ଦାସ, ତଥାଗତ ଜେନା, ସସ୍ମିତା ନାୟକ, ଉତ୍କଳମଣି ସେବା ମନ୍ଦିର ସମ୍ପାଦକ ମୁକ୍ତିକାନ୍ତ ନାୟକ, ଶ୍ରୀସାଇ ସାରଳା ଫାଉଣ୍ଡେସନର ଫାଉଣ୍ଡର ଜ୍ଞାନରଞ୍ଜନ ବାରିକ, ଧନେଶ୍ୱର ଜେନା, ହରିହର ବାରିକ, ବିଦ୍ୟାଧର ଓଝା, ଶଶଧର ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## 'ଆମ ବ୍ୟାଙ୍କ' ଚୋରି ଘଟଣାରେ ୨ ଗିରଫ

ବାରିକପୁର/ଭଣ୍ଡାରିପୋଖରୀ, ୩୦।୧୨(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବୟାବନାପୁର 'ଆମ ବ୍ୟାଙ୍କ'ରୁ ଗତ ଶନିବାର ରାତିରେ ଚୋରି ଘଟଣାରେ ୨ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ଠାରୁ ଚୋରି ଯାଇଥିବା ସମସ୍ତ ସାମଗ୍ରୀକୁ ତଦନ୍ତକାରୀ ଅଧିକାରୀ ସହକାରୀ ସବଇନିସପେକ୍ଟର ସୁଦର୍ଶନ ସେନ ଉଦ୍ଧାର କରିବାକୁ ସକ୍ଷମ ହୋଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ନାବାଳକ ଥିବା ବେଳେ ଅନ୍ୟ ଜଣେ ଚନ୍ଦ୍ରଭାନୁପୁର ଗ୍ରାମର ହୃଷୀକେଶ ନାୟକଙ୍କ ପୁଅ ଅନନ୍ତ (୩୪) ଓରଫ ଲିପୁ ଅଟେ। ସେମାନଙ୍କ ପାଖରୁ କମ୍ପ୍ୟୁଟର, ୨ଟି ପ୍ରିଣ୍ଟର, ସିସିଟିଭି ମନିଟର, ପଙ୍ଖା, କାର୍ଯ୍ୟାଳୟ ମଧ୍ୟରେ ଥିବା ଅଙ୍ଗନବାଡି ପାଣି ମୋଟର ଓ ଚାଉଳ ୨ ବସ୍ତା ଆଦି ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି। ଚୋରମାନେ ଇନର୍ଭଟର ବିକ୍ରୟ କରିଦେଇଥିବା ଜଣାପଡ଼ିଥିଲା। ପୁଲିସ ଇନର୍ଭଟରକୁ ଉଦ୍ଧାର କରିଛି। ଏଥିସହ ଚୋରିରେ ବ୍ୟବହୃତ କଟର ଆଦି ମଧ୍ୟ ଜବତ ହୋଇଛି। ଅଭିଯୁକ୍ତ ଦ୍ୱୟଙ୍କୁ ଥାନାରେ ଅଟକ ରଖାଯାଇଛି। ବ୍ୟାଙ୍କ କର୍ମଚାରୀ ବୟାବନାପୁର ଗ୍ରାମର ଧନେଶ୍ୱର ରାଉତ ରବିବାର ଥାନାରେ ଚୋରି ଅଭିଯୋଗ କରିଥିଲେ।

## ଦୁର୍ଘଟଣାରେ ଜଣେ ଗୁରୁତର

ଭଣ୍ଡାରିପୋଖରୀ/ବାରିକପୁର, ୩୦ ।୧୨(ସମିସ): ଭଣ୍ଡାରିପୋଖରୀ ଥାନା ୧୬ନମ୍ବର ଜାତୀୟ ରାଜପଥ ପାଳଦାବାଙ୍କ ଚକବନ୍ଦୀ କାର୍ଯ୍ୟାଳୟ ନିକଟରେ ଏକ ଦ୍ରୁତଗାମୀ କାର ଗୋଟିଏ ବାଇକ୍ ଧକ୍କା ଦେବା ଫଳରେ ବାଇକ ଆରୋହୀ ଜଣକ ଗୁରୁତର ହୋଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଭଦ୍ରକ ପୁରୁଣାବଜାର ଥାନା ଅଧିନ ହଳଦୀଡିହ ବାଇପାସ ବେହେରାସାହି ଅଞ୍ଚଳର ଦୁଷ୍ମନ୍ତ ବେହେରା (୫୦) ଆଜି ପୂର୍ବାହ୍ନ ୧୧ଟା ସମୟରେ ଭଣ୍ଡାରିପୋଖରୀ ରୁ ଘରକୁ ଫେରୁଥିଲେ। ପାଳଦାବାଙ୍କ ନିକଟ ଉତ୍ତରବାଡ଼ ଛକରୁ ରାଜପଥର ଅପର ପାର୍ଶ୍ୱକୁ ଯାଉଥିବା ବେଳେ ବିପଦପୂର୍ଣ୍ଣ ଡିଭାଇଡର ନିକଟରେ ଏକ ଦ୍ରୁତଗାମୀ କାର ତାଙ୍କ ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ବ୍ୟକ୍ତି ଜଣକୁ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ପୁଲିସ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲା। ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ କଟକ ମେଡିକାଲକୁ ପଠାଇଥିବା ଜଣାଯାଇଛି। ଗୁରୁତର ଦୁଷ୍ମନ୍ତ ଭଦ୍ରକର ଜଣେ ବରିଷ୍ଠ ତଥା ପରିଚିତ କମ୍ପ୍ୟୁଟର ମେକାନିକ୍।

## ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚର କର୍ମକର୍ତ୍ତା ଚୟନ

ଭଦ୍ରକ, ୩୦ ।୧୨(ସମିସ): ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚର ଏକ ଜରୁରୀ ବୈଠକ ସମ୍ପାଦକ ଉମାକାନ୍ତ ନାୟକଙ୍କ ବାସଭବନ ପରିସରରେ ପ୍ରଧାପକ ଶିବଚରଣ ଖାମୁରାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ କର୍ମକର୍ତ୍ତା ମନୋନୀତ ହୋଇଯାଇଛି। ସଭାପତି ନିରାକାର ଜେନା ବହୁ ଦିନଧରି ସଭାପତି ଦାୟିତ୍ୱରେ ରହିଥିଲେ। ସଭାପତି ଭାବେ ଶିକ୍ଷାବିତ୍ ଗଗନବିହାରୀ ରାଉତ କାର୍ଯ୍ୟକାରୀ ସଭାପତି ଶିବଚରଣ ଖାମୁରାଇ, ଉପସଭାପତି ଶରତ କୁମାର ମହାନ୍ତି ଓ କୁଳମଣି ବେହେରା ମନୋନୀତ ହୋଇଥିଲେ। ସମ୍ପାଦକ ଉମାକାନ୍ତ ନାୟକ, କାର୍ଯ୍ୟକାରୀ ସମ୍ପାଦକ ବାବୁଲାଲ ଦାସ, ସହସମ୍ପାଦକ ଲାୟନ୍ସ କ୍ଲବଅଶୋକ କୁମାର ମହାନ୍ତି, ଦିଲ୍ଲୀପ କୁମାର ଆରଣ ଓ କୋଷାଧ୍ୟକ୍ଷଭାବେ କବି ନାରାୟଣ ଚନ୍ଦ୍ର ପ୍ରଧାନଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରୀ ସଭ୍ୟଭାବେ ଶିଶିର କୁମାର ମିଶ୍ର, ବିଜନ ଜେନା, ମହେନ୍ଦ୍ର ପାଢ଼ୀ, ପ୍ରଫୁଲ୍ଲ କୁମାର ସୂତ୍ରଧର, ପ୍ରଦୀପ କୁମାର ବେହେରା, ଅନନ୍ତ ନାୟକ, ଭାରତୀ ପଲେଇ, ରୂପଶ୍ରୀ ରାଉତ, ସବ୍ୟଶାଚି ମିଶ୍ର, ରତ୍ନାକର ସାମଲଙ୍କୁ ସ୍ଥାନିତ କରାଯାଇଛି। ଆସନ୍ତା ଫେବୃଆରୀ ମାସରେ ମଞ୍ଚର ବାର୍ଷିକ ଉତ୍ସବ ପାଳନ ଓ ଶାନ୍ତିଧାରା ମୁଖପତ୍ର ପ୍ରକାଶ ପାଇବ।

## ଶିକ୍ଷୟିତ୍ରୀଙ୍କ ପରଲୋକ

ତିହିଡ଼ି, ୩୦।୧୨(ସମିସ): ତିହିଡ଼ି ବ୍ଲକ ବୋଡ଼କ ପଞ୍ଚାୟତ ଅଧୀନ ଗୋପନଗର ମନ୍ତ୍ରବାସୁଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମମିତା ମଲିକଙ୍କର କଟକ ସ୍ଥିତ ଏକ ଘରୋଇ ହସପିଟାଲରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୩୮ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ହେବ କିଡ୍‌ନୀ ଜନିତ ରୋଗରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଆଗରପଡ଼ା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଅରବିନ୍ଦ ଦାସଙ୍କ ସମେତ ପରିବାରବର୍ଗ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସ୍କୁଲ ପରିଚାଳନା କମିଟି ସଭାପତି ବୁଦ୍ଧିରାମ ପାଣ୍ଡବ, ପ୍ରଧାନ ଶିକ୍ଷକ ସରୋଜ ଓଝା, ସମିତିସଭ୍ୟ ଭାଗିରିଥି ମଲିକ, ସମାଜସେବୀ ନିଶିକାନ୍ତ ପରିଡ଼ା, ପ୍ରଦୀପ ମଲିକଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବହୁ ମାନ୍ୟଗନ୍ୟ ବ୍ୟକ୍ତି ତାଙ୍କ ଲଞ୍ଜାତରା ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

## କୁଞ୍ଜ ମେଳା କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଭୋଗରାଇ, ୩୦।୧୨(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ନାଚିନ୍ଦା ପଞ୍ଚାୟତ ଅଧିନ ସେହି ଗ୍ରାମରେ ବାଲେଶ୍ୱର ଜିଲ୍ଲା ସ୍ତରୀୟ ବୃହତ କୁଞ୍ଜ ମେଳା କମିଟି ପକ୍ଷରୁ ବିଶିଷ୍ଟ ଅର୍ଥ ବିଶାରଦ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ଡ. ସିଂଙ୍କ ଡିସେମ୍ବର ୨୬ ତାରିଖ ରାତ୍ରି ସମୟରେ ଦିଲ୍ଲୀ ଏମ୍ସରେ ପରଲୋକ ହୋଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ଉତ୍ସବ କମିଟିର ସଭାପତି ପଞ୍ଚାନନ ମହାନ୍ତି ସଭାପତିତ୍ୱ କରିଥିଲେ।

## ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ

ରାଇବଣିଆ, ୩୦।୧୨(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଶ୍ୟାମନଗର ଗ୍ରାମ ପଞ୍ଚାୟତ ଅଧିନସ୍ଥ ରଘୁନାଥପୁର ଗରୁଡ଼ବସା ଗ୍ରାମ ରେ ଥିବା ଆଦିବାସୀ ଡ୍ରାମାଟିକ କ୍ଲବ ଆନୁକୂଲ୍ୟରେ ଏକ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟଅତିଥି ଭାବରେ ଶ୍ୟାମନଗର ପଞ୍ଚାୟତର ପୂର୍ବତନ ସରପଞ୍ଚ ମନୋଜ ସାସମଲ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଡେମ୍ଫୁରବଣୀ ଓ ପଶ୍ଚିମ ମେଦିନୀପୁରର ଗୋପାଳପୁର ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଗୋପାଳପୁର ଟିମ ଫାଇନାଲରେ ଜିତିଥିଲା। ମୁଖ୍ୟ ଅତିଥି ବିଜେତା ଦଳକୁ ପୁରସ୍କାର ରାଶି ବିତରଣ କରିଥିଲେ। ବସନ୍ତ ହାଁସଦା, ଚନ୍ଦ୍ରମୋହନ ହାଁସଦା, କାରାଣ ହେମ୍ବ୍ରମ, ଗଙ୍ଗାରମ ହେମ୍ବ୍ରମ, ସାମଲ ମୁର୍ମୁ, ଲକ୍ଷ୍ମଣ ମୁର୍ମୁ, ସୁପାଇଁ ହେମ୍ବ୍ରମ, ଜୟରାମ ହେମ୍ବ୍ରମ ସହଯୋଗ କରିଥିଲେ।

■ କେନ୍ଦୁଆପଦା ରେଲୱେ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ପ୍ରସଙ୍ଗ

## ବଜାର ରାସ୍ତାକୁ ସମ୍ପ୍ରସାରଣ କଲା ପ୍ରଶାସନ



ବନ୍ତ/ଆଗରପଡ଼ା, ୩୦।୧୨(ସମିସ): କେନ୍ଦୁଆପଦା ରେଲୱେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ପାଇଁ ସୋମବାର ତହସିଲ ପ୍ରଶାସନ ଓ ପୁଲିସର ମିଳିତ ଉଦ୍ୟମରେ ରାସ୍ତାର ସମ୍ପ୍ରସାରଣ କରାଯାଇଛି। ଉକ୍ତ ସ୍ଥାନରେ ଥିବା ପକ୍କା ଦୋକାନ ଗୃହକୁ ଭଙ୍ଗାଯିବା ସହ ଘେରାବାଡ଼କୁ ମଧ୍ୟ ଉଠାଯାଇଛି। ଭଙ୍ଗା କାର୍ଯ୍ୟରେ ଗୋଟିଏ ହିଟାଚିକୁ କାର୍ଯ୍ୟରେ ଲଗାଯାଇଥିଲା। ସୂଚନାଯୋଗ୍ୟ, କେନ୍ଦୁଆପଦାରେ ରେଲୱେ ଷ୍ଟେସନରେ ଯାନବାହାନ ଗୁଡ଼ିକ ସୁଖପ୍ରଦ ଭାବେ ଯାତାୟତ ପାଇଁ ଦୀର୍ଘ ଦିନ ହେବ ଅଞ୍ଚଳବାସୀଙ୍କ ପକ୍ଷରୁ ଉକ୍ତ ସ୍ଥାନରେ ଓଭର ବ୍ରିଜ ନିର୍ମାଣ ପାଇଁ ଦାବି ହେଉଥିଲା। କେନ୍ଦ୍ର ସରକାରଙ୍କୁ ଏହି ବିଷୟରେ ଅବଗତ କରାଯିବା ପରେ ସେ ଏହାର ଆବଶ୍ୟକତାକୁ ଉଚିତ ମନେ କରି ଉକ୍ତ ସ୍ଥାନରେ ରେଲୱେ ଫ୍ଲାଏ ବ୍ରିଜ୍ ନିର୍ମାଣ ପାଇଁ ଅର୍ଥ ବରାଦ କରିଥିଲେ। ହେଲେ ଓଭର ବ୍ରିଜ ନିର୍ମାଣ ପାଇଁ ରାସ୍ତାର ସମ୍ପ୍ରସାରଣ ଜରୁରୀ ଥିବାରୁ ତହସିଲ ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନରେ ଦୋକାନ ଗୃହ କରିଥିବା ଦୋକାନିଙ୍କୁ ଉକ୍ତ ସ୍ଥାନକୁ ଛାଡ଼ିବା ପାଇଁ ନୋଟିସ କରିଥିଲେ। ସୋମବାର ସକାଳ ୧୦ଟା ୩୦ସମୟରେ ଉକ୍ତ ସ୍ଥାନରେ ଥିବା ୫ଟି ଦୋକାନ ଗୃହ ସହ ବସାଯାଇଥିବା ବାଡ଼କୁ ମଧ୍ୟ ଉଠାଯାଇଥିଲା। ଉଚ୍ଛେଦ ସମୟରେ ବନ୍ତ ତହସିଲଦାର ସାର ହେମ୍ବ୍ରମ, ଉପତହସିଲଦାର ପ୍ରଶାନ୍ତ କୁମାର ପୁହାଣ, କେନ୍ଦୁଆପଦା ଫାଣ୍ଡି ଅଧିକାରୀ ନରେନ୍ଦ୍ର ରାଉତଙ୍କ ସହ ପୁଲିସ ଫୋର୍ସ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।

## ଝୁଲନ୍ତା ଅବସ୍ଥାରେ ମହିଳାଙ୍କ ଶବ ଉଦ୍ଧାର

ଭଣ୍ଡାରିପୋଖରୀ/ବାରିକପୁର, ୩୦ ।୧୨(ସମିସ): ଭଣ୍ଡାରିପୋଖରୀ ଥାନା ପାଟୁଳି ଗ୍ରାମରୁ ଝୁଲନ୍ତା ଅବସ୍ଥାରେ ଜଣେ ମହିଳାଙ୍କ ଶବ ଉଦ୍ଧାର କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ଗ୍ରାମର ଆଦିତ୍ୟ ରାଉତଙ୍କ ପତ୍ନୀ ସୁକାନ୍ତି(୩୦) ଆଜି ସକାଳୁ ବାସଗୃହ ପାର୍ଶ୍ୱରେ ଫାଶୀ ଦେଇଦେଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ସେଠାରେ ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ୨୦/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ୨୮ ଛାତ୍ରଛାତ୍ରୀଙ୍କୁ ଡିପିସିଏଲ୍ ମେଧାବୃତ୍ତି

ଭଦ୍ରକ, ୩୦ ।୧୨(ସମିସ): ଆଦାନୀ ଗ୍ରୁପର ସିଏସ୍ଆର୍ ବିଭାଗ ଆଦାନୀ ଫାଉଣ୍ଡେସନ ପକ୍ଷରୁ ୨୮ ଜଣ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି। ଧାମରା ପୋର୍ଟ ପାରିପାର୍ଶ୍ୱରେ ଥିବା ୧୦ଟି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଡିପିସିଏଲ୍ ସ୍କଲାରସିପ୍ ଆୱାର୍ଡ ଦିଆଯାଇଛି। ହାଇସ୍କୁଲ ବୋର୍ଡ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରମାନଙ୍କୁ ଚିହ୍ନଟ କରି ସେମାନଙ୍କର ଉଚ୍ଚ ମାଧ୍ୟମିକ ଅଧ୍ୟୟନର ୨ ବର୍ଷ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଚଳିତ ୨୦୨୩-୨୪ ଶିକ୍ଷାବର୍ଷରେ ଆଦାନି ଫାଉଣ୍ଡେସନ ପୋର୍ଟ ପାରିପାର୍ଶ୍ୱସ୍ଥ ୧୦ଟି ଉଚ୍ଚ ବିଦ୍ୟାଳୟର ୨୮ ଜଣ ଛାତ୍ରଛାତ୍ରୀଙ୍କୁ ଉତ୍ତମ ପ୍ରଦର୍ଶନ ନିମନ୍ତେ ଡିପିସିଏଲ୍ ମେଧାବୃତ୍ତି ପାଇଁ ମନୋନୟନ କରିଥିଲା। ଉଚ୍ଚ ମାଧ୍ୟମିକ ଶିକ୍ଷା ପାଇଁ ଲହି ଛାତ୍ରଛାତ୍ରୀଙ୍କୁ ଡିପିସିଏଲ୍ ତରଫରୁ ପଦକ, ପ୍ରଶଂସାପତ୍ର, ଟି-ସାର୍ଟ, ଲର୍ଣ୍ଣିଂ କିଟ୍ ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କରଞ୍ଜମାଳ ସିଆର୍‌ସିସି, ବିଦ୍ୟାଳୟ ସଭାପତି, ଧାମରା ପୋର୍ଟ ସିଇଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ୨ ବର୍ଷ ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପକ୍ତ କରିବା ଦିଗରେ ମେଧାବୃତ୍ତି ପ୍ରଦାନ କରିବ, ଯଦ୍ୱାରା ସେମାନେ ଆଗକୁ ବଢ଼ିବାର ସୁଯୋଗ ପାଇପାରିବେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ୨୦୦୯ ରେ ଆରମ୍ଭ ହୋଇଥିବା ଏହି ଧାମରା ମେଧାବୃତି ପୁରସ୍କାର ପ୍ରତିବର୍ଷ ୩୦ ଜଣ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ କ୍ୟାରିଅର୍ ନିର୍ମାଣ ପାଇଁ ପ୍ରଦାନ କରିଆସୁଅଛି। ବର୍ତ୍ତମାନ ସୁଦ୍ଧା ଧାମରା ପୋର୍ଟ ପକ୍ଷରୁ ଏହାର ପାରିପାର୍ଶ୍ୱସ୍ଥ ୯ ଟି ଗ୍ରାମପଞ୍ଚାୟତର ୧୦ ଟି ଉଚ୍ଚ ବିଦ୍ୟାଳୟର ୩୯୪ ଜଣ ଛାତ୍ରଛାତ୍ରୀଙ୍କୁ ବିଦ୍ୟାରତ୍ନ-ଡିପିସିଏଲ୍ ମେରିଟ୍ ସ୍କଲାରସିପ୍ ପୁରସ୍କାର ପ୍ରଦାନ କରାଯାଇଛି।



## ଉପମୁଖ୍ୟମନ୍ତ୍ରୀଙ୍କ ସହ ଓୟୁଜେର ଆଲୋଚନା

ଖଇରା, ୩୦ ।୧୨ (ସମିସ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବାଲେଶ୍ୱର ଗସ୍ତ ଅବସରରେ ସିମୁଳିଆ ଠାରେ ଖଇରା ସମୁଳିଆ ଜନସାଧରଣଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଆୟୋଜିତ ଚାଏ ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଓଡ଼ିଶା ସାମ୍ବାଦିକ ୟୁନିୟନର ସଦସ୍ୟ ମାନେ ଖଇରା ଅଞ୍ଚଳରେ ଜନସାଧାରଣଙ୍କ ସୁବିଧା ଅସୁବିଧା ତଥା ସାମ୍ବାଦିକଙ୍କ ସମସ୍ୟା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଧିକାଂଶ ମହିଳାଙ୍କ ନାମରେ ଜମିନଥିବା ବେଳେ ସେମାନଙ୍କର ୫ ଏକର ଜମିଥିବା ଦର୍ଶାଇ ସୁଭଦ୍ରା ଯୋଜନାରୁ ନାମ ତାଲିକାରୁ ବାଦ କରାଯିବା, ଶାରୀଶୁଆ ଜଳପ୍ରପାତର ଉନ୍ନତିକରଣ ପାଇଁ ପର୍ଯ୍ୟଟନ ବିଭାଗ ମାଧ୍ୟମରେ ସ୍ୱତନ୍ତ୍ର ରୋଡମ୍ୟାପ ପ୍ରସ୍ତୁତ କରିବା, ବହୁ ଚାଷୀଙ୍କର ଧାନ ଟୋକନ ଏ ପର୍ଯ୍ୟନ୍ତ ନ ଆସିବା, ମିଲର ମାନେ ସମିତିକୁ ଧାନକିଣିବାକୁ ନଆସି ସିଧାସଳଖ ମିଲରେ ଧାନ ପକାଇବାକୁ ଚାଷୀଙ୍କ ଉପରେ ଚାପ ପକାଇବା ବିଷୟ ଉପମୁଖ୍ୟମନ୍ତ୍ରୀଙ୍କ ଆଗରେ ଉତଥାପନ କରିଥିଲେ। ଶ୍ରୀମତୀ ପରିଡ଼ା ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ଅବସରରେ ଶାରିଶୁଆ ପାହାଡରେ ଥିବା ଜଳପ୍ରପାତକୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାବ୍ୟତିତ ସାମ୍ବାଦିକ ସୁରକ୍ଷା ଆଇନ ଓ ସାମ୍ବାଦିକ ପେନସନ ଯୋଜନା ତୁରନ୍ତ ଲାଗୁ କରିବାକୁ ସଂଘର ସଦସ୍ୟ ମାନେ ଦାବି କରିଥିଲେ। ଏହା ରାଜ୍ୟ ସରକାରଙ୍କ ବିଚାରାଧୀନ ଥିବା ବିଷୟ ପ୍ରକାଶ କରିଥିଲେ। ସ୍ଥାନୀୟ ବିଧାୟକ ପଦ୍ମଲୋଚନ ପଣ୍ଡା, ଯୁବନେତା ନୀଳମାଧବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଭୋଗରାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

# 'ଶିକ୍ଷା ଜୀବନର ଗତିପଥ ବଦଳାଇ ଥାଏ'



ଭୋଗରାଇ, ୩୦।୧୨(ସମିସ): ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଶିକ୍ଷା ଗ୍ରହଣ କରି ଛାତ୍ରଛାତ୍ରୀ ବଡ଼ ପଦ ପଦବୀରେ ସ୍ଥାନିତ ହୋଇଥାନ୍ତି। ମାତ୍ର ଯେଉଁ ଶିକ୍ଷା ଜଣେ ସ୍ୱୟଂ ସମ୍ପୂର୍ଣ୍ଣ ମଣିଷ ଗଢ଼ିବାରେ ସହାୟକ ହୋଇଥାଏ ଏବଂ ଅନ୍ତରାତ୍ମାକୁ ଛୁଇଁ ପାରି ଥାଏ ତେବେ ତାହା ଜୀବନର ଗତିପଥ ବଦଳାଇ ପାରିବ ବୋଲି ଆଜି ଭୋଗରାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବର ଉଦଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟିର ସମ୍ପାଦକ ତଥା ବିଶିଷ୍ଟ ଶିକ୍ଷାବିତ ପଙ୍କଜାକ୍ଷ ପଣ୍ଡାଙ୍କ ପୌରୋହିତ୍ୟ ରେ ପରିଚାଳିତ ସଭାରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର କେଦାର ସିଂ ଦାସ ଯୋଗଦେଇ ଜଣେ ମାଆ ପିଲାମାନଙ୍କୁ ଗଢିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଓ ଗବେଷକ ପ୍ରଶାନ୍ତ କୁମାର ଦାସ ଯୋଗଦେଇ ପିଲାମାନଙ୍କର ଯଦି ଲକ୍ଷ୍ୟ ସ୍ଥିର ଥିବ ସେ ନିଶ୍ଚିତ ତାର ଲକ୍ଷ୍ୟରେ ପହଞ୍ଚି ପାରିବ। ଉତ୍ସବ ଆନନ୍ଦ ଦେଇଥାଏ ଏବଂ ଆନନ୍ଦ ରୁ ମାନସିକ ଶାନ୍ତି ମିଳିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଭୋଗରାଇ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅବିନାଶ ସାହୁ, କବି ମଧୁସୁଦନ ମିଶ୍ର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ସରୋଜ ଦାସ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ, ଅଧ୍ୟାପକ ରାମଚନ୍ଦ୍ର ଭଞ୍ଜ ଅତିଥି ମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କଳ୍ପନାରାଣୀ ଭଞ୍ଜ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ବିମଳ ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ ତଥା ଯୁକ୍ତ ୩ ମହିଳା ମହାବିଦ୍ୟାଳୟର ସଭାପତି ପଙ୍କଜାକ୍ଷ ପଣ୍ଡା ଙ୍କୁ ରଜତ ଜୟନ୍ତୀ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇତିଶ୍ରୀ କର ଙ୍କୁ ସର୍ବଗୁଣ ସମ୍ପନ୍ନା ପୁରସ୍କାର ପ୍ରଦାନ କରାଯାଇଥିଲା ବେଳେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ଦିବସର ପ୍ରଥମ ଅଧିବେଶନରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ରାଣୀ ଭଞ୍ଜ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ରମାକାନ୍ତ ବାରିକ, ମୁଖ୍ୟ ବକ୍ତା ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ଦାସ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷା କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

## ସିପିଆଇ, ସିପିଏମ୍‌ର ପ୍ରତିବାଦ ସଭା

ଯାଜପୁର, ୩୦ ।୧୨(ସମିସ): ଦରଦାମ ବୃଦ୍ଧି, ସରକାରୀ ଉଦାସିନତାରୁ ଭୟଙ୍କର ବେକାରୀ ସମସ୍ୟା, ମଣିପୁର ଅଶାନ୍ତ, ଆମ ରାଜ୍ୟରେ ଅଦିନିଆ ବର୍ଷା ଫଳରେ ଚାଷୀ ଆତ୍ମହତ୍ୟା ବୃଦ୍ଧି ଆଦି ସମସ୍ୟା ଅଭିଯୋଗ କରି ଆଜି ସିପିଆଇ ଓ ସିପିଆଇଏମ ପକ୍ଷରୁ ଯାଜପୁରରେ ପ୍ରତିବାଦ ସଭା କରାଯାଇଛି । ପ୍ରତିବାଦ ସଭାରେ ସିପିଆଇ ଉପସଭାପତି ଅଭୟ ପଣ୍ଡା, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ନିର୍ମଳ ରଥ, ସିପିଆଇ ରାଜ୍ୟ ପରିଷଦ ସଭ୍ୟ ମଳୟ ପଣ୍ଡା, ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ, ଅମୂଲ୍ୟ ସାମଲ, ଗଣେଶ ସାହୁ, ଦେବବ୍ରତ ମହାନ୍ତି, ଶ୍ରମିକ ନେତା ମଧୁସୂଦନ ଜେନା, ରଞ୍ଜନ ଜେନା, ଭରତ ଜେନା, ପୁରୋଷ୍ଟମ ବେହେରା, ଆଭାମୟୀ ମହାନ୍ତି, ଲାଲମଣି ମୁଣ୍ଡା, ସୁରେଶ ସାହୁ, ସୁବ୍ରତ ଜେନା, ମାଧବ କୁଣ୍ଡୁ, ରାଧାଶ୍ୟାମ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଧର ସାମଲ, ଦେବାଶିଷ ଲେଙ୍କା, ନିରଞ୍ଜନ ପଣ୍ଡା, ଭିକାରୀ ପଣ୍ଡା, ଅନନ୍ତ ସାହୁ, ନରେନ୍ଦ୍ର ସାହୁ, ପ୍ରତ୍ୟୁଷ ସାହୁ, ବ୍ରହ୍ମାନନ୍ଦ ବାରିକ, ସର୍ବଜିତ୍ ଦାସ, କାହ୍ନୁଚରଣ ଲେଙ୍କା, ସତ୍ୟଜିତ ସାହୁ, ବାସୁଦେବ ସେଠୀ, ଏମ୍‌ତି ଖଲିକ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

## ବରାହ ଦେବଙ୍କ ସ୍ୱନକ୍ଷତ୍ର ଉତ୍ସବ

ଯାଜପୁର, ୩୦ ।୧୨(ସମିସ): ପୂଣ୍ୟତୋୟା ବୈତରଣୀ ତଟରେ ଥିବା ଶ୍ରୀଶ୍ରୀ ଯଜ୍ଞ ବରାହ ଦେବଙ୍କ ସ୍ୱନକ୍ଷତ୍ର ଉତ୍ସବ ବକୁଳ ଅମାବାସ୍ୟା ଅବସରରେ ମହାସମାରୋହରେ ପାଳିତ ହୋଇଯାଇଛି । ବଡ଼ିଭୋରୁ ପ୍ରଭଙ୍କ ମଙ୍ଗଳ ଆଳତୀ, ମହାସ୍ନାନ, ପୂଜା ହୋମ, ବିଷ୍ଣୁ ସହସ୍ର ନାମ, ଗୀତା ପାଠ ଓ ସଂକୀର୍ତ୍ତନ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏଥିସହିତ ଷୋଡଶ ଉପଚାର ପୂଜା, ବିଶ୍ୱଶାନ୍ତି ଯଜ୍ଞ ସହିତ ଧ୍ୱଜ ଆରୋହଣ ନୀତିକାନ୍ତି ସଂପନ୍ନ ହୋଇଥିଲା । ଏ ଅବସରରେ ଶହ ଶହ ସଂଖ୍ୟକ ଶ୍ରଦ୍ଧାଳୁ ବରାହ ଜୀଉଙ୍କ ଦର୍ଶନ କରିବା ସହିତ ପୂଜାର୍ଘ୍ୟ ବାଢ଼ିଥିଲେ । ପାରମ୍ପରିକ ରୀତିନୀତି ଅନୁସାରେ ଯଜ୍ଞ ବରାହଙ୍କୁ ପୂଜା କରାଯିବା ସହିତ ମନ୍ଦିର ଉପରେ ଧ୍ୱଜା ରୋପଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ପ୍ରଭୁ ଦାରୁ ଗଛର ବକଳରୁ ନିର୍ମିତ ହୋଇଥିବାରୁ ଏହି ଅମାବାସ୍ୟାର ନାମ ବକୁଳ ଅମାବାସ୍ୟା ବୋଲି କୁହାଯାଏ । ସେଥିପାଇଁ ବକୁଳ କଢ଼ ଠାକୁରଙ୍କୁ ପୂଜା କରି ଭକ୍ତଙ୍କୁ ପ୍ରଦାନ କରାଯାଇଛି । ସନ୍ଧ୍ୟାରେ ଘରେ ଘରେ ଗଇଁଠା ପିଠା ପ୍ରସ୍ତୁତ କରାଯାଇ ଠାକୁରଙ୍କୁ ନୈବିଦ୍ୟ ପ୍ରଦାନ କରାଯିବା ସହିତ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା ।

## ଷଣ୍ଢ ଚାଲାଣ; ଦୁର୍ବୃତ୍ତ ଫେରାର, ଗାଡ଼ି ଜବତ

କବାଟବନ୍ଧ, ୩୦।୧୨ (ସମିସ): ବେଆଇନ ଗୋରୁ, ଷଣ୍ଢ ଆଦି ଚାଲାଣ ବିରୁଦ୍ଧରେ ସରକାର ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ତଥାପି ଏହା ଉପରେ ରୋକ ଲାଗିପାରୁନି । ଜିଲ୍ଲାର ବିଭିନ୍ନ ସ୍ଥାନରେ ଅନେକ ସମୟରେ ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ଗୋରୁ ଓ ଷଣ୍ଢ ଚାଲାଣ ହେଉଥିବାବେଳେ ଜନସାଧାରଣ କିମ୍ବା ପୁଲିସ ଉଦ୍ଧାର କରୁଥିବା ଦେଖିବାକୁ ମିଳୁଛି । ରବିବାର ବିଳମ୍ବିତ ରାତିରେ ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବୃନ୍ଦାଦେଇପୁର ପଞ୍ଚାୟତର ରଘୁନାଥପୁର ଗ୍ରାମରୁ ୧୨ଟି ଷଣ୍ଢକୁ ଉଦ୍ଧାର କରିବା ସହିତ ଏକ ନମ୍ବର ବିହୀନ ଗାଡ଼ିକୁ ଜେନାପୁର ପୁଲିସ ଜବତ କରିଥିବା ସୂଚନା ମିଳିଛି । ରବିବାର ବିଳମ୍ବିତ ରାତିରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଧର୍ମଶାଳା ମହୋତ୍ସବ ଦେଖି ରଘୁନାଥପୁର ଗ୍ରାମ ଦେଇ ଫେରୁଥିଲେ । ଏହି ରଘୁନାଥପୁର ଗ୍ରାମରେ ଥିବା ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟ ଆଗରେ ଏକ ଟ୍ରାକ୍ଟର ଗାଡ଼ିକୁ ଦେଖି ସନ୍ଦେହ କରିଥିଲେ । ପାଖକୁ ଯାଇ ଦେଖିବା ପରେ ସ୍କୁଲ ପରିସରରେ ୫ଟି ଷଣ୍ଢକୁ ବାନ୍ଧି ରଖାଯାଇଥିଲା । ପରେ ସେଠାରେ ଥିବା ଏକ ପିକଅପ ଗାଡ଼ି ଡ଼ାଲାକୁ ଯାଞ୍ଚ କରିବା ପରେ ତାହା ଭିତରେ ୭ଟି ଷଣ୍ଢ ଅସୁରକ୍ଷିତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଥିଲା । ଏହି ସମୟରେ ଗାଡିର ଡ୍ରାଇଭର କୌଶଳ କ୍ରମେ ସେଠାରୁ ଖସି ପଳାଇଥିଲେ । ଯୁବକମାନେ ଜେନାପୁର ଥାନାକୁ ଖବର ଦେଇଥିଲେ । ଖବର ପାଇ ସବଇନ୍ସପେକ୍ଟର ଶଶୀଭୂଷଣ ପରିଡା ସଦଳବଳେ ପହଞ୍ଚି ୧୨ଟି ଷଣ୍ଢକୁ ଉଦ୍ଧାର କରି ଗାଡ଼ିକୁ ଜବତ କରିଥିଲେ ।

## ସୁକିନ୍ଦା ଅଞ୍ଚଳରୁ ଚୋରା ଧାନ ବୋଝେଇ ଗାଡ଼ି ଜବତ

ସୁକିନ୍ଦା,୩୦।୧୨(ସମିସ): ଲଗୁଚାପ ବର୍ଷାରେ ହଜାର ହଜାର ହେକ୍ଟର ଜମିରେ ବର୍ଷା ପାଣି ଜମି ରହି ପଚିବାକୁ ବସିଥିବାବେଳେ ଏହାର ସୁଯୋଗ ନେଇ କିଛି ଧାନ ମାଫିଆ ଶାଗମାଛ ମୂଲ୍ୟରେ ଚାଷୀଙ୍କ ଧାନ କିଣି ବାହାରକୁ ବିକ୍ରି କରୁଥିବା ଅଭିଯୋଗ ହୋଇଆସୁଥିଲା । ଘଟଣା ସମ୍ପର୍କରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ନଜରକୁ ଆସିଥିଲା । ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଚାଷୀ ଏହା ଉପରେ ନଜର ରଖିଥିଲେ । ଆଜି ସୁକିନ୍ଦା ଥାନା ଅନ୍ତର୍ଗତ



ବୋତଲଣ୍ଡା ଗ୍ରାମରେ ତାମିଲନାଡୁ ରାଜ୍ୟର ଏକ ୧୪ ଚକିଆ ଗାଡ଼ିରେ ୨୦ ଟନ୍‌ରୁ ଉର୍ଦ୍ଧ୍ୱ ଧାନ ବୋଝେଇ ହୋଇ ରାଜ୍ୟ ବାହାରକୁ ଚୋରା ଚାଲାଣ କରିବାକୁ ଦଲାଲ ମସୁଧା କରୁଥିବାବେଳେ ସ୍ଥାନୀୟ ଚାଷୀ ସୁକିନ୍ଦା ଆଇଆଇସି ବିଲ୍ୱମଙ୍ଗଳ ସେଠୀଙ୍କୁ ସୂଚନା ଦେଇଥିଲେ । ଆଇଆଇସି ଶ୍ରୀ ସେଠୀଙ୍କ ନିର୍ଦ୍ଦେଶକ୍ରମେ ସୁକିନ୍ଦା ଥାନା ଏଏସ୍‌ଆଇ ଗୋପାଳ ଚାସ ବୋତଲଣ୍ଡା ଗ୍ରାମକୁ ଯାଇ ସଂପୃକ୍ତ ଧାନ ବୋଝେଇ କରି ବାହାର ରାଜ୍ୟକୁ ନେଉଥିବା ଟ୍ରକକୁ ଜବତ କରିଥିଲେ । ତେବେ ଘଟଣାସ୍ଥଳକୁ ଯାଇଥିବା ଥାନା ଅଧିକାରୀଙ୍କ ଉପସ୍ଥିତିରେ ଧାନ ମାଫିଆ ଜଣକ ଜବତ ଟ୍ରକରୁ ଅଧାରୁ ଅଧିକ ଧାନ ଜାଡ଼ି ନେଇଥିବା ବୋଦଲଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

### ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ ଉଦ୍‌ଯାପିତ

# 'ପୁସ୍ତକ ଜ୍ଞାନର ଗନ୍ତାଘର, ଜୀବନର ସର୍ବଶ୍ରେଷ୍ଠ ବନ୍ଧୁ'

ଯାଜପୁର,୩୦ ।୧୨(ସମିସ): ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ ଉଦ୍‌ଯାପିତ ହୋଇଛି । ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଭୂଲେଖ ଓ ବନ୍ଦୋବସ୍ତ ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ମା'ବିରଜାଙ୍କ ଫଟୋରେ ମାଲ୍ୟାର୍ପଣ କରି ଉଦ୍‌ଘାଟନ କରିଥିଲେ । ସଂଗଠନ ସଂପାଦକ ହୃଷିକେଶ ପତି ସ୍ତୋତ୍ର ପାଠ କରିଥିଲେ । ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ମହାପାତ୍ର ପରିଚୟ ପ୍ରଦାନ କରିଥିଲେ । ପୁସ୍ତକ ମହୋତ୍ସବ କମିଟି ସଂପାଦକ ଡ. କାହ୍ନୁଚରଣ ମିଶ୍ର ବିଷଦ ଭାବେ ପୁସ୍ତକ ମହୋତ୍ସବ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ଉଦ୍‌ଘାଟକ ଅକ୍ଷୟ କୁମାର ମଲ୍ଲିକ କହିଥିଲେ, ପୁସ୍ତକର କେବେ ମୃତ୍ୟୁ ନାହିଁ । ପୁସ୍ତକ ଶାନ୍ତି, ମୈତ୍ରୀ ଓ ପରସ୍ପର ମଧ୍ୟରେ ବନ୍ଧୁତା ସୃଷ୍ଟି କରିଥାଏ । ପୁସ୍ତକ ମେଳା ଏକ ବିପ୍ଳବ । ପୁସ୍ତକ ଅଭାବ ଅନଟନ ସମୟରେ ଆମକୁ ଶାନ୍ତି ଓ ଆତ୍ମୀୟ ଦେଇଥାଏ । ପୁସ୍ତକ



ସମସ୍ତଙ୍କୁ ଆପଣାର କରିଥାଏ ବୋଲି ପ୍ରକାଶ କରିଥିଲେ ।

ମୁଖ୍ୟଅତିଥି ଭାବେ ପୂର୍ବତନ ଯାଜପୁର ଜିଲ୍ଲା ପରିଷଦ ସଭାପତି ଗୌତମ ରାୟ ଯୋଗଦେଇ ପୁସ୍ତକ ଜୀବନକୁ ସରସ, ସୁନ୍ଦର ଓ କମନୀୟତାର ସହକାରେ ଭରିଦିଏ । ବରେଣ୍ୟ ଅତିଥିଭାବେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦୁ ସାମଲ ଯୋଗଦେଇ ପୁସ୍ତକର ଭାଷା ମନୁଷ୍ୟକୁ ଆନନ୍ଦ, ଉଲ୍ଲାସ ଓ ଜ୍ଞାନାଲୋକ ପ୍ରଦାନ କରି ଉତ୍ତୁଙ୍ଗ ସୋପାନରେ ଆସୀନ କରିଥାଏ ବୋଲି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନ ତଥା ଗୀତିକାର ରବିନାରାୟଣ ନନ୍ଦ ଯୋଗଦେଇ ବହିର ସୃଷ୍ଟି .ଇନାରୁ ହୋଇଥିଲେ ମଧ୍ୟ ଭାରତୀୟ ତାଳପତ୍ର ପୋଥି ସର୍ବପୁରାତନ ଲିଖିତ ଗ୍ରନ୍ଥ ବୋଲି କହିଥିଲେ । ସମ୍ମାନିତ ବକ୍ତା ଭାବେ ସାହିତ୍ୟିକ ପ୍ରବୀର ମହାନ୍ତି ଯୋଗଦେଇ ପୁସ୍ତକ ମହୋତ୍ସବର ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି 'କାଳୀ' ସଂପାଦକ ଘନ ପରିଡ଼ା ଯୋଗଦେଇ ପୁସ୍ତକ ହେଉଛି ବିପ୍ଳବର ବିଦଗ୍ଧ ସ୍ଫୁଲିଙ୍ଗ ଚେତନା ଓ ପ୍ରଜ୍ଞାର ମନୋଜ୍ଞ ପ୍ଲାବନ, ପୁସ୍ତକ ଜ୍ଞାନର ଗନ୍ତାଘର ଜୀବନର ସର୍ବଶ୍ରେଷ୍ଠ ବନ୍ଧୁ ବୋଲି ପ୍ରକାଶ କରିଥିଲେ । ଡେପୁଟି କଲେକ୍ଟର ରଶ୍ମିରଂଜନ ମଲ୍ଲିକ ଓ ଶାଶ୍ୱତୀ ସଦୁଆଳ ଯୋଗଦେଇ ପୁସ୍ତକ ଜ୍ଞାନ ଓ ବିଜ୍ଞାନର ସମ୍ମିଶ୍ରଣ ବୋଲି କହିଥିଲେ । ଯାଜପୁର ଡିଏଭି ସ୍କୁଲ ପକ୍ଷରୁ କଳାକାର ବନ୍ଦେ ଉତ୍କଳଜନନୀ ସଂଗୀତ ଗାନ କରିଥିଲେ । ଅଧିକାରୀ ନବକିଶୋର ଦାସ, ସନ୍ତୋଷ ରାଉତ, ଡଃ ଅକ୍ଷୟ କୁମାର ପଣ୍ଡା, ହରିହର ସ୍ୱାଇଁ, ଗୁରୁକୃଷ୍ଣ ଦାଶ, ବିଜୟ ମହାପାତ୍ର, ସଂଗ୍ରାମ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ । ବିଶିଷ୍ଟ ସମାଜସେବୀ ପ୍ରମିଳା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାମ୍ବାଦିକ ମନୀଷା ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାଂସ୍କୃତିକ ସମ୍ପାଦକ ସନ୍ତୋଷ କୁମାର ମିଶ୍ର ସାଂସ୍କୃତିକ ସଂପାଦକ ସନ୍ତୋଷ କୁମାର ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରି.ଳନା କରିଥିଲେ । ଗଣମାଧ୍ୟମ ସଂଯୋଜକ ଆଦିତ୍ୟ ମହାନ୍ତି ସମସ୍ତ କାର୍ଯ୍ୟକୁ ସଂଯୋଜନା କରିଥିଲେ । ବିଭୂତି ଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

## ଟ୍ରେନ୍‌ରୁ ଖସି ଯୁବକ ମୃତ

କବାଟବନ୍ଧ,୩୦।୧୨(ସମିସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଚଉଷଠିପଡ଼ା ନିକଟସ୍ଥ ରେଲୱେ ବ୍ରିଜ ନିକଟରୁ ଯୁବକଙ୍କ ମୃତଦେହ ମିଳିଥିବା ଜଣାପଡିଛି । ମୃତଦେହକୁ ଜେନାପୁର ପୁଲିସ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ମୃତକ ଜଣକ ପଶ୍ଚିମବଙ୍ଗ ରାଜ୍ୟର ମାଲଦା ଜିଲ୍ଲା ଭୁସନମନଗର ଥାନା ଅଧୀନ ସତର ମାଇଲ ଗ୍ରାମର ସୁଚେନ ଦାସଙ୍କ ପୁଅ ପ୍ରଦୀପ ଦାସ ବୋଲି ଜଣାପଡିଛି । ପ୍ରଦୀପ ତାଙ୍କ ସାଙ୍ଗଙ୍କ ସହିତ ପଶ୍ଚିମବଙ୍ଗରୁ ଆନ୍ଧ୍ରପ୍ରଦେଶ ଟ୍ରେନ୍ ଯୋଗେ ଯାତ୍ରା କରୁଥିଲେ । କୌଣସି କାରଣରୁ ସେ ବ୍ରିଜ୍ ନିକଟରେ ଖସି ପଡ଼ିଥିଲେ । ତାଙ୍କ ମୃତଦେହ ନଦୀ ବାଲିରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ ।

## ଏକାଧିକ ସ୍ଥାନରୁ ଚୋରି

କୟାଁଗୋଲା, ୩୦।୧୨(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଥାନା ଅଧୀନ ବିରିପଟା ପଞ୍ଚାୟତ ବରେଇଁ ଗ୍ରାମର ତନ୍ଦ୍ରାକ୍ଷୀ ସାମଲଙ୍କ ଘରୁ ୨୯ ତାରିଖ ବିଳମ୍ବିତ ରାତିରେ ଚୋରି ହୋଇଛି । ସ୍ୱାମୀ ରମେଶ ଚନ୍ଦ୍ର ସାମଲ ବାହାର ରାଜ୍ୟକୁ କାର୍ଯ୍ୟ କରିବାକୁ ଯାଇଥିବାବେଳେ ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଏପରି କାଣ୍ଡ ଘଟାଇଥିବା ଜଣାପଡ଼ିଛି । ସେହିପରି ବରେଇଁ ଗ୍ରାମର ମା' ତାରିଣୀ ମନ୍ଦିରରୁ ଚୋରି ହୋଇଥିବାବେଳେ ଗ୍ରାମର ବୀରେନ୍ଦ୍ର ଜେନାଙ୍କ ଘର ବାରଣ୍ଡାରେ ଥିବା ସାଇକଲ ଚୋରି ହୋଇଛି ।ଏ ନେଇ ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଛି ।

## ରୋଟାରୀ କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଓ ରାସନ ବଣ୍ଟନ



ବ୍ୟାସନଗର,୩୦ ।୧୨(ସମିସ): ରୋଟାରୀ କ୍ଲବ ଡିଷ୍ଟ୍ରିକ୍ଟ-୩୨୬୨ ଭୁବନେଶ୍ୱର ପାସପୋର୍ଟ କ୍ଲବ ପକ୍ଷରୁ ସେଣ୍ଟେନିଆଲ୍ କ୍ଲବ, କନଫ୍ଲୁଏନ୍ସ କ୍ଲବ ଓ କଳିଙ୍ଗନଗର କ୍ଲବ ସହଭାଗିତାରେ ଯାଜପୁର ଜିଲ୍ଲାର ଦୁର୍ଗମ ଗୁହିଆଶାଳ ଗାଁରେ ବିଭିନ୍ନ ସାମାଜିକ ସେବା କାର୍ଯ୍ୟକ୍ରମ ପୂର୍ବତନ ଆରଡ଼ିସି ରଞ୍ଜନ କୁମାର ଦାସଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । କନଫ୍ଲୁଏନ୍ସ କ୍ଲବର ପୂର୍ବତନ ସଭାପତି ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ଲଳିତ ବେହେରା ଓ ଡାକ୍ତର ଲିପସିତା ପ୍ରିୟଦର୍ଶିନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ସ୍କୁଲ ପରିସରରେ ଆୟୋଜିତ ମାଗଣା ସ୍ୱାସ୍ଥ୍ୟ ଶିବିରରେ ୨୫ରୁ ଅଧିକ ଶିଶୁଙ୍କ ସମେତ ୫୦ରୁ ଅଧିକ ସାଧାରଣ ରୋଗୀ ଉପକୃତ ହୋଇଥିଲେ । ଅଧିକାଂଶ ବ୍ୟକ୍ତି ଚର୍ମରୋଗ ଓ କୃମି ରୋଗରେ ଆକ୍ରାନ୍ତ ଥିବା ଜଣାପଡିଥିଲା । ପାସପୋର୍ଟ କ୍ଲବ ସଭାପତି ସସ୍ମିତା ବେହେରା, ସମ୍ପାଦକ ବାସନ୍ତୀ ରଥ, ନିର୍ଦ୍ଦେଶକ ଅପର୍ଣ୍ଣା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗାଁର ସମସ୍ତ ୩୭ଟି ଜୁଆଙ୍ଗ ପରିବାରକୁ ଗୋଟିଏ ଲେଖାଏଁ ନୂଆ ଶାଢ଼ି, ହାପପ୍ୟାଣ୍ଟ ଓ କମ୍ବଳ ଏବଂ ସୋରିଷ ତେଲ, ଲୁଣ ଓ ହଳଦୀ ଥାଇ ରାସନ ପୁଡିଆ ପ୍ରଦାନ କରାଯାଇଥିଲା । ସେଣ୍ଟେନିଆଲ୍ କ୍ଲବର ପୂର୍ବତନ ସଭାପତି ମୃଣାଳ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଳିଙ୍ଗନଗର କ୍ଲବ ସଭାପତି କମଳଲୋଚନ ସାହୁ, ସମ୍ପାଦକ ଗୋପିନାଥ ସାହୁ ଓ ଜୋନାଲ ଅଧ୍ୟକ୍ଷ ସୁଦୀପ ମିଶ୍ର ସହଯୋଗ କରିଥିଲେ ।

## ଡାକ୍ତରାଣୀଙ୍କୁ ଅସଦ୍‌ବ୍ୟବହାର ଅଭିଯୋଗରେ ୨ ଗିରଫ

ବ୍ୟାସନଗର,୩୦ ।୧୨(ସମିସ): ସ୍ଥାନୀୟ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ରାତ୍ର ସମୟରେ ଜଣେ କାର୍ଯ୍ୟରତ ଡାକ୍ତରାଣୀଙ୍କୁ ଅସଦ୍‌ବ୍ୟବହାର ଅଭିଯୋଗରେ ଆଦର୍ଶ ଥାନା ପୁଲିସ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ରବିବାର ବିଳମ୍ବିତ ରାତିରେ କେନ୍ଦୁଝର ଜିଲ୍ଲା ହାଟଡିହି ଅଞ୍ଚଳର ପ୍ରଶାନ୍ତ ସେଠୀ ଦେହ ଖରାପ ହେବାରୁ କୋରେଇ ଥାନା ଅଶୋକଝର ଅଞ୍ଚଳର ହରମୋହନ ସେଠୀଙ୍କୁ ଧରି ଚିକିତ୍ସା ପାଇଁ ଯାଜପୁରରୋଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ । ଚିକିତ୍ସା ସମୟରେ କୌଣସି କାରଣକୁ ନେଇ ଯୁବକ ଦ୍ୱୟ କାର୍ଯ୍ୟରତ ଡାକ୍ତରାଣୀଙ୍କୁ ଖରାପ ବ୍ୟବହାର କରିଥିଲେ । ସେ ପ୍ରତିବାଦ କରିବାରୁ ପ୍ରଶାନ୍ତ ଓ ତାଙ୍କ ସାଥିରେ ଆସିଥିବା ହରମୋହନ ଉତକ୍ଷିପ୍ତ ହୋଇ ତାଙ୍କୁ ଅସଦ୍‌ବ୍ୟବହାର କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ କର୍ମଚାରୀ ଯାଜପୁରରୋଡ ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ଯୁବକ ଦ୍ୱୟଙ୍କୁ ଗିରଫ କରି ଥାନାକୁ ନେଇଥିଲେ । ସୋମବାର ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ ଡଷ୍ଟବିନ୍ ବଣ୍ଟନ

ଦାନଗଦି,୩୦।୧୨(ସମିସ): ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍‌ ଯାଜପୁର ଦ୍ୱାରା ଦାନଗଦି ପଞ୍ଚାୟତ ସମିତି ଅଧୀନସ୍ଥ ସୋଲେଇ ଗ୍ରାମର ୨୫୦ ଜଣ ଅଧିବାସୀଙ୍କୁ ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁ ସଂଗ୍ରହ କରିବା ନିମନ୍ତେ ଜଣ ପିଛା ଦୁଇଟି କରି ୫୦୦ଟି ଡଷ୍ଟବିନ



ପ୍ରଦାନ କରାଯାଇଛି । ଏ ପରିପ୍ରେକ୍ଷୀରେ ଏକ ଡଷ୍ଟବିନ ବିତରଣ ଓ ପରିବେଶ ସଚେତନ କାର୍ଯ୍ୟକ୍ରମ ଦାନଗଦି ଭବନରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ତ୍ରିଜଙ୍ଗା ପଞ୍ଚାୟତ ସମିତି ସଭ୍ୟ ଜାହାଙ୍ଗୀର ଖାଁ, ତ୍ରିଜଙ୍ଗା ପଞ୍ଚାୟତର ସମ୍ପ୍ରସାରଣ ଅଧିକାରୀ କାମିନୀ ସାହୁଙ୍କ ସମେତ ଜିନ୍ଦଲ ଷ୍ଟେନଲେସର ବରିଷ୍ଠ ଅଧିକାରୀଗଣ ଯୋଗଦେଇ ଜିନ୍ଦଲ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଷ୍ଟେନଲେସ ସ୍ୱଚ୍ଛତା ଅଭିଯାନ ପ୍ରକଳ୍ପର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଲୋକଙ୍କ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ଏ ପରିପ୍ରେକ୍ଷୀରେ ସୋଲେଇ ଗ୍ରାମର ଶ୍ରୀମତୀ ଶୈଳବାଳା ସାହୁ ଓ ଦିଲ୍ଲୀପ ସାହୁ ଷ୍ଟେନଲେସ ସ୍ୱଚ୍ଛତା ଅଭିଯାନ ପ୍ରକଳ୍ପ କିପରି ଗ୍ରାମ୍ୟ ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବାରେ ସହାୟକ ହୋଇପାରୁଛି ସେ ବିଷୟରେ କହିଥିଲେ । ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍‌ ଏହାର ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ମାଧ୍ୟମରେ ଶୋଲେଇ ଗ୍ରାମକୁ ଏକ ଆଦର୍ଶ ସ୍ୱଚ୍ଛ ଗ୍ରାମ କରିବା ପାଇଁ ଷ୍ଟେନଲେସ ସ୍ୱଚ୍ଛତା ଅଭିଯାନ ପ୍ରକଳ୍ପ କାର୍ଯ୍ୟ କରିଆସୁଛି । ଏହି ପ୍ରକଳ୍ପ ମାଧ୍ୟମରେ ଗ୍ରାମର ଅଧିବାସୀଙ୍କୁ ସ୍ୱଚ୍ଛତା ସମ୍ବନ୍ଧରେ ସଚେତନ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନେଇ ଏକ ସ୍ୱଚ୍ଛ ଗ୍ରାମ ଗଠନ କରିବାର ପ୍ରୟାସ ଜାରି ରଖିଛି । ଏହି ପ୍ରକଳ୍ପ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ବିଭିନ୍ନ ଆବର୍ଜନାପୂର୍ଣ୍ଣ ସ୍ଥାନ ଚିହ୍ନଟ କରି ସେଗୁଡିକୁ ବର୍ଜ୍ୟମୁକ୍ତ କରିବା ସହିତ ସେହି ସ୍ଥାନରେ ଆଳଙ୍କାରିକ ବୃକ୍ଷରୋପଣ, ପ୍ରତିଦିନ ପ୍ରତ୍ୟେକ ଘରୁ ଅଳିଆ ସଂଗ୍ରହ, ଗ୍ରାମର ପ୍ରତ୍ୟେକ ବର୍ଗର ଲୋକଙ୍କୁ ନେଇ ଗ୍ରାମ୍ୟ ସ୍ୱଚ୍ଛତା କମିଟି ଗଠନ କରାଯାଇଛି । ଚଳିତ ବର୍ଷ ଶୋଲେଇ ଗ୍ରାମକୁ ଏକ ଆଦର୍ଶ ଆବର୍ଜନା ମୁକ୍ତ ଗ୍ରାମ କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଡଷ୍ଟବିନ ବିତରଣ କାର୍ଯ୍ୟକ୍ରମକୁ ଗ୍ରାମର ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି ।

## ଜାନୁଆରୀ ଓ ଫେବୃଆରୀ ମାସର ମିଳିତ ଜନଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ

ଯାଜପୁର, ୩୦।୧୨(ସମିସ): ଆଗାମୀ ୨୦୨୫ ଜାନୁଆରୀ ଓ ଫେବୃଆରୀ ମାସରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲଙ୍କ ଜିଲ୍ଲାସ୍ତରୀୟ ଓ ଜିଲ୍ଲାର ବିଭିନ୍ନ ବ୍ଲକ୍‌ସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ପାଇଁ କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଛି । ଜାନୁଆରୀ ୧ ତାରିଖରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି, ୧୩ ତାରିଖରେ କଳିଙ୍ଗନଗର (କେଏନଡିଏ) ସମ୍ମିଳନୀ ଗୃହ, ୨୦ ତାରିଖରେ ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ୨୭ ତାରିଖରେ ଦାନଗଦି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ଘ ୨.୦୦ ଟିକା ସମୟ ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ଫେବୃଆରୀ ମାସ ୩ ତାରିଖରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ୧୦ ତାରିଖରେ ସୁକିନ୍ଦା ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ୧୭ ତାରିଖରେ କୋରେଇ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ୨୪ ତାରିଖରେ ବିଂଝାରପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୨.୦୦ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ଏଣୁ ରସୁଲପୁର, ଦାନଗଦି, ସୁକିନ୍ଦା, ବିଞ୍ଝାରପୁର, କୋରେଇ ବ୍ଲକ ଓ ଜିଲ୍ଲାର ଯେଉଁ ଜନସାଧାରଣଙ୍କ କୌଣସି ଅଭିଯୋଗ ଥିଲେ ସେମାନେ ନିର୍ଦ୍ଧାରିତ ଦିବସ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ସେମାନଙ୍କ ଅଭିଯୋଗର ସମାଧାନ କରିବାକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଜାନୁଆରୀ ୨୫ରୁ ଓଳାଶୁଣୀ ଗୁମ୍ଫା ଯାତ୍ରା

ବାଲିଚନ୍ଦ୍ରପୁର, ୩୦।୧୨(ସମିସ): ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫାଯାତ୍ରା ଆଗାମୀ ଜାନୁଆରୀ ୨୫ ତାରିଖରୁ ଆରମ୍ଭ ହେବ । ବ୍ରହ୍ମଦର୍ଶୀ ମହାପୁରୁଷ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ପୁଣ୍ୟତିଥିରେ ଅନୁଷ୍ଠିତ ମେଳାରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଆୟୋଜିତ ହେବାକୁ ହେବ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମାରୋହ ଓଳାଶୁଣୀ ଗୁମ୍ଫା ମହୋତ୍ସବର ଭବ୍ୟ କାର୍ଯ୍ୟକ୍ରମ । ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ



ବାସଭବନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲ । ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ବୈଠକରେ ମହୋତ୍ସବ ଅଭ୍ୟର୍ଥନା ସମିତି ଅଧ୍ୟକ୍ଷ ଭାବେ ବଡ଼ଚଣା ବିଧାୟକଙ୍କୁ ସର୍ବସମ୍ମତି ଭାବେ ଗ୍ରହଣ କରାଯାଇଛି । ମହୋତ୍ସବ ଅବସରରେ ଓଳାଶୁଣୀ ଗୁମ୍ଫା ବଡ଼ଦାଣ୍ଡରେ ଉତ୍ସବର ଶୁଭାରମ୍ଭ, ମା' ଓଳାଶୁଣୀଙ୍କ ପୀଠରୁ ଆଜ୍ଞାମାଳା ଯାତ୍ରା, ସାଧୁସନ୍ଥ ସମାଗମ ଓ ସନ୍ଥ ସମ୍ବର୍ଦ୍ଧନା, ବିଶିଷ୍ଟ ଆଧ୍ୟାତ୍ମିକ ସାଧକ ଓ ବିଦ୍ୱାନଙ୍କୁ 'ସନ୍ଥ ଅରକ୍ଷିତ ଦାସ ସମ୍ମାନ' ଓ 'ଓଳାଶୁଣୀ ସମ୍ମାନ', ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ଆୟୋଜିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ମ୍ୟାନେଜିଂ ଟ୍ରଷ୍ଟି ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ, ଟ୍ରଷ୍ଟି ତଥା ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ ଆଲୋଚନାରେ ଯୋଗଦେଇ ରାଜ୍ୟର ଏହି ପ୍ରମୁଖ ଧର୍ମ-ସଂସ୍କୃତି-ପର୍ଯ୍ୟଟନ କ୍ଷେତ୍ର ଓଳାଶୁଣୀର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ ।



### ଧର୍ମଶାଳା ମହୋତ୍ସବର ପଞ୍ଚମ ସନ୍ଧ୍ୟା

## ମଣ୍ଟୁ ଛୁରିଆ ଓ ସାଥୀ କଳାକାରଙ୍କ ସଙ୍ଗୀତ ପରିବେଷଣ

ଜାରକା, ୩୦।୧୨(ସମିସ): ଧର୍ମଶାଳା ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ଖୋଲା ମୁକ୍ତାକାଶ ରଙ୍ଗମଞ୍ଚରେ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ଓ ତାଙ୍କ ସାଥୀଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ଆଜି ମହୋତ୍ସବ ପଡିଆରେ ପ୍ରବଳ ଜନସମାଗମ ହୋଇଥିଲା । ସନ୍ଧ୍ୟା ହେବା ମାତ୍ରେ ମହୋତ୍ସବ ପଡିଆରେ ଦର୍ଶକଙ୍କ ଅସମ୍ଭବ ଭିଡ ଲାଗିଥିଲା । ଦର୍ଶକ ମେଳାରେ ବୁଲି ବିଭିନ୍ନ ଷ୍ଟଲରୁ ସୁସ୍ୱାଦୁ ଖାଦ୍ୟ ଖାଇବା ସହ ଘରକରଣା ଜିନିଷ କିଣି ଘରକୁ ନେଉଥିବା ଦେଖିବାକୁ ମିଳୁଛି । ଧର୍ମଶାଳା ବ୍ଲକ ଓ ଏହାର ଆଖପାଖ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରୁ ହଜାର ହଜାର ସଂଖ୍ୟାରେ ଦର୍ଶକ ଆସି ମଣ୍ଡପରେ ଲକ୍ଷ୍ମୀନାରାୟଣ ଠାକୁରଙ୍କୁ ଦର୍ଶନ କରିବା ସହ ମେଳାରେ ବୁଲିବା ମଜା ନେଉଛନ୍ତି । ମହୋତ୍ସବ ପଡିଅରେ ନିର୍ମାଣ ହୋଇଥିବା ମୁକ୍ତାକାଶ ମଞ୍ଚରେ ପ୍ରତ୍ୟେକ ସନ୍ଧ୍ୟାରେ ଓଲିଉଡ ଓ ବଲିଉଡ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଆଜି ସନ୍ଧ୍ୟାରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ଦ୍ୱାରା ପରିବେଶିତ ସଙ୍ଗୀତ ଓ ତାଙ୍କ ସାଥୀଙ୍କ ଦ୍ୱାରା ପରିବେଶିତ ନୃତ୍ୟ ଓ ସଙ୍ଗୀତ ବେଶ ମନଛୁଆଁ ହୋଇଥିଲା । ଛୁରିଆଙ୍କ କଣ୍ଠରେ ଓଡ଼ିଆ ଚଳଚିତ୍ର, ଓଡ଼ିଆ ଆଧୁନିକ ଓ ହିନ୍ଦି ସିନେମା ଗୀତ ବେଶ୍ ମନଛୁଆଁ ହୋଇଥିଲା । ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ଦର୍ଶକ ମଞ୍ଚ ସମ୍ମୁଖରେ ରହି ସଙ୍ଗୀତ ଓ ନୃତ୍ୟକୁ ଭରପୁର ଉପଭୋଗ କରିଥିଲେ । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଦାନରେ ଅନୁଷ୍ଠିତ ଧର୍ମଶାଳା ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଚଳିତଥର କମିଟିର ସଭାପତି ରବିନାରାୟଣ ସାହୁ, ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାଶ, ଉପସଭାପତି ସର୍ବେଶ୍ୱର ବେହୁରା, ସମ୍ପାଦକ ଜିତେନ୍ଦ୍ର ରାଉତ, ସମ୍ପାଦକ ଶ୍ରୀକାନ୍ତ ସାହୁ, ସଂଯୋଜକ ଦେବରାଜ ମିଶ୍ର, ସବ୍ୟସାଚୀ ସୁନ୍ଦରରାୟ, ରାଜେଶ ପାଳ, କାଶୀନାଥ ସାହୁ, ରବିନ୍ଦ୍ର କୁମାର ମହାନ୍ତି, ଲୋକନାଥ ମହାନ୍ତି ପ୍ରମୁଖ କର୍ମକର୍ତ୍ତା ଓ ସମସ୍ତ ସଦସ୍ୟମାନେ ପରିଚାଳନା କରୁଛନ୍ତି ।

# ତାତିରୁ ଆରମ୍ଭ

## ଧ୍ୱଂସାବଶେଷ ସାମ୍ନାରେ ଇସ୍ରାଏଲ୍ ମହିଳା ସୈନିକଙ୍କ ସେଲ୍‌ଫି



## ଅଟକିଲା ୱାକଫ୍, ନିର୍ବାଚନ ବିଲ୍

ଗତ ଅଗଷ୍ଟ ୮ରେ କେନ୍ଦ୍ର ସରକାର ଲୋକସଭାରେ ୱାକଫ୍ ସଂଶୋଧନ ବିଲ୍ ଆଗତ କରିଥିଲେ। ନୂଆ ବିଲ୍‌ରେ ୪୪ଟି ସଂଶୋଧନ କରାଯାଇଥିଲା। ଏହି ବୋର୍ଡରେ ମୁସଲିମ ମହିଳା ଏବଂ ଅଣ-ମୁସଲମାନଙ୍କୁ ରଖିବା ବାଧ୍ୟତାମୂଳକ କରାଯାଇଥିଲା। କିନ୍ତୁ ବିଲ୍ ଉପସ୍ଥାପନ ହେବା ମାତ୍ରେ ପ୍ରବଳ ହଙ୍ଗାମା ହୋଇଥିଲା। ଶେଷରେ ସରକାର ଏହାକୁ ଜେପିସିକୁ ପଠାଇ ଦେଇଥିଲେ। ସେହିପରି ମତଦାନ ପରେ ଡିସେମ୍ବର ୧୭ରେ କେନ୍ଦ୍ର ସରକାର ଲୋକସଭାରେ 'ଏକ ଦେଶ ଏକ ନିର୍ବାଚନ' ବିଲ୍ ଆଗତ କରିଥିଲେ। ଏହା ୧୨୯ ତମ ସମ୍ବିଧାନ ସଂଶୋଧନ ବିଲ୍ ଥିଲା। ମାତ୍ର ବିରୋଧୀଙ୍କ ବିରୋଧ ପରେ ସରକାର ଏହି ବିଲ୍‌କୁ ଜେପିସିକୁ ପଠାଇ ଥିଲେ। ଏହି ଜେପିସିରେ ଲୋକସଭା ଏବଂ ରାଜ୍ୟସଭାର ୩୧ ସଦସ୍ୟ ସାମିଲ ହୋଇଥିଲେ।



## ଅପ୍ରତ୍ୟାଶିତ ଫଳାଫଳ

ଦେଶରେ ଦରଦାମ୍ ବୃଦ୍ଧି, ବେକାରୀ ହାର, ଚାଷୀ ଆନ୍ଦୋଳନ, ଦୁର୍ନୀତି, କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଆଦି ପ୍ରସଙ୍ଗକୁ ନେଇ ତୁମ୍ବିତୋଫାନ ଜାରି ରହିଥିବାବେଳେ ଆସିଥିଲା ରାଜନୀତିର ମହାସମର 'ଲୋକସଭା ନିର୍ବାଚନ'। ଆଉ ଏହି ନିର୍ବାଚନ ପୂର୍ବରୁ ନାମ ପରିବର୍ତ୍ତନ କରି ୟୁପିଏରୁ 'ଇଣ୍ଡିଆ' ପାଲଟିଥିବା ବିରୋଧୀ ମେଣ୍ଟକୁ ଲାଗିଥିବା ବଡ଼ ଝଟ୍‌କା। ଏହି ମେଣ୍ଟର ପ୍ରତିଷ୍ଠାତା ସଦସ୍ୟ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପୁଣି ମାରିଥିଲେ ଡିଆଁ। ପଲଟୁରାମ ଭାବେ ପରିଚିତ ବିହାର ମୁଖ୍ୟମନ୍ତ୍ରୀ ଇଣ୍ଡିଆ ମେଣ୍ଟ ଛାଡ଼ି ଏନ୍‌ଡିଏରେ ସାମିଲ ହୋଇଥିଲେ। ଛାମୁଆ ଦଳଙ୍କୁ ଧରି ନିର୍ବାଚନର ମୈଦାନକୁ ଓହ୍ଲାଇଥିଲେ ବିଜେପି ନେତୃତ୍ୱାଧୀନ ଏନ୍ଡିଏ ଏବଂ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ।

ନିର୍ବାଚନରେ ବିଜେପି ବହୁମତ ହାସଲ କରି ନ ଥିଲେ ମଧ୍ୟ ଏନ୍‌ଡିଏ ମେଣ୍ଟ ସଂଖ୍ୟାଗରିଷ୍ଠତା ପାର୍ କରିଥିଲା। ଇଣ୍ଡିଆ ମେଣ୍ଟ ୨୩୪ ଆସନରେ ସୀମିତ ରହିଥିଲା। ଆଉ ଦେଶ ଏକ ମଜବୁତ ବିରୋଧୀ ଦଳ ପାଇଥିଲା। ତେବେ ଏହି ନିର୍ବାଚନରେ ସ୍ମୃତି ଇରାନୀ, ରାଜୀବ ଚନ୍ଦ୍ରଶେଖର, ଅର୍ଜୁନ ମୁଣ୍ଡା, ଆରକେ ସିଂହ, ଅଜୟ ମିଶ୍ରା ଟେନି, ମହେନ୍ଦ୍ର ନାଥ ପାଣ୍ଡେଙ୍କ ସମେତ ୧୫ କେନ୍ଦ୍ରମନ୍ତ୍ରୀ ପରାଜିତ ହୋଇଥିଲେ। ରାମ ମନ୍ଦିର ପ୍ରତିଷ୍ଠା ସତ୍ତ୍ୱେ ବିଜେପି ଅଯୋଧ୍ୟାରେ ହାରିଥିଲା।

## ବୁଲ୍‌ଡୋଜର୍‌ରେ ଲାଗିଲା ବ୍ରେକ୍



ଉତ୍ତର ପ୍ରଦେଶ ହେଉ ଅବା ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ ହେଉ କି ଜମ୍ମୁ-କଶ୍ମୀର ଅବା ଗୁଜରାଟ ସବୁଠି ସରକାର ଚଳାଇଥିବା ବୁଲ୍‌ଡୋଜର ରାଜ୍ ଉପରେ ସୁପ୍ରିମକୋର୍ଟ ସେପ୍ଟେମ୍ବର ୩ ତାରିଖରେ କଟକଣା ଲଗାଇ ଦେଇଥିଲେ। କେବଳ ଅଭିଯୋଗ ଆଧାରରେ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ। ଦୋଷୀ ହେଲେ ବି କାହାର ଘର ଏପରି ଭାବେ ଭଙ୍ଗାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଥିଲେ।

## ସଂସଦରେ ହଙ୍ଗାମା

ବିଦାୟୀ ବର୍ଷରେ ଅପ୍ରୀତକର ଘଟଣା ସହ ସଂସଦ ଅଧିବେଶନ ଶେଷ ହୋଇଥିଲା। ବଜେଟଠାରୁ ନେଇ ଶୀତ ଅଧିବେଶନ ପର୍ଯ୍ୟନ୍ତ ଏହା ଜାରି ରହିଥିଲା। ମଣିପୁର ହିଂସା, ଆଦାନୀ ପ୍ରସଙ୍ଗ, ଚାଷୀ ଆନ୍ଦୋଳନ, ୱାକଫ ବିଲ୍, ଆମ୍ବେଦକରଙ୍କ ଉପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଦେଇଥିବା ବିବାଦୀୟ ମନ୍ତବ୍ୟ, ଏକ ଦେଶ ଏକ ନିର୍ବାଚନ ଆଦିକୁ ନେଇ ବିରୋଧୀ ଏବଂ ଶାସକ ଦଳର ସଦସ୍ୟ ମୁହାଁମୁହିଁ ହୋଇଥିଲେ। ସଂସଦର ଶୀତ ଅଧିବେଶନ ଶେଷ ହେବାର ଦୁଇ ଦିନ ପୂର୍ବରୁ ଘଟିଥିବା ଏକ ଅପ୍ରୀତିକର ଘଟଣା ଦେଶକୁ ଲଜ୍ଜିତ କରିଥିଲା। ସଂସଦ ଭବନ ବାହାରେ ବିକ୍ଷୋଭ ବେଳେ ବିରୋଧୀ ଏବଂ ଶାସକ ଦଳ ସଦସ୍ୟ ହାତାହାତି ହୋଇଥିଲେ। ଏଠାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଧକ୍କା ଦେବାରୁ ବିଜେପିର ଦୁଇ ସାଂସଦ ଆହତ ହୋଇଥିଲେ। ଏହାକୁ ନେଇ ଦୋଷାରୋପ ରାଜନୀତି ଆରମ୍ଭ ହୋଇଯାଇଥିଲା।



## ନିର୍ବାଚନୀ ବଣ୍ଡ ରଦ୍ଦ

ଚାନ୍ଦା ସଂଗ୍ରହ ପାଇଁ ସୁପ୍ରିମକୋର୍ଟ ଆଣିଥିବା ନିର୍ବାଚନୀ ବଣ୍ଡ ଯୋଜନାକୁ ସୁପ୍ରିମକୋର୍ଟ ଫେବୃଆରୀ ୧୫ରେ ଅସାମ୍ବିଧାନିକ କହି ରଦ୍ଦ କରିଦେଇଥିଲେ। ଏହା ଲୋକଙ୍କ ସୂଚନା ଅଧିକାର କ୍ଷୁର୍ଣ୍ଣ କରୁଛି। କଳା ଟଙ୍କାକୁ ପ୍ରୋତ୍ସାହନ ଦେଉଛି ବୋଲି କହିଥିଲେ। ରାଜନୈତିକ ଦଳ ନିର୍ବାଚନୀ ଚାନ୍ଦା ଆକାରରେ ପାଉଥିବା ପାଣ୍ଠି ବାବଦରେ ଜାଣିବାର ଅଧିକାର ଲୋକଙ୍କର ଅଛି। କିନ୍ତୁ ନିର୍ବାଚନୀ ବଣ୍ଡ ଏହାର ବିରୋଧୀ ବୋଲି ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଏହି ବଣ୍ଡ ଦ୍ୱାରା ବିଜେପିକୁ ସର୍ବାଧିକ ଦାନ ମିଳିଥିଲା। କଂଗ୍ରେସ ଦ୍ୱିତୀୟ ସ୍ଥାନରେ ଥିଲା।

## ମଦ୍ରାସା ଆଇନକୁ ମୋହର

ଆହ୍ଲାବାଦ ହାଇକୋର୍ଟ ଉତ୍ତର ପ୍ରଦେଶ ମଦ୍ରାସା ଆଇନକୁ ଅସାମ୍ବିଧାନିକ ଦର୍ଶାଇ ଖାରଜ କରିଦେଇଥିଲେ। ଏହା ଧର୍ମନିରପେକ୍ଷତା ସିଦ୍ଧାନ୍ତର ଉଲ୍ଲଘଂନ କରୁଥିବା କହିଥିଲେ। ମାତ୍ର ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟ ପଲଟାଇ ଦେଇଥିଲେ। ଧର୍ମନିରପେକ୍ଷତା ଆଧାରରେ ଏକ ଆଇନକୁ ରଦ୍ଦ କରାଯାଇପାରିବ ନାହିଁ। ବୈଧାନିକ କ୍ଷମତା ବାହାରେ ହୋଇଥିଲେ କିମ୍ବା ମୌଳିକ ଅଧିକାରର ଉଲ୍ଲଂଘନ କରୁଥିଲେ ବା ଅନ୍ୟ କୌଣସି ସାମ୍ବିଧାନିକ ବ୍ୟବସ୍ଥା କାରଣରୁ ଗୋଟିଏ ଆଇନକୁ ଆଇନଗତ ପରିସର ବାହାରେ ବୋଲି ଘୋଷଣା କରାଯାଇପାରିବ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ।



## କେଜ୍ରିୱାଲ ଗିରଫ

ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଇଡି ମାର୍ଚ୍ଚ ୨୧ରେ ଗିରଫ କରିଥିଲା। ଏହାର କିଛି ମାସ ପରେ ସେହି ମାମଲାରେ ସିବିଆଇ ମଧ୍ୟ ସମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏଥିପାଇଁ ଅନେକ ଦିନ ପର୍ଯ୍ୟନ୍ତ କେଜ୍ରିୱାଲଙ୍କୁ ତିହାର ଜେଲ୍‌ରେ ରହିବାକୁ ପଡ଼ିଥିଲା। ସେ ଜାମିନ ପାଇଁ ନିମ୍ନ କୋର୍ଟରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲେ। ଶେଷରେ ସେପ୍ଟେମ୍ବର ୧୩ରେ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କୁ ଜାମିନ ଦେଇ ଇଡି ଏବଂ ସିବିଆଇକୁ ପିଞ୍ଜରା ଆବଦ୍ଧ ଶୁଆ ହୋଇ ନ ରହୁ ବୋଲି କହିଥିଲେ।



## ତିରୁପତି ଲଡ୍ଡୁ ତାତି

ବିଦାୟୀ ବର୍ଷରେ ସବୁଠୁ ଚର୍ଚ୍ଚାରେ ଥିଲା ତିରୁପତି ଲଡ୍ଡୁ ବିବାଦ। ଭଗବାନ ତିରୁପତି ବାଲାଜୀଙ୍କ ଲଡ୍ଡୁ ପ୍ରସ୍ତୁତିରେ ବ୍ୟବହୃତ ଘିଅ ଆମିଷ ଥିଲା। ଏହା ଘୁଷୁରୀ, ମେଣ୍ଢା, ଗାଈ ଚର୍ବିରୁ ପ୍ରସ୍ତୁତ କରାଯାଇଥିବା ନେଇ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଅଭିଯୋଗ କରିଥିଲେ। ମନ୍ଦିରର ପବିତ୍ରତା ନଷ୍ଟ କରିବାକୁ ପୂର୍ବତନ ଜଗନମୋହନ ରେଡ୍ଡୀ ସରକାର ଏପରି ଚକ୍ରାନ୍ତ କରିଥିବା ଅଭିଯୋଗ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଜଗନମୋହନ ଅଭିଯୋଗକୁ ଖଣ୍ଡନ କରିଦେଇଥିଲେ। ଏହି ମାମଲାର ବିଚାର କରି ସର୍ବୋଚ୍ଚ ନ୍ୟାୟାଳୟ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ତୀବ୍ର ସମାଲୋଚନା କରିଥିଲେ।

## ଇଭିଏମ୍ ବୈଧ

ଏପ୍ରିଲ ୨୬ରେ ବିରୋଧୀ ଦଳଙ୍କୁ ସୁପ୍ରିମକୋର୍ଟରୁ ବଡ ଝଟକା ଲାଗିଥିଲା। ଇଭିଏମ୍ - ଭିଭିପାଟକୁ ନେଇ ଆଗତ ସବୁ ମାମଲାକୁ ଖାରଜ କରି ଦେଇଥିଲେ। ଆଉ ଇଭିଏମକୁ ବୈଧ ଦର୍ଶାଇ ଥିଲେ। ବାଲାଟ ପେପରରେ ମତଦାନ ହେବନି ବୋଲି କହିଥିଲେ। ତେବେ ଏ ନେଇ ନିର୍ବାଚନ କମିଶନଙ୍କୁ ବଡ ନିର୍ଦ୍ଦେଶ ଦେଇଥିଲେ। ସିମ୍ବଲ ଲୋଡିଂ ପ୍ରକ୍ରିୟା ସମାପ୍ତ ହେବା ପରେ, ସିମ୍ବଲ ଲୋଡିଂ ୟୁନିଟ୍‌କୁ ସିଲ୍ କରାଯିବ। ସେଗୁଡିକୁ ୪୫ ଦିନ ପର୍ଯ୍ୟନ୍ତ ସଂରକ୍ଷଣ କରି ରଖିବାକୁ କହିଥିଲେ। ଫଳାଫଳ ବାହାରିବା ପରେ ଇଭିଏମର ଏଭଲୟୁ ଯାଞ୍ଚ ପାଇଁ ୭ ଦିନ ସମୟ ଦେଇଥିଲେ।

## ନିଶାଣାରେ ନିର୍ବାଚନ କମିଶନ

ନିର୍ବାଚନ କମିସନର ନିଯୁକ୍ତିକୁ ନେଇ କେନ୍ଦ୍ର ଏବଂ ସୁପ୍ରିମକୋର୍ଟ ମୁହାଁମୁହିଁ ହୋଇଥିଲେ। ଏ ପ୍ରସଙ୍ଗରେ କେନ୍ଦ୍ର ଆଭିମୁଖ୍ୟ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ ଉଠାଇ ସିଇସି ଏବଂ ଇସି ନିଯୁକ୍ତି ଲାଗି ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଏବଂ ସିଜେଆଇଙ୍କୁ ନେଇ କମିଟି ଗଠନ କରିଥିଲେ। ମାତ୍ର ପରେ କେନ୍ଦ୍ର ବିଲ୍ ପାସ କରାଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅକାମୀ କରିଦେଇଥିଲା। ଏହା ପରେ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ମତଦାନ ହାରରେ ତାରତମ୍ୟ, ହରିୟାଣା, ମହାରାଷ୍ଟ୍ର ନିର୍ବାଚନରେ ଇଭିଏମ ଜାଲିଆତି, ଭୋଟର ସଂଖ୍ୟା ବୃଦ୍ଧି ଆଦିକୁ ନେଇ ଇସିଙ୍କୁ ଘେରିଥିଲେ। ମାତ୍ର ଇସି ସବୁ ଅଭିଯୋଗକୁ ଖାରଜ କରିଦେଇଥିଲେ।

## ଫସିଲେ ପୁଷ୍ପାରାଜ

ଡିସେମ୍ବର ୪ ରେ ପୁଷ୍ପା-୨ ଦେଖିବାକୁ ଅଲ୍ଲୁ ଅର୍ଜୁନ ହାଇଦରାବାଦରର ଏକ ଥିଏଟରକୁ ଯାଇଥିଲେ। ଏଠାରେ ଦଳାଚକଟାରେ ନିଜ ପୁଅକୁ ତାର ପ୍ରିୟ ଅଭିନେତାଙ୍କୁ ଦେଖାଇବା ପାଇଁ ପରିବାର ସହ ଆସିଥିବା ମାଆର ମୃତ୍ୟୁ ହୋଇଥିଲା। ଏହି ମାମଲାରେ ପୁଲିସ ପୁଷ୍ପାରାଜଙ୍କୁ ୧୩ ତାରିଖରେ ତାଙ୍କ ଘରୁ ଗିରଫ କରିଥିଲା।



## ରାମ ମନ୍ଦିର ପ୍ରତିଷ୍ଠା

ଜାନୁଆରୀ ୨୨ ଅଯୋଧ୍ୟାରେ ରାମଲାଲାଙ୍କ ବିଗ୍ରହର ପ୍ରାଣ ପ୍ରତିଷ୍ଠା ହୋଇଥିଲା। ବାଳକ ରାମଙ୍କ ମୂର୍ତ୍ତିର ଉଚ୍ଚତା ୫୧ ଇଞ୍ଚ ଥିଲା। ଏହି ମନ୍ଦିର ନିର୍ମାଣ ଲାଗି ୨୦୨୦ ଅଗଷ୍ଟ ୫ରେ ଭୂମି ପୂଜା କରାଯାଇଥିଲା। ମନ୍ଦିର ନିର୍ମାଣ ଶେଷ ନ ହୋଇ ପ୍ରାଣ ପ୍ରତିଷ୍ଠା କରାଯାଇଥିବାରୁ ବିବାଦ ହୋଇଥିଲା। ୪ ପୀଠର ଶଙ୍କରାଚାର୍ଯ୍ୟ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ନ ଥିଲେ।

## ଆମେରିକାରେ ପୁଣି ଟ୍ରମ୍ପ

୨୦୨୪ ଜୁଲାଇ ୧୪। ପେନ୍ସିଲଭାନିଆର ବଟ୍ଲରରେ ନିର୍ବାଚନ ପ୍ରଚାର ଆରମ୍ଭ କରିବା ସମୟରେ ଟ୍ରମ୍ପଙ୍କ ଉପରେ ଗୁଳି ମାଡ଼ କରାଯାଇଥିଲା। ଗୋଟିଏ ଗୁଳି ତାଙ୍କ କାନ ଛୁଇଁ ବାହାରି ଯାଇଥିଲା। ରକ୍ତସ୍ରାବ ହୋଇ ଟ୍ରମ୍ପଙ୍କ ମୁହଁ ଯାକ ହୋଇଯାଇଥିଲା। ଏହା ସତ୍ତ୍ୱେ ଟ୍ରମ୍ପ ଅଟକି ନ ଥିଲେ। ହାତ ମୁଠା ଦେଖାଇ ଭୟଭୀତ ହେବେନାହିଁ ବୋଲି କହିଥିଲେ। ଏହି ଗୁଳିମାଡ଼ ଘଟଣା ଆମେରିକା ରାଷ୍ଟ୍ରପତି ନିର୍ବାଚନର ବାଜିକୁ ପଲଟାଇ ଦେଇଥିଲା। ଟ୍ରମ୍ପଙ୍କ ଐତିହାସିକ ବିଜୟ ଲାଭ କରିଥିଲେ।



## ବିଷ୍ଣୋଇ ପାଇଁ ବୋବାଲ

ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଚଳିତ ବର୍ଷ ଆତଙ୍କ ସୃଷ୍ଟି କରିଥିଲା। ଏହି ଗ୍ୟାଙ୍ଗ ଅଭିନେତା ସଲ୍‌ମାନ ଖାନ୍‌ଙ୍କୁ ହତ୍ୟା ଧମକ ଦେଇଥିଲା। ଏପ୍ରିଲ ୧୪ ସକାଳେ ବିଷ୍ଣୋଇ ଗ୍ୟାଙ୍ଗ ସଲ୍‌ମାନଙ୍କ ବାନ୍ଦ୍ରା ଆପାର୍ଟମେଣ୍ଟ ଉପରେ ଗୁଳିମାଡ଼ କରିଥିଲା। ଏହାର କିଛି ମାସ ପରେ ବିଷ୍ଣୋଇ ଗ୍ୟାଙ୍ଗ ସଲ୍‌ମାନଙ୍କ ଘନିଷ୍ଠ ତଥା ନେତା ବାବା ସିଦ୍ଦିକିଙ୍କୁ ଗୁଳି କରି ହତ୍ୟା କରିଥିଲା। ଏହାକୁ ନେଇ ମୁମ୍ବାଇରେ ଭୟର ବାତାବରଣ ଖେଳି ଯାଇଥିଲା।

## ପୁତିନ ପଞ୍ଚମ ଥର ରାଷ୍ଟ୍ରପତି

ୟୁକ୍ରେନ ସହ ଯୁଦ୍ଧ ସତ୍ତ୍ୱେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ଲୋକପ୍ରିୟତା କମ୍ ହୋଇନାହିଁ। ନିଜ ବିରୋଧୀଙ୍କୁ ଦମନ, କ୍ଷମତାରେ ରହିବା ପାଇଁ ନିୟମ ପରିବର୍ତ୍ତନ ଏବଂ ନାଟୋ ରାଷ୍ଟ୍ରଙ୍କ ସହ ମୁହାଁମୁହିଁ ହୋଇଥିବା ଥିବା ପୁତିନ ୨୦୨୪ ମାର୍ଚ୍ଚ ୧୮ ପଞ୍ଚମ ଥର ପାଇଁ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ସେ ୮୭ ପ୍ରତିଶତରୁ ଅଧିକ ଭୋଟ ହାସଲ କରିଥିଲେ। ଏହି ନିର୍ବାଚନରେ ତାଙ୍କର ସମସ୍ତ ପ୍ରତିଦ୍ୱନ୍ଦ୍ୱୀ ଅମାନତ ହରାଇ ଥିଲେ।



## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ। କଥାରେ ମଧୁରତା ରଖିବେ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରକୁ ଅତିଥିଙ୍କ ଆଗମନ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

## ଆଜିର ଇତିହାସ

- ୧୯୨୯ - ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଲାହୋରରେ ପୂର୍ଣ୍ଣ ସ୍ୱରାଜ ପାଇଁ ସଂକଳ୍ପ ନେଲେ।
- ୧୯୬୪-ଇଣ୍ଡୋନେସିଆ ଜାତିସଂଘରୁ ବହିଷ୍କୃତ ହେଲା ।
- ୧୯୮୪- ରାଜୀବ ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ହେଲେ।
- ୧୯୯୯- ଆଫଗାନିସ୍ତାନର କାନ୍ଦାହାର ବିମାନ ବନ୍ଦରରେ ଅପହୃତ ଭାରତୀୟ ବିମାନ ସହ ୧୯୦ ଯାତ୍ରୀ ମୁକ୍ତ।
- ୨୦୦୪- ବୁଏନସ୍ ଆଇରିସସ୍‌ର ଏକ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୧୯୪ ଲୋକଙ୍କ ମୃତ୍ୟୁ।



# ସରିଳା 'ହାଉସ୍‌ଫୁଲ୍-୫'ର ସୁଟିଂ

ବଲିଉଡ୍‌ର କମେଡି ଫ୍ରାଞ୍ଚାଇଜ୍ 'ହାଉସ୍‌ଫୁଲ୍' ସବୁ ବର୍ଗର ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଛି। ଇତିମଧ୍ୟରେ 'ହାଉସ୍‌ଫୁଲ-୫'କୁ ନେଇ ଏବେ ଏକ ବଡ଼ ଅପଡେଟ୍ ଆସିଛି। ସାଜିଦ୍ ନାଡିୟାଦୱାଲାଙ୍କ ପ୍ରଡକ୍ସନ୍ ହାଉସ୍ 'ନାଡିୟାଦୱାଲା ଗ୍ରାଣ୍ଡସନ୍ ଏଣ୍ଟରଟେନ୍‌ମେଣ୍ଟ' ପକ୍ଷରୁ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ସେୟାର୍ କରାଯାଇଛି। ଏହି ଫଟୋରେ ସମସ୍ତ କଳାକାର ନଜର ଆସିଛନ୍ତି। ଫଟୋର କ୍ୟାପସନ୍‌ରେ ଲେଖାଯାଇଛି, 'ହାଉସ୍‌ଫୁଲ-୫'ର ସୁଟିଂ ସରିଲା। ଜୁନ୍ ୬, ୨୦୨୫ରେ ନିକଟତମ ସିନେମାହଲ୍‌ରେ ମନଖୋଲି ହସିବା ପାଇଁ ପ୍ରସ୍ତୁତ ହୋଇଯାନ୍ତୁ।' ତରୁଣ ମନସୁଖାନି ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏଥିରେ ଅକ୍ଷୟ କୁମାର, ଚିତ୍ରାଙ୍ଗଦା ସିଂହ, ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍,ସୋନମ୍ ବାଜୱା, ସୌନ୍ଦର୍ଯ୍ୟା ଶର୍ମା, ଅଭିଷେକ ବଚ୍ଚନ, ନରଗିସ୍ ଫକରି, ଚଙ୍କି ପାଣ୍ଡେ, ସଞ୍ଜୟ ଦତ୍ତ, ରୀତେଶ ଦେଶମୁଖ, ଶ୍ରେୟସ ତଲପଡ଼େ, ଫରଦିନ୍ ଖାନ୍, ରଞ୍ଜିତ, ସଞ୍ଜୟ ଦତ୍ତ ପ୍ରମୁଖ ନଜର ଆସିବେ। 'ହାଉସ୍‌ଫୁଲ୍' ଫ୍ରାଞ୍ଚାଇଜ୍‌ର ପ୍ରଥମ ଫିଲ୍ମ ୨୦୧୦ରେ ଆସିଥିଲା। ଏହାର ସିକ୍ୱେଲ ୨୦୧୨ରେ ଆସିଥିଲା। ଏହାପରେ ୨୦୧୬ରେ ଆସିଥିଲା 'ହାଉସ୍‌ଫୁଲ୍-୩'। ୨୦୧୯ରେ ଏହାର ଚତୁର୍ଥ ଭାଗ 'ହାଉସ୍‌ଫୁଲ୍-୪' ଆସିଥିଲା।

# ଆଖିରେ ୨୭ କଣ୍ଟାକ୍ଟ ଲେନ୍ସ

ମୋତିଆବିନ୍ଦୁ ସର୍ଜରୀ ବେଳେ ବ୍ରିଟେନର ଜଣେ ୬୭ ବର୍ଷୀୟା ମହିଳାଙ୍କ ଆଖିରୁ ୨୭ଟି କଣ୍ଟାକ୍ଟ ଲେନ୍ସ ମିଳିଛି। ଯାହାକି ଆଲୋଚନାର ପ୍ରସଙ୍ଗ ପାଲଟିଛି। ସମ୍ପୃକ୍ତ ମହିଳା ଦୀର୍ଘ ୩୫ ବର୍ଷ ଧରି ମାସିକିଆ ଡିସ୍‌ପୋଜେବଲ ଲେନ୍ସ ବ୍ୟବହାର କରି ଆସୁଥିଲେ, କିନ୍ତୁ ନିୟମିତ ବ୍ୟବଧାନରେ ଚକ୍ଷୁ ପରୀକ୍ଷା କରାଉ ନ ଥିଲେ। ମହିଳାଙ୍କ ଡାହାଣ ଆଖିରୁ ମୋତିଆବିନ୍ଦୁ ସର୍ଜରୀ ପୂର୍ବରୁ ଆନାସ୍ଥେସିଆ ଦିଆଯାଇଥିଲା। ଏହି ସମୟରେ ତାଙ୍କ ଆଖି ତଳ ଭାଗରେ ନୀଳ ରଙ୍ଗର କିଛି ଜମାଟ ଦେଖିବାକୁ ମିଳିଲା। ଏହାକୁ ପରୀକ୍ଷା କରାଯିବାରୁ ସେଠାରେ ୧୭ଟି କଣ୍ଟାକ୍ଟ ଲେନ୍ସ ଥିବାର ଜଣାପଡ଼ିଥିଲା। ଏହାପରେ ପୁଣି ଥରେ ସେହି ସ୍ଥାନକୁ ମାଇକ୍ରୋସ୍କୋପ୍ ମାଧ୍ୟମରେ ପରୀକ୍ଷା କରାଯିବାରୁ ତାଙ୍କ ଆଖିରୁ ଆଉ ୧୦ଟି କଣ୍ଟାକ୍ଟ ଲେନ୍ସ ମିଳିଥିଲା। ଏହିପରି ଭାବେ ତାଙ୍କ ଆଖି ଭିତରେ ସମୁଦାୟ ୨୭ଟି କଣ୍ଟାକ୍ଟ ଲେନ୍ସ ଲୁଚି ରହିଥିଲା। ତେବେ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଆଖି ଭିତରେ ଏତେ ସଂଖ୍ୟକ କଣ୍ଟାକ୍ଟ ଲେନ୍ସ ଥିବା ସତ୍ତ୍ୱେ କେମିତି ମହିଳା ଜଣକ ଏହାକୁ ନେଇ କିଛି ସମସ୍ୟାକୁ ଜାଣିପାରିଲେ ନାହିଁ। ଅବଶ୍ୟ ଚକ୍ଷୁରେ ସାମାନ୍ୟ ସମସ୍ୟା ଓ ଶୁଷ୍କତା ଥିବା ଅଭିଯୋଗ କରିଥିବା ସେ କହିଥିଲେ। ସେହିପରି ଏହାକୁ ସେ ବୟସ ଓ ଡ୍ରାଏ ଆଇ ସିଣ୍ଡ୍ରୋମ ଭାବି ଅଣଦେଖା କରି ଦେଉଥିଲେ। ସେହିପରି ଆଖିରୁ କଣ୍ଟାକ୍ଟ ଲେନ୍ସ ବାହାର କରିବା ପରେ ଜୀବାଣୁ ସଂକ୍ରମଣ ସମସ୍ୟାକୁ ଦେଖି ଡାକ୍ତର ତାଙ୍କ ମୋତିଆବିନ୍ଦୁ ସର୍ଜରୀକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ସ୍ଥଗିତ କରିଛନ୍ତି। ଅନେକ ସମୟରେ ମହିଳା ଜଣକ ଭାବିଥାନ୍ତି, ଆଖିରୁ କଣ୍ଟାକ୍ଟ ଲେନ୍ସ ଖସି ଯାଇଛି। କିନ୍ତୁ ଏହା ଆଖି ଭିତରେ ହିଁ ଥିବା ଶେଷରେ ଜଣାପଡ଼ିଛି। ତେବେ ଏହି ଘଟଣାକୁ ଦେଖି ଡାକ୍ତର କଣ୍ଟାକ୍ଟ ଲେନ୍ସ ବ୍ୟବହାରକାରୀଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଇଛନ୍ତି। ଏହାସହ କଣ୍ଟାକ୍ଟ ଲେନ୍ସ ବ୍ୟବହାର କରୁଥିବା ଲୋକେ ମଝିରେ ମଝିରେ ଚକ୍ଷୁ ପରୀକ୍ଷା କରାଇବାକୁ କହିଛନ୍ତି।



# ବିଡ଼ି କୁମାରୀଙ୍କ ସହ କ୍ୟାନ୍ସର କୁମାରଙ୍କ ବିବାହ
## କାର୍ଡରେ ସାମାଜିକ ବାର୍ତ୍ତା




ସାମାଜିକ ଗଣମାଧ୍ୟମରେ ଅନେକ ସମୟରେ ବିବାହ ନିମନ୍ତ୍ରଣ ପତ୍ରଗୁଡ଼ିକ ଭାଇରାଲ ହୋଇଥାଏ। କେତେକ କାର୍ଡ ଏହାର ଡିଜାଇନ୍ ପାଇଁ ତ ଆଉ କେତେକ କାର୍ଡ ଏଥିରେ ଲେଖାଯାଇଥିବା ବାର୍ତ୍ତା ପାଇଁ ଚର୍ଚ୍ଚାରେ ରହିଥାଏ। ଏହି କ୍ରମରେ ଏବେ ଏକ ବିବାହ ନିମନ୍ତ୍ରଣ କାର୍ଡ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ତେବେ କାର୍ଡଟି ତା'ର ଡିଜାଇନ୍ ପାଇଁ ନୁହେଁ, ବରଂ ଲେଖା ପାଇଁ ଚର୍ଚ୍ଚା ସାଉଁଟୁଛି। ଅବଶ୍ୟ ଏହି କାର୍ଡ ମାଧ୍ୟମରେ ସାମାଜିକ ବାର୍ତ୍ତା ଦିଆଯିବାକୁ ପ୍ରୟାସ କରାଯାଇଛି। କାର୍ଡରେ ଲେଖା ଯାଇଛି, 'କ୍ୟାନସର କୁମାରଙ୍କ ସହ ବିଡ଼ି କୁମାରୀ ଓରଫ୍ ସିଗାରେଟ୍ ଦେବୀଙ୍କ ବିବାହ। ତେବେ ବିଡ଼ି କୁମାରୀ ଏବଂ କ୍ୟାନସର କୁମାରଙ୍କ ବିବାହ ମାଧ୍ୟମରେ ନିଶା ଦ୍ୱାରା ହେଉଥିବା କ୍ଷତି ଓ କର୍କଟ ଭଳି ମାରାତ୍ମକ ରୋଗ ପ୍ରତି ସଚେତନତା ସୃଷ୍ଟି କରିବାକୁ ଚେଷ୍ଟା କରାଯାଇଛି। ସେହିପରି ବିବାହରେ ବନ୍ଧୁ ପରିଜନଙ୍କ ନାଁ ମଧ ଭିନ୍ନ ଶୈଳୀରେ ଲେଖା ଯାଇଛି। ଏହାବାଦ୍ ଏହା ମାଧ୍ୟମରେ ବୁଝାଇବାକୁ ଚେଷ୍ଟା କରାଯାଇଛି ଯେ, ନିଶା କେବଳ ବ୍ୟକ୍ତି ନୁହେଁ ବରଂ ପୂରା ପରିବାର ଏବଂ ସମାଜକୁ ପ୍ରଭାବିତ କରିଥାଏ। ବିବାହର କାର୍ଡର ଉପରେ ବଡ଼ ବଡ଼ ଅକ୍ଷରରେ ଲେଖା ଯାଇଛି, 'ମାରାତ୍ମକ ବିବାହ, ସରଳ ବରଯାତ୍ରୀ।' ସବୁଠୁ ମଜାଦାର କଥା ହେଲା, ଏଠାରେ ନିବାସରେ ୪୨୦ ଯମଲୋକ ହାଉସ୍, ଦୁଃଖ ନଗର ଲେଖାଯାଇଥିବାବେଳେ ବିବାହସ୍ଥଳ ଶ୍ମଶାନ ଘାଟ ବୋଲି ଉଲ୍ଲେଖ ଅଛି। ନିଶା ବିରୋଧରେ ସଚେତନତା ପାଇଁ ଅନେକ ଲୋକ ଏହି ପରିକଳ୍ପନାକୁ ବେଶ୍ ପସନ୍ଦ କରିଛନ୍ତି।




# ନିଜେ ତିଆରି କରନ୍ତୁ ଅଠାଳିଆ ଯନ୍ତା



ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଯୋଗୁଁ ଫସଲରେ ବିଭିନ୍ନ ରୋଗପୋକ ଲାଗିବା ଦ୍ୱାରା ଅମଳ ହ୍ରାସ ପାଉଛି। ଏହାଦ୍ୱାରା ଚାଷୀଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡୁଛି। ତେଣୁ ଫସଲରୁ ପୋକ ନିୟନ୍ତ୍ରଣ ପାଇଁ ନିଜେ ଚାହିଁଲେ ଘରେ ଅଠାଳିଆ ଯନ୍ତ୍ର ତିଆରି କରିପାରିବେ।

ରାସାୟନିକ ସାର ଓ କୀଟନାଶକ ତୁଳନାରେ, ଘରେ ଅଠାଳିଆ ଯନ୍ତା ତିଆରି କରିବା ସବୁଠୁ ସହଜ। ଏଥିପାଇଁ ଅଧିକ ଖର୍ଚ୍ଚ ହୁଏନାହିଁ।

ରଙ୍ଗିନ କାଗଜ ପ୍ରତି କୀଟ ଅଧିକ ଆକର୍ଷିତ ହୁଅନ୍ତି। ସେଥିପାଇଁ ପ୍ରଥମେ ହଳଦିଆ, ନୀଳ, ସବୁଜ ରଙ୍ଗର ପେପର ନିଅନ୍ତୁ। ଅଠା ଏବଂ ଏକ କାଠ ପଟା ମଧ ଆବଶ୍ୟକ। ରଙ୍ଗିନ କାଗଜର ଦୁଇ ପାର୍ଶ୍ୱରେ ଅଠା ଲଗାଇ ଏହାକୁ କାଠ ପଟାରେ ସଠାଇ ଦିଅନ୍ତୁ । ଏହାପରେ ଯନ୍ତାଟିକୁ ନେଇ ଜମିରେ ରଖିଦେଇ ଆସନ୍ତୁ। ଧ୍ୟାନ ରଖନ୍ତୁ, ଅଠାଯୁକ୍ତ ରଙ୍ଗିନ ପେପରକୁ ଫସଲର ପାଖାପାଖି ଏକ ଫୁଟ ଉଚ୍ଚରେ ଲଗାଇବା ଉଚିତ। ଏକ ଏକର ଜମିରେ ମୋଟ୍ ୮ଟି ଅଠାଳିଆ ଯନ୍ତା ବସାଇ ପାରିବେ। ଏହି ରଙ୍ଗିନ କାଗଜ ପ୍ରତି କୀଟ ଆକର୍ଷିତ ହୋଇ ଉଡ଼ିଆସନ୍ତି। କାଗଜରେ ଥିବା ଅଠାରେ ଲାଖିଯାଆନ୍ତି। ଗୋଟିଏ ଅଠାଳିଆ ଯନ୍ତା ତିଆରି ପାଇଁ ମାତ୍ର ୨୦ରୁ ୩୦ ଟଙ୍କା ଖର୍ଚ୍ଚ ହୋଇଥାଏ।

# ଶୀତ ଲହରୀରେ ପ୍ରାଣୀଙ୍କ ଯତ୍ନ

ଶୀତଋତୁରେ ପ୍ରାଣୀମାନଙ୍କଠାରେ ଅନେକ ସମସ୍ୟା ଦେଖାଯାଇଥାଏ। ଏହି ଦିନରେ ଅଧିକ ଥଣ୍ଡା ବୃଦ୍ଧି ଯୋଗୁଁ ଦୁଗ୍ଧ ଉତ୍ପାଦନ ହ୍ରାସ ପାଇଥାଏ। କ୍ଷୀର ଦେଉଥିବା ଗାଈ ତଥା ମଇଁଷି ରୋଗଗ୍ରସ୍ତ ହୋଇଯାଆନ୍ତି। ତା'ସହିତ କ୍ଷୀର ଦେବା ବନ୍ଦ କରିଦିଅନ୍ତି। ପ୍ରାଣୀଙ୍କ ଦେହରେ ଟିଙ୍କ ବା ଉକୁଣି ପୋକ ଅଧିକ ସମସ୍ୟା ସୃଷ୍ଟି କରିଥାନ୍ତି। ସେମାନେ ଶରୀରରୁ ରକ୍ତ ଶୋଷିବା ସହିତ ଚର୍ମରୋଗ ସୃଷ୍ଟି କରାଇଥାନ୍ତି। ଚର୍ମ କୁଣ୍ଡେଇହେବା ସହିତ ଚକଳା ଚକଳା ଘା' ହୋଇଯାଇଥାଏ। ତେବେ ଶୀତଦିନେ ପ୍ରାଣୀଙ୍କ ପାଇଁ କେଉଁ ରୋଗ ଘାତକ ସାଜେ ତଥା ଏହି ସମୟରେ କିପରି ପ୍ରାଣୀଙ୍କ ଯତ୍ନ ନେବେ, ଜାଣିରଖନ୍ତୁ।

**ଖୋଲାରେ ବାନ୍ଧନ୍ତୁନି:** ଅଧିକ ଥଣ୍ଡା ଯୋଗୁଁ ପ୍ରାଣୀଙ୍କ ପ୍ରଜନନ ଶକ୍ତି ପ୍ରଭାବିତ ହୋଇଥାଏ। ରୋଗାକ୍ରାନ୍ତ ଯୋଗୁଁ ପ୍ରାଣୀ ଚାରା ଖାଇବା କମ୍ କରିଦିଅନ୍ତି। ଏହାର ପ୍ରଭାବ ସିଧାସଳଖ ଦୁଗ୍ଧ ଉତ୍ପାଦନ ଉପରେ ପଡ଼େ। ତେଣୁ ଏପରି ସମସ୍ୟାରୁ ପ୍ରାଣୀଙ୍କୁ ସୁସ୍ଥ ତଥା ନୀରୋଗ ରଖିବାକୁ ଥଣ୍ଡାବାୟୁ ପ୍ରକୋପରୁ ସୁରକ୍ଷା ଦେବା ଜରୁରି। ସକାଳର କଅଁଳିଆ ଖରାରେ ପ୍ରାଣୀଙ୍କୁ ବାନ୍ଧିପାରିବେ। ଏହି ସମୟରେ କେବେ ବି ଖୋଲା ସ୍ଥାନରେ ବାନ୍ଧନ୍ତୁନି। ଏହାଦ୍ୱାରା ପ୍ରାଣୀ ଥଣ୍ଡା ବାୟୁ ସମ୍ପର୍କରେ ଆସି ଜ୍ୱରରେ ପଡ଼ନ୍ତି। ଜ୍ୱର ଲକ୍ଷଣ ଅତି ସହଜରେ ଜଣାପଡୁନଥିବାରୁ ଚିକିତ୍ସା କରିବାରେ ସମସ୍ୟା ହୋଇଥାଏ ମଧ୍ୟ। ଘୁମେଇକି ରହିବା, ଖାଇବା କମାଇବା ଆଦି ଲକ୍ଷଣ ଦେଖାଯାଏ। ଏପରି ସମସ୍ୟା ଦେଖିଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ।

**ଦୁଇବେଳା ଦିଅନ୍ତୁ ଧୂଆଁ:** ଗୁହାଳ ତଥା ପ୍ରାଣୀ ରହୁଥିବା ସ୍ଥାନକୁ ସଫା ତଥା ଶୁଷ୍କ ରଖନ୍ତୁ। ବାହାରର ଥଣ୍ଡା ବାୟୁ ଯେପରି ଗୁହାଳକୁ ପ୍ରବେଶ ନ କରିବ, ସେଥିପାଇଁ ଝରକା ତଥା ଫାଙ୍କା ସ୍ଥାନକୁ ଅଖା କିମ୍ବା କମ୍ବଳରେ ଢାଙ୍କିବା ଜରୁରି। ସକାଳ ଓ ସନ୍ଧ୍ୟାବେଳା ଧୂଆଁ ଦେଇପାରିବେ। ଏହାଦ୍ୱାରା ମଶା, ମାଛି, କୀଟ ଓ ପତଙ୍ଗଙ୍କ ପ୍ରାଦୁର୍ଭାବ ଦୂର ହୋଇଥାଏ।



**ଖାଦ୍ୟପେୟରେ ପରିବର୍ତ୍ତନ:** ହଠାତ୍ ଖାଦ୍ୟପେୟରେ ପରିବର୍ତ୍ତନ ନ କରି ଗାଈ ତଥା ମଇଁଷି ଦେଉଥିବା କ୍ଷୀରର ପରିମାଣ ଅନୁଯାୟୀ ଖାଦ୍ୟ ଦେବା ଉଚିତ। ସବୁଜ ଖାଦ୍ୟ ଖାଇଲେ ସେମାନଙ୍କଠାରେ ରୋଗପ୍ରତିରୋଧକ ତଥା ଥଣ୍ଡା ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଖାଦ୍ୟ ସହିତ ଧାତବ ଲବଣ ବା ମିନେରାଲ ମିକ୍ସର ଦେବାକୁ ଭୁଲନ୍ତୁନି।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ନିୟମିତ ଫସଲରେ ପୋକ ଓ ରୋଗର ସର୍ବେକ୍ଷଣ କରନ୍ତୁ। ସେହି ଅନୁଯାୟୀ ଉପଯୁକ୍ତ ସୁରକ୍ଷା ପଦକ୍ଷେପ ନିଅନ୍ତୁ।
- ବାଇଗଣରେ ଫଳ ଓ କାଣ୍ଡବିନ୍ଧାପୋକର ନିୟନ୍ତ୍ରଣ ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ନିମ୍ବତେଲ ୧୫୦୦ ପିପିଏମ୍ @ ୬୦୦ ମିଲି ସିଞ୍ଚନ କରନ୍ତୁ।
- ଆଳୁ ଫସଲରେ ଜଉପୋକ ଓ ସବୁଜ ପତ୍ରଡିଆଁ ପୋକର ପ୍ରାଥମିକ ଅବସ୍ଥାରେ ପରିଚାଳନ ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ୍ ଆଜାଡିରାକ୍ଟିନ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଫୁଲକୋବି ଫସଲରେ ବୋରନ ଅଣୁସାର ଜନିତ ସମସ୍ୟାର ପରିଚାଳନା ପାଇଁ ୪ କିଗ୍ରା ବୋରକ୍ସକୁ ଶେଷ ଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ।
- ଶୀତଋତୁରେ ମାଛମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀଜନିତ ରୋଗ ଦେଖାଯାଏ। ଏହାର ନିରାକରଣ ପାଇଁ ଏକର ପୋଖରୀ ପ୍ରତି ସିଫାକ୍ସ ୪୦୦ ମିଲି ୪୦ ଲିଟର ପାଣିରେ ମିଶାଇ ବିଶୋଧନ କରନ୍ତୁ। ମାଛମାନଙ୍କୁ ତେଲ ପିଡ଼ିଆ ଖାଇବାକୁ ଦିଅନ୍ତୁ।



# ପିଆଜ ଚାରାର ପରବର୍ତ୍ତୀ ଯତ୍ନ

**ଆମ ରାଜ୍ୟର ଜଳବାୟୁକୁ ଦୃଷ୍ଟିରେ ରଖି ଅଧିକାଂଶ ପିଆଜ ଚାଷ କରନ୍ତି। ଏହି ଚାଷ ପାଇଁ ଡିସେମ୍ବରରୁ ଜାନୁଆରୀ ଉପଯୁକ୍ତ ସମୟ। ଏହି ସମୟରେ ଚାରାକୁ ମୁଖ୍ୟ ଜମିରେ ଲଗାଯାଇଥାଏ। ତେବେ ପିଆଜ ଚାରା ରୋପଣର ପରବର୍ତ୍ତୀ ଯତ୍ନ କିପରି ନେବେ, ଧ୍ୟାନ ଦିଅନ୍ତୁ।**

ହେକ୍ଟର ପ୍ରତି ୧୨- କିଗ୍ରା. ଯବକ୍ଷାରଜାନ, ୬୦କିଗ୍ରା. ଫସ୍‌ଫରସ୍ ଏବଂ ୬୦ କିଗ୍ରା. ପଟାସ ସାର ଆବଶ୍ୟକ। ଅନୁମୋଦିତ ଯବକ୍ଷାରଜାନ ଏବଂ ପଟାସ ଜାତୀୟ ସାରର ଅଧା ଏବଂ ସମୁଦାୟ ଫସ୍‌ଫରସ୍ ସାରକୁ ମୂଳସାର ରୂପେ ତଳି ରୋଇବାର ୨ ଦିନ ଆଗରୁ ମାଟିରେ ଭଲ ଭାବେ ମିଶାଇ ଦିଆଯାଇଥାଏ। ବଳକା ଥିବା ଅଧା ଯବକ୍ଷାରଜାନ ଏବଂ ପଟାସ ସାରକୁ ୨ ଭାଗ କରି ତଳି ରୋଇବାର ୨୫ରୁ ୩୦ ଦିନ ମଧ୍ୟରେ ଥରେ ଏବଂ ୪୦ରୁ ୪୫ ଦିନ ମଧ୍ୟରେ ଦ୍ୱିତୀୟ ଥର ପ୍ରୟୋଗ କରି ମାଟିକୁ ଭଲଭାବେ ଖୁସାଇ ଦିଅନ୍ତୁ।



ଶୀତଦିନିଆ ପିଆଜ ଫସଲ ପାଇଁ ପାଗ ଦେଖି ଜମିରେ ପାଣି ମଡ଼େଇବାକୁ ପଡ଼ିଥାଏ। ପିଆଜର ଖାଦ୍ୟ ସଂଗ୍ରହକାରୀ ଚେର ମାଟିର ଉପରି ଭାଗରେ ରହୁଥିବାରୁ ଜମି ସର୍ବଦା ଓଦା ରହିବା ଦରକାର। ଗଛ ବଢ଼ିବା ସମୟରେ ଅଧିକ ବ୍ୟବଧାନରେ କମ୍ ଥର ଏବଂ ପିଆଜ ଫୁଲିବା ସମୟରେ କମ୍ ବ୍ୟବଧାନରେ ଅଧିକଥର(ଲଗାଇବାର୬୦ ଦିନରୁ ୧୧୦ ମଧ୍ୟରେ) ପାଣି ମଡ଼ାଇବା ଆବଶ୍ୟକ। ପତ୍ର ହଳଦିଆ ପଡ଼ି ଆସିବାର ୧୫-୨୦ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରିଦେବା ଉଚିତ।

ପିଆଜ ଫସଲକୁ କିସମ ଅନୁଯାୟୀ ଲଗାଇବାର ୪ରୁ ୫ ମାସ ମଧ୍ୟରେ ଅମଳ କରାଯାଇଥାଏ। ଗଛ ଶୁଖିଯିବା ପୂର୍ବରୁ ଫସଲର ଶତକଡ଼ା ୬୦ରୁ ୭୦ ଭାଗ ପତ୍ର ହଳଦିଆ ହୋଇ ଝୁଲି ପଡ଼ିଲେ ପିଆଜ ଅମଳ ଯୋଗ୍ୟ ହୋଇଥାଏ। ଉପରୁ ୨.୫ରୁ ୩ ସେମି ରଖି ଅଗ ଓ ସମୁଦାୟ ଚେର କାଟି ଦିଆଯାଏ।

# ପରାଜୟରୁ କଳିଙ୍ଗ ଲାନ୍ସର୍ସର ଅଭିଯାନ

**ହକି ଇଣ୍ଡିଆ ଲିଗ୍**



ରାଉରକେଲା, ୩୦ା୧୨(ସମିସ): ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍) ଷଷ୍ଠ ସଂସ୍କରଣରେ କଳିଙ୍ଗ ଲାନ୍ସର୍ସ ଏଥର ପରାଜୟରୁ ଅଭିଯାନ ଆରମ୍ଭ କରିଛି। ସୋମବାର ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳାଯାଇଥିବା ମୁକାବିଲାରେ ଲାନ୍ସର୍ସ ତା'ର ପ୍ରଥମ ମ୍ୟାଚ୍‌ରେ ୧-୩ ଗୋଲରେ ୟୁପି ରୁଦ୍ରସ୍‌ଠାରୁ ପରାସ୍ତ ହୋଇଛି। ପ୍ରଥମ କ୍ୱାର୍ଟରର ୧୩ ମିନିଟ୍‌ରେ ଏନରିକ ଗୋଞ୍ଜାଲେଜ୍ ଫିଲ୍ଡ ଗୋଲ ଦେଇ ଲାନ୍ସର୍ସକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହାପରେ ରୁଦ୍ରସ ପ୍ରତ୍ୟାବର୍ତ୍ତନ କରି ୩ଟି ଗୋଲ ଦେଇ ବାଜି ମାରିଥିଲା। ତୃତୀୟ କ୍ୱାର୍ଟର ଶେଷ ହେବା ପୂର୍ବରୁ ୪୫ତମ ମିନିଟ୍‌ରେ ରୁଦ୍ରସ୍‌ର କେନ୍ ରସେଲ ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ୍ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଏହାପରେ ୫୦ତମ ମିନିଟ୍‌ରେ ସୁଦୀପ ଚିରମାକୋ ଫିଲ୍ଡ ଗୋଲ ଦେଇ ରୁଦ୍ରସକୁ ୨-୧ ଗୋଲରେ ଅଗ୍ରଣୀ କରାଇଥିଲେ। ଶେଷରେ ଅନ୍ତିମ ମୁହୂର୍ତ୍ତରେ କେନ୍ ରସେଲ ପେନାଲ୍ଟି କର୍ଣ୍ଣର ଜରିଆରେ ବ୍ୟକ୍ତିଗତ ଭାବେ ଦ୍ୱିତୀୟ ଗୋଲ ଦେଇ ରୁଦ୍ରସ୍‌କୁ ବିଜୟୀ କରାଇଥିଲେ। ବଲ୍ ପଜେସନ୍‌ରେ ରୁଦ୍ରସ ସାମାନ୍ୟ ଆଗରେ ରହିଥିଲେ ମଧ୍ୟ ଲାନ୍ସର୍ସ ସର୍କଲ ଏଣ୍ଟ୍ରି ଓ ସଟ୍‌ରେ ଆଗରେ ରହିଥିଲା। ଲାନ୍ସର୍ସ ୨୭ଥର ଓ ରୁଦ୍ରସ୍ ୨୪ଥର ପ୍ରତିପକ୍ଷ ସର୍କଲ ଏଣ୍ଟ୍ରି କରିଥିଲା। କିନ୍ତୁ ଲାନ୍ସର୍ସ ଏହାର ଫାଇଦା ଉଠାଇପାରି ନଥିଲା। ରୁଦ୍ରସ ୩ ଓ ଲାନ୍ସର୍ସ ଗୋଟିଏ ପେନାଲ୍ଟି କର୍ଣ୍ଣର ପାଇଥିଲା। ଲାନ୍ସର୍ସ ତା'ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୩ ତାରିଖରେ ତାମିଲନାଡୁ ଡ୍ରାଗନ୍ସ ବିପକ୍ଷରେ ଖେଳିବ।

**ପ୍ୟାରି ଖାଖାଙ୍କ ହ୍ୟାଟ୍ରିକ୍**

## ମାଳଦ୍ୱୀପକୁ ୧୪-୦ରେ ହରାଇଲା ଭାରତ

ବେଙ୍ଗାଲୁରୁ, ୩୦ା୧୨(ଏଜେନ୍ସି): ଓଡ଼ିଆ ମହିଳା ଫରୱାର୍ଡ ପ୍ୟାରୀ ଖାଖାଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତ ସୋମବାର ଖେଳାଯାଇଥିବା ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲାରେ ମାଳଦ୍ୱୀପକୁ ୧୪-୦ ଗୋଲରେ ପରାସ୍ତ କରିଛି। ସ୍ଥାନୀୟ ପାଦୁକୋନ- ଦ୍ରାବିଡ୍ ସେଣ୍ଟର ଫର ସ୍ପୋର୍ଟ୍ସ ଏକ୍ସିଲେନ୍ସଠାରେ ଅନୁଷ୍ଠିତ ଏହି ସମ୍ପୂର୍ଣ୍ଣ ଏକପାଖିଆ ମ୍ୟାଚ୍‌ରେ ପ୍ୟାରୀ ୮ ମିନିଟ୍‌ରେ ୩ଟି ଗୋଲ୍ ସ୍କୋର କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ସେ ୭ମ, ଅଷ୍ଟମ ଓ ୧୫ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ ଓ ଦ୍ୱାଦଶ ମିନିଟ୍‌ରେ ଲିଣ୍ଡା କୋମ୍‌ଙ୍କୁ ଗୋଲ ଦେବାରେ ମଧ୍ୟ ଆସିଷ୍ଟ କରିଥିଲେ। ଜାନୁଆରୀ ୨ରେ ଦୁଇ ଦଳ ଏହି ଗ୍ରାଉଣ୍ଡରେ ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍‌ରେ ଅନ୍ୟମାନଙ୍କ ମଧ୍ୟରେ ଲିଣ୍ଡ କୋମ୍ ୧୨, ୨୧, ୨୯ ଓ ୫୨ ମିନିଟ୍‌ରେ ୪ଟି ଗୋଲ ସ୍କୋର କରିଥିଲେ। ସେହିପରି ନେହା ୧୬ ଓ ୪୪, ସଙ୍ଗୀତା ବାସଫୋର ୫୧, ରଞ୍ଜନା ଚାନୁ ୫୪, କାଜଲ ଡିସୌଜା ୫୯ ଓ ୬୬, ରିମ୍ପା ହାଲଦାର ୬୨ ମିନିଟ୍‌ରେ ଗୋଲ ଦେଇ ଭାରତକୁ ବୃହତ୍ ବିଜୟ ପ୍ରଦାନ କରିଥିଲେ।

**୨୦୨୪ର ଶ୍ରେଷ୍ଠ ଖେଳାଳି ପୁରସ୍କାର**

## ଦୌଡ଼ରେ ବୁମ୍‌ରା

ନୂଆଦିଲ୍ଲୀ, ୩୦ା୧୨(ଏଜେନ୍ସି): ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଟେଷ୍ଟ କ୍ରିକେଟ ଇତିହାସର ପ୍ରଥମ ବୋଲର ଭାବେ ଗ୍ୟାରୀଫିଲ୍ଡ ସୋବର୍ସ ଟ୍ରଫି ଫର ମେନ୍ସ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏ ନେଇ ସୋମବାର ଘୋଷଣା କରିଛି। ବୁମ୍‌ରାଙ୍କ ସମେତ ଅଷ୍ଟ୍ରେଲୀୟ ବ୍ୟାଟର ଟ୍ରାଭିସ ହେଡ, ଇଂଲଣ୍ଡ ବ୍ୟାଟର ହ୍ୟାରୀ ବ୍ରୁକ୍ ଓ ଜୋ ରୁଟ୍ ମଧ୍ୟ ଏହି ପୁରସ୍କାର ପାଇଁ ନୋମିନେଟ୍ ହୋଇଛନ୍ତି। ୨୦୨୪ରେ ବୁମ୍‌ରା ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ନିଜ ପ୍ରଦର୍ଶନ ବଳରେ ସେ ଭାରତକୁ ୱେଷ୍ଟଇଣ୍ଡିଜ ଓ ଆମେରିକାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ରେ ଚାମ୍ପିଅନ କରାଇ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ। ଟେଷ୍ଟ ଫର୍ମାଟରେ ମଧ୍ୟ ସେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଛନ୍ତି। ୩୧ ବର୍ଷୀୟ ବୁମ୍‌ରା ୧୩ଟି ଟେଷ୍ଟ ଖେଳି ୧୪.୯୨ ହାରରେ କ୍ୟାରିୟର ଶ୍ରେଷ୍ଠ ୭୧ଟି ୱିକେଟ ନେଇଛନ୍ତି। ସେ ୮ଟି ଟି-୨୦ ମ୍ୟାଚ୍ ଖେଳି ୮.୨୬ ହାରରେ ଓ ୪.୧୭ ଇକୋନୋମି ରେଟ୍‌ରେ ୧୫ଟି ୱିକେଟ ହାସଲ କରିଛନ୍ତି। ବୁମ୍‌ରା ଏପର୍ଯ୍ୟନ୍ତ ଭାରତ ପାଇଁ ୪୩ ଟେଷ୍ଟ, ୮୯ ଦିନିକିଆ ଓ ୭୦ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି।

**ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ସ୍ୱାଗତଙ୍କ ଶତକ**

## ଓଡ଼ିଶା-ୟୁପି ମ୍ୟାଚ୍ ଡ୍ର'

କଟକ, ୩୦ା୧୨(ସମିସ): ଗ୍ୱାଲିୟରର କ୍ୟାପ୍ଟେନ ରୁପ ସିଂହ ଷ୍ଟାଡିୟମରେ ଖେଳାଯାଉଥିବା ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଓଡ଼ିଶା ଏବଂ ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ୍ ଡ୍ର ରହିଛି। ଫଲୋଅନ ପାଇ ଦ୍ୱିତୀୟ ପାଳି ଖେଳୁଥିବା ଓଡ଼ିଶା ସଂଘର୍ଷପୂର୍ଣ୍ଣ ପରିସ୍ଥିତିରେ ଏଠାରେ ପରାଜୟରୁ ମୁକୁଳିଛି। ଅଧିନାୟକ ସ୍ୱାଗତ ସୌରଭ ମିଶ୍ର ଶତକୀୟ ଇନିଂସ ଖେଳି ଦଳକୁ ବର୍ତ୍ତାଇଥିଲେ। ଅନ୍ୟପକ୍ଷରେ ଉତ୍ତରପ୍ରଦେଶ ବିପକ୍ଷ ଏହି ଅନ୍ତିମ ଲିଗ୍‌କୁ ଡ୍ର ରଖି ଓଡ଼ିଶା ୧ ପଏଣ୍ଟ ହାସଲ କରିଛି। ୫ଟି ମ୍ୟାଚ୍‌ରୁ ୧୮ ପଏଣ୍ଟ ପାଇଥିବା ଓଡ଼ିଶା ପଏଣ୍ଟ ଟେବଲର ୩ୟ ସ୍ଥାନରେ ରହି ପ୍ରତିଯୋଗିତାରୁ ବାଦ୍ ପଡ଼ିଛି। ଅନ୍ତିମ ମ୍ୟାଚ୍‌ରେ ଉତ୍ତରପ୍ରଦେଶର ପ୍ରଥମ ଇନିଂସ୍ ୪୨୨ରନରେ ସୀମିତ ରହିବା ପରେ ଓଡ଼ିଶା ୧୭୧ରନରେ ଅଲଆଉଟ ହୋଇଥିଲା। ସ୍ୱାଗତ ୧୫୪ବଲରୁ ୧୧୩ରନର ଅଧିନାୟକ ଇନିଂସ ଖେଳି ଦଳକୁ ପରାଜୟରୁ ରକ୍ଷା କରିଥିଲେ।

**ଆନ୍ତଃବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ**

## କିଟ୍ ମହିଳା ଦଳ ତୃତୀୟ



ଭୁବନେଶ୍ୱର, ୩୦ା୧୨(ସମିସ): ଏଠାରେ ଚାଲିଥିବା ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟର ମହିଳା ଦଳ ଓଭରଅଲ ତୃତୀୟ ସ୍ଥାନରେ ରହିଛି। ମହିଳା ଖେଳାଳିମାନେ ୧୦ଟି ପଦକ ବିଜୟୀ ହୋଇଛି। ଏହା ମଧ୍ୟରେ ୫ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୩ କାଂସ୍ୟ ପଦକ ରହିଛି। ଆସୋସିଏସନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ସମଗ୍ର ଭାରତବର୍ଷରୁ ୬, ୦୦୦ ଆଥଲେଟ୍ ଅଂଶଗ୍ରହଣ କରିଥିଲେ। ଖେଳ ଶେଷରେ ଆୟୋଜିତ ଉତ୍ସବରେ ପ୍ରଫେସର ଅଚ୍ୟୁତ ସାମନ୍ତ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ କ୍ରୀଡ଼ାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ୍, ଓଡ଼ିଶା ଆଥଲେଟିକ ସଂଘ ଟେକ୍ନିକାଲ କମିଟି ଅଧ୍ୟକ୍ଷ ପ୍ରବୋଧ ମହାନ୍ତି, ଓଡ଼ିଶା ଆଥଲେଟିକ୍ସ ପ୍ରୋଜେକ୍ଟ ହେଡ କୋଚ୍ ସଞ୍ଜୟ ଗଡ଼ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ମେଲ୍‌ବୋର୍ଣ୍ଣରେ ଭାରତର ଲଜ୍ଜାଜନକ ପରାଜୟ

ମେଲବୋର୍ଣ୍ଣ, ୩୦ା୧୨(ଏଜେନ୍ସି): ବ୍ୟାଟରଙ୍କ ଦାୟିତ୍ୱହୀନ ବ୍ୟାଟିଂ ଓ ନାଟକୀୟ ବିପର୍ଯ୍ୟୟ ଯୋଗୁଁ ଏଠାରେ ସୋମବାର ଶେଷ ହୋଇଥିବା ଚତୁର୍ଥ ଟେଷ୍ଟରେ ଅଷ୍ଟ୍ରେଲିଆ ନିକଟରୁ ୧୮୪ ରନ୍‌ରେ ପରାଜିତ ହୋଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫିରେ ଅଷ୍ଟ୍ରେଲିଆ ୨-୧ରେ ଅପରାଜେୟ ଅଗ୍ରଣୀ ରହିଛି। ଏହି ମ୍ୟାଚ୍‌ରେ ୬ଟି ୱିକେଟ ନେବା ସହ ଗୁରୁତ୍ୱପୂର୍ଣ୍ଣ ୪୯ ଓ ୪୧ ରନ୍ କରିଥିବା ଘରୋଇ ଦଳର ଅଧିନାୟକ ପ୍ୟାଟ କମିନ୍ସଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ପରାଜୟ ଫଳରେ ଭାରତର ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ କ୍ରମାଗତ ତୃତୀୟଥର ପ୍ରବେଶ କରିବା ଆଶା ମଉଳିଯାଇଛି। ଅନ୍ୟପକ୍ଷରେ ଏହି ବିଜୟ ସହ ଅଷ୍ଟ୍ରେଲିଆ ଫାଇନାଲରେ ଦକ୍ଷିଣ ଆଫ୍ରିକା ସହ ଖେଳିବା ଆଶା ଉଜ୍ଜୀବିତ କରିଛି। ସିରିଜ୍‌ର ୫ମ ତଥା ଶେଷ ଟେଷ୍ଟ ଆସନ୍ତାବର୍ଷ ସିଡ୍‌ନୀରେ ଜାନୁଆରୀ ୩ରୁ ଖେଳାଯିବ।

### ଦାୟିତ୍ୱହୀନ ନା ଧୈର୍ଯ୍ୟହରା ବ୍ୟାଟିଂ

ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସକୁ ୨୩୪ ରନ୍‌ରେ ଅଟକାଇବା ପରେ ଭାରତ ଆଗରେ ୩୪୦ ରନ୍‌ର ଅସମ୍ଭବ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ଓ ରୋହିତ ଶର୍ମା ରକ୍ଷଣାତ୍ମକ ଖେଳିଥିଲେ। ଏପରିକି ୪୦ତମ ବଲ୍ ଖେଳିବା ପରେ ରୋହିତ (୯) ଧୈର୍ଯ୍ୟ ହରାଇ ଅଫ୍‌ଷ୍ଟମ୍ପ୍ ବାହାର ବଲ୍‌କୁ ଖେଳି ସ୍ଲିପ୍‌ରେ ଆଉଟ ହୋଇଥିଲେ। ଏହି ଓଭରରେ ଲୋକେଶ ରାହୁଲ ମଧ୍ୟ ଖାତା ଖୋଲିବା ପୂର୍ବରୁ ପାଭିଲିୟନ ଫେରିଗଲେ। କୋହଲି ମଧ୍ୟ ପ୍ରତିପକ୍ଷ ବୋଲରଙ୍କୁ ସହଯୋଗ କରି ୨୯ ବଲ ଖେଳିବା ସତ୍ତ୍ୱେ ୫ ରନ୍ କରି ଆଉଟ ହେଲେ। ୩୪୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପଞ୍ଚମ ଦିନ ଲଞ୍ଚ୍ ସୁଦ୍ଧା ୩୩ ରନ୍‌ରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା।



**ଅଷ୍ଟ୍ରେଲିଆର ୨-୧ରେ ସିରିଜ୍ ଆଗୁଆ**
**ପ୍ୟାଟ କମିନ୍ସ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି**
**ଜୟସ୍ୱାଲ, ପନ୍ତ୍ ଆଶା ଦେଲେ, ହରାଇଲେ**
**୩୪ ରନ୍‌ରେ ଭାରତ ହରାଇଲା ୭ ୱିକେଟ**
**ଜାନୁଆରୀ ୩ରୁ ୫ମ ତଥା ଶେଷ ଟେଷ୍ଟ**

### ଜୟସ୍ୱାଲ-ପନ୍ତ ଲଢ଼ିଲେ, ୱିକେଟ ଫିଙ୍ଗି ଭାରତକୁ ହରାଇଲେ

କୋହଲିଙ୍କ ଆଉଟ ପରେ ଯଶସ୍ୱୀ ଜୟସ୍ୱାଲ ଓ ଋଷଭ ପନ୍ତ୍ ଲଞ୍ଚ ଶେଷ ଓ ଟି' ସୁଦ୍ଧା ଆଉଟ ନହୋଇ ଲଢୁଆ ଖେଳିବା ସହ ମ୍ୟାଚ୍ ଡ୍ର ରଖିବାର ଆଶା ଦେଲେ। କିନ୍ତୁ ଶ୍ରେଷ୍ଠ ବ୍ୟାଟର ଭାବେ ପ୍ରଭାବ ଦେଖାଇବାକୁ ଯାଇ ଉଭୟ ଖେଳାଳି ୱିକେଟ ଫିଙ୍ଗି ପାଭିଲିୟନ ଫେରିଗଲେ। ଏମାନଙ୍କ ୮୮ ରନ୍‌ର ପାର୍ଟନରସିପ୍ ଯୋଗୁଁ ଏକଦା ୩ ୱିକେଟରେ ୩୩ ରନ୍‌ରେ ଥିବା ଭାରତ ୩ ୱିକେଟରେ ୧୨୧ ରନ୍ କରି ଭଲ ସ୍ଥିତିରେ ଥିଲା। କାମଚଳା ସ୍ପିନର ଟ୍ରାଭିସ୍ ହେଡ୍‌ଙ୍କୁ ଏକ ବଡ଼ ସଟ୍ ମାରିବାକୁ ଯାଇ ପନ୍ତ୍ ଆଉଟ ହେବା ସହ ଭାରତର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୫ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଦଳର ଶେଷ ୭ ୱିକେଟ୍ ୩୪ ରନ୍‌ରେ ପଡ଼ିଥିଲା। ଜୟସ୍ୱାଲ ସର୍ବାଧିକ ୮୪ ଓ ପନ୍ତ୍ ୩୦ ରନ୍ କରିଥିଲାବେଳେ ଅନ୍ୟମାନଙ୍କ ସ୍କୋର ଟେଲିଫୋନ ନମ୍ବର ଭଳି ହୋଇଥିଲା।




■ **ଆନ୍ତଃରାଜ୍ୟ କନିଷ୍ଠ ଏବଂ ଯୁବ ଟିଟି**

## ରାଜ୍ୟ ଟିଟି ଦଳ ଘୋଷିତ

କଟକ, ୩୦ା୧୨(ସମିସ): ଗୁଜରାଟର ଭଦୋଦରାରେ ୮୬ତମ ଆନ୍ତଃରାଜ୍ୟ କନିଷ୍ଠ ଏବଂ ଯୁବ ଜାତୀୟ ଟେବଲ ଟେନିସ ଚାମ୍ପିଅନସିପ୍ ଖେଳାଯିବ। ଭିଏସ୍‌ପିଏଫ ସାମା ଇଣ୍ଡୋର ସ୍ପୋର୍ଟସ କମ୍ପ୍ଲେକ୍ସରେ ଆସନ୍ତା ୩ରୁ ୧୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ରାଜ୍ୟ ଟେବଲ ଟେନିସ ସଂଘ ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି। ଘୋଷିତ ବାଳିକା ଦଳରେ ଶ୍ୱେତପଦ୍ମା ଦଳାଇ, ସାକ୍ଷୀ ଭଗତ, ଉର୍ଜା ବର୍ମା, ଅଙ୍କିତା ଦଳାଇ, ଜୋୟା ଖାନ, ଏମବିବି ପଣ୍ଡା ସ୍ଥାନ ପାଇଥିବା ବେଳେ ସିଲକି ମହାନ୍ତି ଅତିରିକ୍ତ ଖେଳାଳି ଭାବେ ଦଳରେ ରହିଛନ୍ତି। ସେହିପରି ପୁରୁଷ ଦଳରେ ଜିଜ୍ଞାସୁ ସାହୁ, ଜିଜ୍ଞାସୁ ସାଇ କିରଣ ପ୍ରଧାନ, ରୁଦ୍ର ଗୌଡ଼, ରତିକାନ୍ତ ଗୌଡ଼, ମହମ୍ମଦ ଜିସାନ, ଫରାଜ ରାଜା, ଅବୁ ଏସ୍ ତାଜି ରହିଛନ୍ତି। ପ୍ରଶିକ୍ଷକ ରାଜ ସୁବ୍ରମଣ୍ୟମ, ସମ୍ବିତ ଦାସ, ଅଙ୍କିତା ଖାଙ୍କ ସମେତ କୈଳାସ ଚନ୍ଦ୍ର ଭଗତ ମ୍ୟାନେଜର ଏବଂ ହରିକ୍ରିଷ୍ଣା ଅମ୍ପାୟାର ଭାବେ ଦଳ ସହ ଯାତ୍ରା କରିଛନ୍ତି। ଖେଳାଳିମାନଙ୍କୁ ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଶୁଭେଚ୍ଛା ଜଣାଇଛନ୍ତି।

■ **ରାଜ୍ୟ ଜୁଡୋ ଆସୋସିଏସନ ନିର୍ବାଚନ**

## ଅସିତ୍ ସଭାପତି, ଗୀତାଞ୍ଜଳି ସମ୍ପାଦିକା

ଭୁବନେଶ୍ୱର, ୩୦ା୧୨(ସମିସ): ଓଡ଼ିଶା ରାଜ୍ୟ ଜୁଡୋ ସଂଘ (ଓସ୍‌ଜା) ବାର୍ଷିକ ସାଧାରଣ ବୈଠକ୍‌ରେ ୨୦୨୪ରୁ ୨୦୨୮ ବର୍ଷ ପାଇଁ ନୂଆ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଯୁବ ଶିଳ୍ପପତି ଅସିତ୍ କୁମାର ପ୍ରଧାନ ନୂଆ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଗୀତାଞ୍ଜଳି ପଣ୍ଡା ଦୀର୍ଘ ୮ ବର୍ଷ ପରେ ସମ୍ପାଦକ ପଦକୁ ଫେରିଛନ୍ତି। ପୂର୍ବ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମିଶ୍ର ଉପ- ସଭାପତି, ଲୋପାମୁଦ୍ରା ପତି ଯୁଗ୍ମ ସମ୍ପାଦିକା, ଶ୍ରାଦ୍ଧାଞ୍ଜଳି




ପଣ୍ଡା କୋଷାଧ୍ୟକ୍ଷା ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ କମିଟିକୁ ଜ୍ଞାନରଞ୍ଜନ ମହାନ୍ତି, ସୁବାଷ ଚନ୍ଦ୍ର ବେହେରା, ଚନ୍ଦ୍ରଶେଖର ବାହୁକ, ବିନାଶ କୁମାର ମିଶ୍ର, ଏସ୍ଏ ରେହାନ, ଦେବେନ୍ଦ୍ର କୁମାର ଜୈନ ମନୋନୀତ ହୋଇଛନ୍ତି। ଲକ୍ଷ୍ମୀଧର ବେହେରା, ରାକେଶ କୁମାର ବେହେରା, ସୁଧାଂଶୁ କୁମାର ପଣ୍ଡା, ସଦସ୍ୟ ମନୋନୀତ ହୋଇଛନ୍ତି। କନ୍ଦନ ମୁର୍ମୁଙ୍କୁ ଓସ୍‌ଜାର ଟେକନିକାଲ ଅଧ୍ୟକ୍ଷ ମନୋନୀତ କରାଯାଇଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS